ଚିଲିକାର ପରିବେଶ



Environment of Chilika Lagoon

Digitized by srujanika@gmail.com

ଚିଲିକାର ପରିବେଶ

(ଚିଲିକାର ପ୍ରାକୃତିକ ପରିବେଶ ଓ ପରିସଂସ୍ଥାନ ଉପରେ ଛାତ୍ରଛାତ୍ରୀଙ୍କ ଶିକ୍ଷାପାଇଁ ଉଦ୍ଦିଷ୍ଟ)

ଲେଖକ:

ଚିଲିକା ଅଞ୍ଚଳର ଶିକ୍ଷକ ଓ ଶିକ୍ଷୟତ୍ରୀ ବୃନ୍ଦ

୨୦୦୨

ପ୍ରକାଶକ:

ପଲ୍ଲିଶ୍ରୀ ସ୍ୱେଚ୍ଛାସେବୀ ଅନୁଷ୍ଠାନ, ୧୩୭-ଧର୍ମବିହାର, ଭୁବନେଶ୍ୱର

Printed by

PALLISHREE, 137- Dharmavihar, Bhubaneswar

ବୈଷୟିକ ସହାୟତା:

ଚିଲିକା ଉନ୍ନୟନ କର୍ତ୍ତୃପକ୍ଷ, ଭୁବନେଶ୍ୱର ଓ ଆର୍. ସି. ଜେ, ଜାପାନ

Technical Support:

CDA, Bhubaneswar & RCJ, JAPAN

ଆର୍ଥିକ ସହାୟତା:

ଜେ.ଏଫ୍.ଜି.ଇ, ଜାପାନ

Financial Support:

JFGE, JAPAN

ମୁଦ୍ରଣ ଶ୍ରୀ ଗୁରୁ ଗୋପାଳ ପ୍ରେସ, ଭୁବନେଶ୍ୱର [illegible]

Digitized by srujanika@gmail.com

ଉପକ୍ରମଣିକା

ଉକ୍ତ ପୁସ୍ତିକାଟି ଚିଲିକାର ପରିବେଶ ଉପରେ ଆଧାରିତ ଓ ସ୍ଥାନୀୟ ଶିକ୍ଷକମାନଙ୍କଦ୍ୱାରା ପ୍ରସ୍ତୁତ କରାଯାଇଛି । ପରବର୍ତ୍ତୀ ସମୟରେ ବିଭିନ୍ନ ଶିକ୍ଷାବିତ୍‌ମାନଙ୍କ ଦ୍ୱାରା ପରିମାର୍ଜିତ କରାଯାଇ ମୁଦ୍ରିତ ହୋଇଛି । ଚିଲିକାର ଉତ୍ପତ୍ତିକୁ ନେଇ ଭିନ୍ନ ଭିନ୍ନ ମତାମତ ଥିଲେ ମଧ୍ୟ ଏହା ସତ୍ୟ ଯେ ଏସିଆ ମହାଦେଶର ସର୍ବବୃହତ୍ତମ ଲୁଣାହ୍ରଦଟି ବଙ୍ଗୋପସାଗରର ଅଂଶବିଶେଷ । ଏହାର ନାମକରଣ ସମ୍ପର୍କୀୟ ବିଭିନ୍ନ ଲୋକକଥା ଓ କିମ୍ବଦନ୍ତୀମାନ ରହିଛି । ତନ୍ମଧ୍ୟରୁ ଲକ୍ଷାଧିକ ସାମୁଦ୍ରିକ ଚିଲମାନଙ୍କର ବାସ ସ୍ଥାନର ଇଲାକାରୁ ଏହା ଚିଲ ଇଲାକା ଏବଂ ସର୍ବଶେଷରେ ଚିଲିକା ହୋଇଥାଇପାରେ ବୋଲି ବିଶ୍ୱାସ କରାଯାଏ ।

ଜୈବ ବିଭିନ୍ନତାର ଉତ୍କୃଷ୍ଟକ୍ଷେତ୍ର ଚିଲିକା ହ୍ରଦଟିରେ ବିଭିନ୍ନ ଦିଗରୁ ବହୁ ଗବେଷଣା ହୋଇଥିଲେ ହେଁ ଏହା ମାତ୍ର ଶତକଡା ୧୦ଭାଗ । ଦିନକୁଦିନ ନୂଆ ନୂଆ ଉଦ୍ଭିଦ, ଜଳଜୀବ ଦୃଷ୍ଟିଗୋଚର ହେବା ସହ କିଛି ଜୀବ ପ୍ରାକୃତିକ ପରିବର୍ତ୍ତନ ଅଥବା ପରିବେଶ ଅବକ୍ଷୟ ସହ ନିଶ୍ଚିହ୍ନ ହୋଇଯାଇଛନ୍ତି । ଯଥା ବରକୁଦିଆ ପାଦହୀନ ସରୀସୃପ, ମାଛରଙ୍କା ବାଘ, କାଳିଗଉଡୁଣୀ ପକ୍ଷୀ ଇତ୍ୟାଦି । ତେଣୁ ଏଠାରେ ପ୍ରଶ୍ନ ଉଠୁଛି ଯେ ଅନେକ ପ୍ରାକୃତିକ ସମ୍ପଦ ଦୃଷ୍ଟିଗୋଚର ହେବା ପୂର୍ବରୁ ଲୋପପାଇଯାଇଛି କି ? ତେଣୁ ଏହାର ସଂରକ୍ଷଣ କ୍ଷେତ୍ରରେ ଆମ୍ଭମାନଙ୍କ ଏବଂ ପରବର୍ତ୍ତି ବଂଶଧରମାନଙ୍କର ଭୂମିକା ଗୁରୁତ୍ୱପୂର୍ଣ୍ଣ ।

ଏହି ପୁସ୍ତିକାଟି ଛାତ୍ର ଛାତ୍ରୀମାନଙ୍କ ପାଇଁ ଉଦ୍ଧିଷ୍ଟ । ଚିଲିକାର ପ୍ରାକୃତିକ ବିଭବର ସୁରକ୍ଷା ସମ୍ପର୍କରେ ଛାତ୍ରସମାଜ ଚେଷ୍ଟିତବାନ୍ ହେଲେ ଏହି ପୁସ୍ତିକାର ଯଥାର୍ଥତା ଲୋକଲୋଚନକୁ ଆସିବ । ଏହାକୁ ଲୋକଲୋଚନକୁ ଆଣିବା ପାଇଁ ଆର୍ଥିକ ସହାୟତା ଯୋଗାଇଛନ୍ତି ଜେ. ଏଫ୍. ଜି. ଇ., ଜାପାନ । ବୈଷୟିକ ସହାୟତା ଯୋଗାଇଛନ୍ତି ଚିଲିକା ଉନ୍ନୟନ କର୍ତ୍ତୃପକ୍ଷ, ଭୁବନେଶ୍ୱର ଓ ଆର୍.ସି.ଜେ., ଜାପାନ । ଏହି ପୁସ୍ତିକାଟିକୁ ରଚନା କରିବାରେ ଯେଉଁ ଶିକ୍ଷକ ବନ୍ଧୁ ତଥା ଶିକ୍ଷାବିତ୍‌ମାନେ ଅଂଶଗ୍ରହଣ କରିଛନ୍ତି ସେମାନଙ୍କୁ ଆମେ ଅଶେଷ ଧନ୍ୟବାଦ ଜଣାଉଛୁ ।

ଏହି ପୁସ୍ତିକାଟିର ସଦୁପଯୋଗ ହୋଇପାରିଲେ ଶ୍ରମ ସାର୍ଥକ ହେବା ସଙ୍ଗେ ସଙ୍ଗେ ଚିରସ୍ମରଣୀୟ ହୋଇ ରହିପାରିବ । ଏହି ପୁସ୍ତିକା ପ୍ରସ୍ତୁତିରେ ଅଂଶଗ୍ରହଣ କରିଥିବା ଅନୁଷ୍ଠାନ ଓ ବ୍ୟକ୍ତିବିଶେଷଙ୍କୁ ଧନ୍ୟବାଦ ଦେଇ ପରିଶେଷରେ ଚିଲିକା ପରିବେଶ ପାଇଁ ଆପ୍ରାଣ ଉଦ୍ୟମ କରିଥିବା ପୁଣ୍ୟପ୍ରାଣ ସ୍ୱର୍ଗତଃ ବାଙ୍କ ବିହାରି ଦାସଙ୍କ ଅମର ଆତ୍ମା ଉଦ୍ଦେଶ୍ୟରେ ଉତ୍ସର୍ଗ କରୁଛୁ ।

ଦୁର୍ଗା ପ୍ରସାଦ ଦାଶ

ସଂପାଦକ, ପଲ୍ଲିଶ୍ରୀ, ଭୁବନେଶ୍ୱର

Digitized by srujanika@gmail.com

ଉପଦେଷ୍ଟା ମଣ୍ଡଳୀ

୧. ଶ୍ରୀ ସୁଦର୍ଶନ ଜେନା, ଶିକ୍ଷା ନିରିକ୍ଷକ, କୃଷ୍ଣପ୍ରସାଦ ବ୍ଲକ, ପୁରୀ
୨. ଶ୍ରୀ କେଟୁ ଚରଣ ଜେନା, ପ୍ରଧାନ ଶିକ୍ଷକ, ବାସୁଦେବ ଉଚ୍ଚ ବିଦ୍ୟାଳୟ, ବାଘମୁଣ୍ଡା
୩. ଶ୍ରୀ ଧରଣୀ ଧର ଢାଲି, ଶିକ୍ଷକ, ଚିଲିକା ଉଚ୍ଚ ବିଦ୍ୟାଳୟ, ଆଲୁପାଟଣା
୪. ଶ୍ରୀ ଅନ୍ତର୍ଯ୍ୟାମୀ ମିଶ୍ର, ଅଧ୍ୟାପକ ରକ୍ମିଣୀ ଦେବୀ ଚିଲିକା ମହାବିଦ୍ୟାଳୟ, ଚିଲିକା ନୂଆପଡ଼ା
୫. ଶ୍ରୀ ପବିତ୍ର ମୋହନ ଦାସ, ଅଧ୍ୟାପକ, ପଞ୍ଚାୟତ ବୈଷୟିକ ଶିକ୍ଷା ମହାବିଦ୍ୟାଳୟ, ସାତପଡ଼ା
୬. ଶ୍ରୀ ବାଇଧର ଜେନା, ପ୍ରଧାନ ଶିକ୍ଷକ, ସାତପଡ଼ା ପ୍ରାଥମିକ ବିଦ୍ୟାଳୟ, ସାତପଡା
୭. ଶ୍ରୀ ପୂର୍ଣ୍ଣଚନ୍ଦ୍ର ମିଶ୍ର, ଶିକ୍ଷକ ଚିଲିକା ମ.ଇ.ବିଦ୍ୟାଳୟ, ନୂଆପଡ଼ା
୮. ଶ୍ରୀ ରାଜକିଶୋର ଜେନା, ଶିକ୍ଷକ, ନୂଆପଡ଼ା କେନ୍ଦ୍ର ପ୍ରାଥମିକ ବିଦ୍ୟାଳୟ, ଚିଲିକା ନୂଆପଡା
୯. ଶ୍ରୀ ଶତ୍ରୁଘ୍ନ ବିଶ୍ୱାଳ, ଶିକ୍ଷକ, ଜହ୍ନିକୁଦା ପ୍ରାଥମିକ ବିଦ୍ୟାଳୟ, ଜହ୍ନିକୁଦା
୧୦. ଶ୍ରୀ ହୃଦାନନ୍ଦ ଜେନା, ପ୍ରଧାନ ଶିକ୍ଷକ, ଚିଲିକା ମ.ଇ.ବିଦ୍ୟାଳୟ, ନୂଆପଡା
୧୧. ଶ୍ରୀ ପଦ୍ମ ଚରଣ ପ୍ରଧାନ, ପ୍ରଧାନ ଶିକ୍ଷକ, ଚର୍ଚ୍ଚିକା ୟୁ.ଜି.ମ.ଇ. ବିଦ୍ୟାଳୟ, ଗୁରୁବାଇ
୧୨. ଶ୍ରୀ ଅର୍ଜ୍ଜୁନ ସେଠୀ, ପ୍ରଧାନ ଶିକ୍ଷକ, ମୋହନ ଗୋସାମୀ ମ.ଇ. ବିଦ୍ୟାଳୟ, ଚିଲିକା
୧୩. ଶ୍ରୀ ଭାଗୀରଥୀ ମାଝୀ, ସହକାରୀ ଶିକ୍ଷକ, ଚର୍ଚ୍ଚିକା ଉ.ପ୍ରା. ବିଦ୍ୟାଳୟ
୧୪. ଶ୍ରୀ ସୁବାସ ଚନ୍ଦ୍ର ଜେନା, ଶିକ୍ଷକ, ଚିଲିକା ଉଚ୍ଚ ବିଦ୍ୟାଳୟ, ଆଲୁପାଟଣା
୧୫. ଶ୍ରୀ ତ୍ରିଲୋଚନ ଜେନା, ପ୍ରଧାନ ଶିକ୍ଷକ, ଖଟିସାହି ମ.ଇ. ବିଦ୍ୟାଳୟ, ଖଟିସାହି
୧୬. ଶ୍ରୀ ନବଘନ ତରେଇ, ଶିକ୍ଷକ, ନୂଆଗାଁ ପ୍ରାଥମିକ ବିଦ୍ୟାଳୟ, ନୂଆଗାଁ
୧୭. ଶ୍ରୀ ବୁଦ୍ଧିମାନ ଜେନା, ସହକାରୀ ଶିକ୍ଷକ, ଖଟିସାହି ପ୍ରାଥମିକ ବିଦ୍ୟାଳୟ, ଖଟିସାହି

Digitized by srujanika@gmail.com

ପ୍ରସ୍ତାବନା

ଚିଲିକାର ପରିବେଶ ସୁରକ୍ଷା ଏବଂ ଏହାର ଉନ୍ନତି ସମ୍ପର୍କରେ ଛାତ୍ରଛାତ୍ରୀ ତଥା ସ୍ଥାନୀୟ ଅଧିବାସୀମାନଙ୍କ ଶିକ୍ଷାଦାନର ଆବଶ୍ୟକତାକୁ ପୂରଣ କରିବା ନିମନ୍ତେ ଚିଲିକା ଉନ୍ନୟନ କର୍ତ୍ତୃପକ୍ଷଙ୍କ ସହଯୋଗରେ ପଲ୍ଲିଶ୍ରୀ ଅନୁଷ୍ଠାନ ଦ୍ୱାରା ଏକ ପାଠ୍ୟ ପୁସ୍ତକ ପ୍ରଚଳନ ନିମନ୍ତେ ୨୦୦୧ ମସିହାରେ ପ୍ରସ୍ତାବ ଗ୍ରହଣ କରାଯାଇଥିଲା ।

ସ୍ଥାନୀୟ ଶିକ୍ଷା ଅନୁଷ୍ଠାନମାନଙ୍କରେ କାର୍ଯ୍ୟରତ ଶିକ୍ଷକ/ଶିକ୍ଷୟତ୍ରୀମାନଙ୍କର ଏକ କର୍ମଶାଳା ବିଭିନ୍ନ ସମୟରେ ଆୟୋଜନ କରାଯାଇ ପୁସ୍ତକ ସମ୍ବନ୍ଧରେ ଆଲୋଚନା କରାଯାଇଥିଲା । ପୁନଶ୍ଚ ସ୍ଥାନୀୟ ବିଦ୍ୱାନ ବ୍ୟକ୍ତି ତଥା ଆନ୍ତର୍ଦ୍ଦେଶୀୟ ବୈଜ୍ଞାନିକମାନଙ୍କ ଗ୍ରହଣରେ ଚିଲିକାର ପରିବେଶର ଅବକ୍ଷୟ ଏବଂ ସେ ସବୁର ପୁନରୁଦ୍ଧାର ନିମନ୍ତେ ବିଭିନ୍ନ ସମୟରେ କର୍ମଶାଳାମାନ ଆୟୋଜନ କରାଯାଇ ପାଠ୍ୟପୁସ୍ତକଟିର ବିଷୟବସ୍ତୁ ସଂପର୍କରେ ପର୍ଯ୍ୟାଲୋଚନା କରାଯାଇଥିଲା । ଏ ସମସ୍ତ ଆଲୋଚନା ଓ ପର୍ଯ୍ୟାଲୋଚନାକୁ ବିଚାରକୁ ନିଆଯାଇ ଏହି ପାଠ୍ୟ ପୁସ୍ତକଟି ସମ୍ପାଦନା କରାଯାଇଅଛି । ଏଥିରେ ବହୁ ଶିକ୍ଷାବିତ୍, ଶିକ୍ଷକ ଓ ଶିକ୍ଷୟତ୍ରୀ ଭାଗ ନେଇଛନ୍ତି ।

ଏହି ପାଠ୍ୟପୁସ୍ତକଟି ଚିଲିକା ପରିବେଶ ସଂପର୍କରେ ଛାତ୍ରଛାତ୍ରୀ ତଥା ସାଧାରଣ ଜନତାଙ୍କର ଜ୍ଞାନ ଆହରଣରେ ସାହାଯ୍ୟ କରୁ । ଏହା ହିଁ ଆଶା ।

ଦୁର୍ଗା ପ୍ରସାଦ ଦାଶ
ସଂପାଦକ, ପଲ୍ଲିଶ୍ରୀ,
ଭୁବନେଶ୍ୱର

ବି:ଦ୍ର: ଲେଖାଗୁଡ଼ିକ ଲେଖକମାନଙ୍କର ନିଜସ୍ୱ । ଚିଲିକା ଉନ୍ନୟନ କର୍ତ୍ତୃପକ୍ଷ ଓ ପଲ୍ଲିଶ୍ରୀ, ଭୁବନେଶ୍ୱର ସେଥିପାଇଁ ଦାୟୀ ନୁହଁନ୍ତି ।

Digitized by srujanika@gmail.com

ସୂଚୀପତ୍ର

	ବିଷୟ	ଲେଖକ/ଲେଖିକା	ପୃଷ୍ଠା
୧.	ଚିଲିକା ହ୍ରଦ	ଶ୍ରୀ ଧରଣୀଧର ଜାଲି	୧
୨.	ଚିଲିକାର ଜଳସମ୍ପଦ	ଶ୍ରୀ ଶତ୍ରୁଘ୍ନ ବିଶ୍ୱାଳ	୬
୩.	ଚିଲିକାର ମତ୍ସ୍ୟସମ୍ପଦ ଓ ନିର୍ଭରଶୀଳ ଅଧିବାସୀ	ଶ୍ରୀ ପବିତ୍ର ମୋହନ ଦାସ	୧୧
୪.	ପକ୍ଷୀର ସମ୍ଭାର ଚିଲିକା (ପକ୍ଷୀ ଅଭୟାରଣ୍ୟ)	ଶ୍ରୀ ପଦ୍ମଚରଣ ପଧାନ	୧୮
୫.	ଚିଲିକାର ମତ୍ସ୍ୟସମ୍ପଦର କ୍ରମବିକାଶ	ଶ୍ରୀମତୀ ଗୀତା ପ୍ରଧାନ	୨୩
୬.	ଚିଲିକାର ପ୍ରାଣୀସମ୍ପଦ	ଶ୍ରୀ ନୀଳମଣି ଜାଲି	୩୦
୭.	ଉଦ୍ଭିଦ ସମ୍ପଦ	ଶ୍ରୀ ଶରତ ଚନ୍ଦ୍ର ମହାନ୍ତି	୩୫
୮.	ପରିବେଶ ପ୍ରଦୁଷଣ ଓ ତାର ପ୍ରତିକାର	ଶ୍ରୀମତୀ ଲକ୍ଷ୍ମୀପ୍ରିୟା ଡ଼ାକୁଆ	୩୮
୯.	ଜୈବ ବିଭିନ୍ନତାର ଉତ୍କୃଷ୍ଟ କ୍ଷେତ୍ର ଚିଲିକା	ଶ୍ରୀ ବାଇଧର ଜେନା	୪୨
୧୦.	ଚିଲିକା ସମ୍ପଦର ସୁରକ୍ଷା ଓ ସଦୁପଯୋଗ	ଶ୍ରୀ ପୁର୍ଣ୍ଣଚନ୍ଦ୍ର ମିଶ୍ର	୪୬
୧୧.	ଐତିହାସିକ ଓ ପର୍ଯ୍ୟଟନ କ୍ଷେତ୍ର ଚିଲିକା	ଶ୍ରୀ କେଳୁଚରଣ ଜେନା	୫୬

Digitized by srujanika@gmail.com

ଚିଲିକା ହ୍ରଦ

ଶ୍ରୀ ଧରଣୀ ଧର ଜାଲି, ଶିକ୍ଷକ

ଚିଲିକା ହାଇସ୍କୁଲ, ଆଲୁପାଟଣା, ଚିଲିକା

ଚିଲିକାର ଉତ୍ପତ୍ତି

ଚିଲିକା ଉତ୍କଳୀୟ ପ୍ରାକୃତିକ ଶୋଭାରାଜିର ଏକ ସ୍ୱର୍ଣ୍ଣାଭସ୍ୱାକ୍ଷର, ଓଡିଶାର ଉପକୂଳବର୍ତ୍ତୀ ଅଞ୍ଚଳର ପ୍ରାଣକେନ୍ଦ୍ରରେ ଅବସ୍ଥିତ- ପ୍ରକୃତି ସୃଷ୍ଟି ଉକ୍ତ ହ୍ରଦ ପ୍ରଚୁର ପ୍ରାକୃତିକ ଶୋଭା ସୌନ୍ଦର୍ଯ୍ୟରେ ପରିପୂର୍ଣ୍ଣ। ଏହି ପ୍ରସିଦ୍ଧ ହ୍ରଦକୁ ଆକୃଷ୍ଟ ହୋଇ ପରିବେଶବିତ୍ ତଥା ବୈଜ୍ଞାନିକମାନେ ଧାଇଁ ଆସନ୍ତି ତା ପାଖକୁ ତାର ଅବସ୍ଥିତି, ଜଳ, ପରିବେଶ ଓ ଉତ୍ପତ୍ତିକୁ ନେଇ ପରୀକ୍ଷା, ନିରୀକ୍ଷା କରିବା ପାଇଁ। ଏହି ହ୍ରଦ ପୂର୍ବ ଉପକୂଳର ଗୋଟିଏ ବନ୍ଦର ରୂପେ କାର୍ଯ୍ୟ କରୁଥିଲା ଏବଂ ଏଠାରୁ ବ୍ୟବସାୟିକ ଜାହାଜମାନ ଜାଭା, ମାଲୟେସିଆ ଓ ଶ୍ରୀଲଙ୍କା ଆଦି ଦ୍ୱିପକୁ ଯାତାୟତ କରୁଥିଲା।

ଏହି ହ୍ରଦର ଉତ୍ପତ୍ତି ସମ୍ପର୍କରେ ଅନେକଗୁଡିଏ ମତ ମଧ ରହିଛି। ତିନିଜଣ ପ୍ରସିଦ୍ଧ ଐତିହାସିକ ଏହାର ଉତ୍ପତ୍ତି ସମ୍ବନ୍ଧରେ ସେମାନଙ୍କର ମତ ବ୍ୟକ୍ତ କରିଛନ୍ତି।

(୧) ଐତିହାସିକ ହଣ୍ଟର ସାହେବ(ହଣ୍ଟର ୧୮୭୭)ଙ୍କ ମତରେ:- "ନଦୀମାନଙ୍କରୁ ପ୍ରବାହିତ ପଟୁମାଟି ବହୁପରିମାଣରେ ଗଚ୍ଛିତ ହେବାଦ୍ୱାରା ସମୁଦ୍ରର ଶଯ୍ୟା ଅଗଭୀର ହୋଇ ଚିଲିକାର ସୃଷ୍ଟି ହୋଇଛି"।

(୨) ବ୍ଲାନଫୋର୍ଟ ବର୍ଣ୍ଣନା କରିଛନ୍ତି ଯେ, ଏହି ହ୍ରଦ ସମୁଦ୍ରର ଏକ ଅଂଶ ଓ ଏହା ସ୍ୱଳ୍ପ ଗଭୀର ଯାହାକି ଗଞ୍ଜାମ ନିକଟରେ ଥିବା ପାହାଡକୁ ଘେରିଥିବା ଏକ ଉପସାଗର ଏବଂ ଏହା ଦାକ୍ଷିଣାତ୍ୟ ମୌସୁମୀ ବାୟୁ ଦ୍ୱାରା ସୃଷ୍ଟି ବାଲିବନ୍ଧ ଦ୍ୱାରା ସମୁଦ୍ରରୁ ବିଚ୍ଛିନ୍ନ ହୋଇଅଛି।

(୩) ଭେଙ୍କଟ୍‌ରନମ୍ (୧୯୭୦)ଙ୍କ ଭାଷାରେ "ସାମୁଦ୍ରିକ ଜୀବମାନଙ୍କର ଜୀବାଶ୍ମରୁ ଜଣାଯାଏ ଏହା ଏକ ଉପସାଗର। ସମୁଦ୍ରର ଦାକ୍ଷିଣାତ୍ୟ ଅଞ୍ଚଳରେ ଅବସ୍ଥିତ ପାଲୁର ପାହାଡକୁ ମୁହଁ କରିଥିବା ସମୁଦ୍ରର ଢାଲୁଗିରି ଚୂଡା ଉପରେ ଶାମୁକାମାନେ ଦୃଷ୍ଟିଗୋଚର ହୁଅନ୍ତି। ଉପକୂଳ ଅତିକ୍ରମ ସମୟରେଏହା ନିଶ୍ଚୟ ଏକ ଉପସାଗର ହୋଇଥିବ। ଏହା ସମୁଦ୍ରରୁ ବିଚ୍ଛିନ୍ନ ହୋଇ ଏହିପରି ରୂପ ନେଇଛି।

ସର୍ବାଧୁନିକ ମତବାଦ ଅନୁସାରେ, ହ୍ରଦର ପୂର୍ବ ଦିଗରେ ଥିବା ମହାନଦୀ ଓ ପଶ୍ଚିମ ଦିଗରେ ଥିବା ଋଷିକୁଲ୍ୟା ନଦୀର ଆନୀତ ପଟୁମାଟି ବଙ୍ଗୋପସାଗରରେ ପଡି ମହୀସୋପାନ ଅଞ୍ଚଳରେ ଏକ ବାଲିବନ୍ଧ ସୃଷ୍ଟି କରି ସାଗରରୁ ବିଚ୍ଛିନ୍ନ ହୋଇ ଏହି ହ୍ରଦ ସୃଷ୍ଟି କରିଛି।

Digitized by srujanika@gmail.com

ଯାହା ହେଉନା କାହିଁକି, ଭାରତ ବର୍ଷର ପୂର୍ବ ଉପକୂଳ ମହାନଦୀ ତ୍ରିକୋଣଭୂମି ନିକଟସ୍ଥ ବଙ୍ଗୋପସାଗର କୂଳରେ ଚିଲିକା ହେଉଛି ଏକ ବୃହତାକାର ଲୁଣାଢଳ ବିଶିଷ୍ଟ ହ୍ରଦ ବା "ଜଳାଭୂମି" । ଏହି ହ୍ରଦ ଆନୁମାନିକ ୫୦୦୦ ବର୍ଷ ପୂର୍ବରୁ ବଙ୍ଗୋପସାଗରରେ ସୃଷ୍ଟି ଜୁଆର ଭଟ୍ଟା ଦ୍ୱାରା ପ୍ରତିଷ୍ଠିତ ହୋଇଥିବାର ଗବେଷଣାରୁ ଜଣାଯାଏ ।

ଭୌଗୋଳିକ ଅବସ୍ଥିତ

ମାନଚିତ୍ରକୁ ଲକ୍ଷ କର । ଆମର "ଭାତହାଣ୍ଡି" ଚିଲିକା ଏସିଆ ମହାଦେଶର ଦକ୍ଷିଣ ଭାଗରେ ଏବଂ ଭାରତର ପୂର୍ବ ଉପକୂଳରେ ଓଡିଶା ରାଜ୍ୟରେ ଅବସ୍ଥିତ । ଏହା ଏସିଆ ମହାଦେଶର ସର୍ବବୃହତ୍ତମ ଲୁଣି ଜଳପୂର୍ଣ୍ଣ ଉପହ୍ରଦ ।

ଓଡିଶାର ପୂର୍ବ ଉପକୂଳରେ ଥିବା ତିନୋଟି ଜିଲ୍ଲା ଯଥା-ପୁରୀ, ଖୋର୍ଦ୍ଧା ଓ ଗଞ୍ଜାମ ଜିଲ୍ଲାର ତଟଦେଶ ସହିତ ଏହା ସଂଲଗ୍ନ । ଏହାର ଆକାର ନାସ୍‌ପାତି ଫଳ ସଦୃଶ । ଏହା ୮୫°.୫' ରୁ ୮୫°.୩୫' ପୂର୍ବ ଦ୍ରାଘିମା ରେଖାରୁ ଓ ୧୯°.୨୮'ରୁ ୧୯°. ୫୪' ଉତ୍ତର ଅକ୍ଷାଂଶ ମଧ୍ୟରେ ଅବସ୍ଥିତ ।

ଏହାର ଦୈର୍ଘ୍ୟ ୬୪କି.ମି. ଓ ପ୍ରସ୍ଥ ୨୦କି.ମି. । ଏହାର ଆୟତନ ୧୧୬୫ବର୍ଗ କି.ମି. ମୌସୁମୀ ଋତୁରେ ହୋଇଥିବା ବେଳେ ଗ୍ରୀଷ୍ମକାଳରେ ୯୦୬ ବର୍ଗ କି.ମି. ହୋଇଥାଏ । ଏହି ହ୍ରଦ ସାତପଡାଠାରୁ ମୋଟ ଗ୍ରାମ ପର୍ଯ୍ୟନ୍ତ ଦୀର୍ଘ ୩୨କି.ମି. ପଥ ସଂକୀର୍ଣ୍ଣ ହୋଇ ବଙ୍ଗୋପସାଗରରେ ମୁହାଣ ସହିତ ମିଶିଛି ଏବଂ ସାତପଡାଠାରୁ ପଶ୍ଚିମ ଆଡକୁ ବିସ୍ତୃତ ହୋଇ ରମ୍ଭା ଓ ପାଲୁରଗଡ ନିକଟରେ ସଂକୀର୍ଣ୍ଣ ହୋଇଛି । ଏହାର ମଧ ଭାଗ ଖୁବ୍ ପ୍ରସସ୍ଥ ଓ ଦେଖିବାକୁ ସାଗର ଭଳି । ଏହାର ଦକ୍ଷିଣାଂଶରେ "ସୁନାଦ" ଓ "ସମ୍ବଲନାଶି" ଦ୍ୱୟ ବାହୁ ବିସ୍ତାର କଲାଭଳି ଚିଲିକାର ବିରାଡ ଗଣ୍ଡ ସୁନାଦ ଆଡକୁ ଲମ୍ବି ରହିଛି । ଚିଲିକା ଆଭ୍ୟନ୍ତରୀଣ ଇଲାକା ଓ ବାହ୍ୟ ଅଞ୍ଚଳରେ ଅନେକ ଦ୍ୱୀପାଞ୍ଚଳ ପ୍ରାୟ ୨୨୩ ବର୍ଗ କି.ମି. ଅଞ୍ଚଳକୁ ବିସ୍ତୃତ କରି ରହିଛି । ଏହିସବୁ ଭୂଭାଗର ମୁଖ୍ୟ ଅଞ୍ଚଳଗୁଡିକ ହେଲା:- କାଳିଜାଇ, ବରକୁଦ, ଘଣ୍ଟଶିଳା, ଚଢେଇହଗା, ନଳବଣ, ବରୁଣ ଇତ୍ୟାଦି ।

ପୁରୀ ଜିଲ୍ଲାର ବ୍ରହ୍ମଗିରି, କଣାସ, କୃଷ୍ଣପ୍ରସାଦ ବ୍ଲକ ଓ ଗଞ୍ଜାମ ଜିଲ୍ଲାର ଖଲିକୋଟ ଓ ଗଞ୍ଜାମ ବ୍ଲକ, ଖୋର୍ଦ୍ଧା ଜିଲ୍ଲାର ଚିଲିକା ବ୍ଲକ ଅଞ୍ଚଳ ଚିଲିକାକୁ ଚତୁଃପାର୍ଶ୍ୱର ଭୂଭାଗରେ ଘେରି ରହିଛନ୍ତି । "କୃଷ୍ଣପ୍ରସାଦ ବ୍ଲକ" ଚିଲିକା ଅଞ୍ଚଳର ସବୁ ବ୍ଲକଠାରୁ ବୃହତ୍ତମ ବ୍ଲକ ।

Digitized by srujanika@gmail.com

ଚିଲିକା ମଧ୍ୟରେ ଥିବା କୃଷ୍ଣପ୍ରସାଦ ବ୍ଲକ ଓଡିଶାର ପୂର୍ବ ଉପକୂଳବର୍ତ୍ତୀ ସମତଳ ଅଞ୍ଚଳର ଅଂଶ ଅଟେ । ଏହା ଏକ ସଂକୀର୍ଣ୍ଣ ଅଞ୍ଚଳ । ଏହାର ଦୈର୍ଘ୍ୟ ପ୍ରାୟ ୭୫କି.ମି. ଓ ପ୍ରସ୍ଥ ୧୨କି.ମି. । ଏହାର ମୃତ୍ତିକା ଅଳ୍ପ ଲୁଣିଆ । ଏହି ବ୍ଲକର ଅଧିକାଂଶ ଭାଗ ଚିଲିକା ମଧ୍ୟରେ ଅବସ୍ଥିତ । ଚିଲିକା ମଧ୍ୟରେ ଛୋଟ ବଡ ୨୧ଟି ଦ୍ୱୀପ ରହିଛି । ଏହି ଦ୍ୱୀପାଞ୍ଚଳଗୁଡିକୁ ନେଇ “ପାରିକୁଦ”, “ମାଲୁଦ” ଓ “ସାତପଡା” ତିନିଗୋଟି ମୁଖ୍ୟ ଅଞ୍ଚଳ ଗଠିତ । ପାରିକୁଦ ଦ୍ୱୀପଟି କେତେଗୁଡିଏ ଦ୍ୱୀପାଞ୍ଚଳକୁ ନେଇ ଗଠିତ । ସେଗୁଡିକ ହେଲା:- ମଏଁଷା-ବ୍ରହ୍ମପୁର ଦ୍ୱୀପ, ଗୁରୁବାଇ-ନୂଆପଡା ଦ୍ୱୀପ, ବରୁଣକୁଦା, ଖିରିସାହିଦ୍ୱୀପ, ବଡସୀମା ଦ୍ୱୀପାଞ୍ଚଳ ଓ ସାନସୀମା ଦ୍ୱୀପାଞ୍ଚଳ । ସେହିଭଳି ମାଲୁଦ ଅଞ୍ଚଳଟି ମାଲୁଦ ଦୀପାଞ୍ଚଳ ଓ ବଲ୍ଲକୋଟ ଦ୍ୱୀପାଞ୍ଚଳକୁ ନେଇ ଗଠିତ । ସାତପଡା ଅଞ୍ଚଳଟି ସାତପଡା, ମାଣିକପାଟଣା, ଗମ୍ଭାରୀଟୁଆ ଦ୍ୱୀପାଞ୍ଚଳକୁ ନେଇ ଗଠିତ ।

ପାରିକୁଦ ଅଞ୍ଚଳରେ ରାଜାଙ୍କ ରାଜୁତିଥିଲା ବେଳେ ମାଲୁଦ ଅଞ୍ଚଳ, ସାତପଡା ଓ ମାଣିକ ପାଟଣା ଅଞ୍ଚଳରେ ଜାଗିରଦାର ଶାସନ ଚାଲୁଥିଲା । ପାରିକୁଦକୁ ଓଡିଶାର “କଳାପାଣି” କୁହାଯାଉଥିଲା । ମଏଁଷା-ବ୍ରହ୍ମପୁର ଦ୍ୱୀପ ଚିଲିକାର ବାହ୍ୟନାଳୀ ମଧ୍ୟରେ ଥିବା ଗଭୀର ଗଣ୍ଡ ମଧ୍ୟରେ ଅବସ୍ଥିତ । ଏହା ଏକ ସ୍ୱତନ୍ତ୍ର ଟାପୁ ଯେଉଁଠାରେ ସୌର ଆଲୋକ ବ୍ୟତୀତ ବିଦ୍ୟୁତ୍ ଆଲୋକ ଓ ଟେଲିଫୋନ୍‌ର ବ୍ୟବସ୍ଥା ନାହିଁ । ଏହା ବ୍ୟତୀତ ଗମ୍ଭାରୀ- ପୋତାଡିହ ଟାପୁ ଦହିଖିଆ ନାଳୀ ସନ୍ନିକଟରେ ଅବସ୍ଥିତ ।

ମୋଟାମୋଟି ଭାବରେ ଚିଲିକା ମଧ୍ୟରେ ୧୯ ଗୋଟି ଗ୍ରାମ ପଞ୍ଚାୟତ ଓ ଗୋଟିଏ ଥାନା, ତିନିଗୋଟି ଫାଣ୍ଡି କାର୍ଯ୍ୟ କରୁଛି । ଚିଲିକା ନୂଆପଡାଠାରେ ତହସିଲ କାର୍ଯ୍ୟାଳୟ ଓ ପଞ୍ଚାୟତ ସମିତି ଅବସ୍ଥିତ । ଭୌଗୋଳିକ ଅବସ୍ଥିତ ଦୃଷ୍ଟିରୁ ଚିଲିକାର ଗଭୀରତା ଭିନ୍ନଭିନ୍ନ ସ୍ଥାନରେ ଭିନ୍ନଭିନ୍ନ ପ୍ରକାର । ଗଭୀରତା ଦୃଷ୍ଟିରୁ ଚିଲିକାକୁ ମୁଖ୍ୟତଃ ଚାରିଗୋଟି ଅଞ୍ଚଳରେ ବିଭକ୍ତ କରାଯାଇଛି ।

(୧) ଉତ୍ତରାଞ୍ଚଳ

ଏହି ଅଞ୍ଚଳର ପ୍ରସ୍ଥ ୩୦କି.ମି. । ଏହି ଅଞ୍ଚଳରେ ଦୟା, ଭାର୍ଗବୀ, ଲୁଣା ଆଦ ନଦୀମାନଙ୍କର ପଟୁମାଟି ନିଷ୍କାଷିତ ହେବା ଦ୍ୱାରା ଚିଲିକାର ଶଯ୍ୟା ଅଗଭୀର ହେଉଅଛି । ଏହାର ଗଭୀରତା ୦.୫-୧.୦ମିଟର ।

(୨) ମଧ୍ୟାଞ୍ଚଳ

ଏହି ଅଞ୍ଚଳ ଉତ୍ତରାଞ୍ଚଳଠାରୁ ଅଧିକ ଗଭୀର । ଏହାର ଗଭୀରତା ୧.୫-୨.୫ମିଟର ।

Digitized by srujanika@gmail.com

(୩) ଦକ୍ଷିଣାଞ୍ଚଳ

ଏହାର ଗଭୀରତା ୨.୫-୩.୫ମିଟର । ଏହି ଅଞ୍ଚଳ ମଧ୍ୟଦେଇ ଏକ କେନାଲ ଋଷିକୁଲ୍ୟାନଦୀ ଓ ସମୁଦ୍ର ସହିତ ସଂଯୋଗ କରୁଅଛି । ଏହି କେନାଲର ନାମ "ପାଲୁର କେନାଲ" । ଚିଲିକାର ସର୍ବ ବୃହତ୍ତମ ଗଣ୍ଡ ଏହି ଅଞ୍ଚଳରେ ଥିବା "ସୁନାଦ" ଠାରେ ଦେଖାଯାଏ । ଏହି ଅଞ୍ଚଳଟି ଅନ୍ଧାରି ମୁଲକ ନାମରେ ପରିଚିତ ।

(୪) ବାହ୍ୟନାଳୀ ଅଞ୍ଚଳ ବା ପୂର୍ବାଞ୍ଚଳ

(ଚିଲିକା ମୁହାଣ) ସାମାନ୍ୟ ବଙ୍କାପଥ ଦେଇ ପ୍ରାୟ ୩୫କି.ମି. ଗତି କଲାପରେ ଚିଲିକାର ଏହି ଅଂଶ ସମୁଦ୍ରରେ ପଡିଛି । ସାତପଡା ନିକଟସ୍ଥ ମଗର ମୁଖଠାରୁ ଅରଖକୁଦା ପର୍ଯ୍ୟନ୍ତ ଏହା ବାହାର ନାଳୀ ନାମରେ ଗତିକରି ମୋଟ ଗ୍ରାମ ନିକଟରେ ବଙ୍ଗୋପସାଗରରେ ପଡିଛି । ଏହି ଅଂଶର ଗଭୀର ଗଣ୍ଡ ଚଉବରଠାରେ ଦେଖାଯାଏ । ଚିଲିକାର ମୁହାଣ ନିକଟରେ ମାଛ ଓ ଚିଙ୍ଗୁଡି ଡିମ୍ବ ଦିଅନ୍ତି ।

ଏହି ଅନୁପମ ସୌନ୍ଦର୍ଯ୍ୟର ଅଧିକାରୀ ଚିଲିକା ହ୍ରଦ ପ୍ରକୃତିର ଏକ ସୌନ୍ଦର୍ଯ୍ୟମୟ ଗନ୍ତାଘର ହୋଇ ପଡିଛି । ଏହା ଓଡିଆ ଜନଜୀବନର ଏକ ଅବିଚ୍ଛେଦ୍ୟ ଅଙ୍ଗ ଭାବରେ ମାନ୍ୟତା ପାଇଅଛି । ଏହି ପ୍ରାକୃତିକ ସଂପଦ ମାନବ ସମାଜ ପାଇଁ ମହାନ ଅର୍ଘ୍ୟ ସଦୃଶ ।

ପ୍ରାଣୀ ଜଗତର ଉନ୍ନତତର ସ୍ଥାନ

ଚିଲିକା "ଜୈବ ବିଭିନ୍ନତାର ପରିପୃଷ୍ଟ ଏକ ଉତ୍କୃଷ୍ଟ ଆର୍ଦ୍ରଭୂମି" ଏବଂ "ରାମସର ସଂସ୍ଥିତି" ନାମରେ ଆନ୍ତର୍ଜାତିକ ସ୍ୱୀକୃତି ଲାଭ କରିଅଛି । ଚିଲିକା ହ୍ରଦର ଲୁଣାଜଳରେ ଭୌଗୋଳିକ ପରିବର୍ତ୍ତନ ସହିତ ଏହାର ଅଗଭୀର ସ୍ଥାନରେ ଖାଦ୍ୟସାର ମିଶ୍ରିତ ଗରମ ଜଳର ପ୍ରଳମ୍ବ ଯୋଗୁଁ ଏହା ଜଳଚର ପ୍ରାଣୀମାନଙ୍କ ନିମନ୍ତେ ଅଦ୍ୱିତୀୟ ପ୍ରଜନନ କ୍ଷେତ୍ରରେ ଆନ୍ତର୍ଜାତିକ ସ୍ତରରେ ଖ୍ୟାତିଲାଭ କରିଛି ।

ଚିଲିକାର ପ୍ରାଣୀ ଜଗତ ସମ୍ପର୍କରେ ଆନ୍ତର୍ଦେଶୀୟ ମତ୍ସ୍ୟ ଗବେଷଣା କେନ୍ଦ୍ର, ଜୀବବିଜ୍ଞାନ- ସମ୍ବନ୍ଧୀୟ ଭାରତୀୟ ନିରୀକ୍ଷଣ ସଂସ୍ଥା ଏବଂ ଓଡିଶା ଓ ଆନ୍ଧ୍ରପ୍ରଦେଶ ପାଠ୍ୟ ଓ ଗବେଷଣା ଅନୁଷ୍ଠାନ ଗୁଡିକ ଭିନ୍ନ ଭିନ୍ନ ସମୟରେ ଗବେଷଣା କରି ଭିନ୍ନଭିନ୍ନ ତଥ୍ୟ ପ୍ରକାଶିତ କରିଛନ୍ତି ।

ଚିଲିକା କେତେକ ପ୍ରବାସୀ ତଥା ଅଧିବାସୀୟ ପକ୍ଷୀମାନଙ୍କର ଆଶ୍ରୟସ୍ଥଳୀ । ବିଦେଶାଗତ ପକ୍ଷୀ ବିଭିନ୍ନ ଅଞ୍ଚଳରୁ ଯଥା- କାସ୍ପିୟାନ ସାଗର, ବୈକାଲ ହ୍ରଦ, ଆରଲ ସାଗର, ମଙ୍ଗୋଲିଆ, ଲାଦାଖ ଓ ହିମାଳୟ ଅଞ୍ଚଳରୁ ଚିଲିକାକୁ ଉଡିଆସିଥାନ୍ତି । ସର୍ବୋଚ୍ଚ ଭ୍ରମଣଶୀଳ ସମୟରେ ୧୬୭ ଜାତିର ଜଳଜପକ୍ଷୀ ଚିଲିକାକୁ ଆସୁଥିବାର ଚିହ୍ନଟ କରାଯାଇଛି । ସେମାନଙ୍କ ମଧ୍ୟରେ ପଟାରୀ, କୁଜିହଂସ, ଗେଣ୍ଡାଳିଆ, ଚାମଚଥଣ୍ଟିଆ, ଚକୁଆ, ପଣ୍ଡା ହଂସ, ଧଳାବାଜେଣୀ, ଗିରିଧାରୀ, କଙ୍କ, ଟିହାଲୀ, ସମୁଦ୍ରକୁଆ, ବାଲୁ ଟେଣ୍ଟେଇ, ଛୋଟ ଗଣ୍ଡୁର,

Digitized by srujanika@gmail.com

ଟେଁଟେଇ, ଗୁଣ୍ଡୁରୀ ଚଢେଇ, କୁରାଇ, ମାଛରଙ୍କା ପ୍ରଧାନ । ମୁଖ୍ୟତଃ ଚିଲିକାର 'ନଳବଣ' ଅଞ୍ଚଳରେ ପକ୍ଷୀମାନେ ଠୁଳ ହୋଇଥିବାର ଦେଖାଯାଏ । ଅନ୍ୟ କେତେକ ସ୍ଥାନରେ ମଧ୍ୟ ପକ୍ଷୀମାନେ ଦେଖାଯାନ୍ତି । ସେଗୁଡିକ ହେଲା- ଚିଲିକାର ଗେରାସର, ବରୁଣ, ଭୁଷଣ୍ଡପୁର- ମଙ୍ଗଳା ଯୋଡି ଓ କାଲୁପଡା-ସୋରଣ ।

ଚିଲିକା ହ୍ରଦରେ ଘନଜଳ ରାଶିରେ ବିଭିନ୍ନ ଜାତିର ଜଳପ୍ରାଣୀମାନଙ୍କର ବହୁଳ ଉତ୍ପାଦନ କ୍ଷମତା ଅଛି । ଚିଲିକାର ମତ୍ସ୍ୟ ସମ୍ପଦ ଉଭୟ ଲୁଣାଜଳ ଓ ମଧୁରଜଳ ମିଶ୍ରିତ ଜାତିର ଅଟନ୍ତି । ଚିଲିକାରେ ମତ୍ସ୍ୟସଂପଦ ମଧ୍ୟରେ ବିଭିନ୍ନ ପ୍ରକାର ମାଛ, ବିଭିନ୍ନ କିସମର ଚିଙ୍ଗୁଡି, କଙ୍କଡା ଓ ଶାମୁକା ଅନ୍ତର୍ଭୁକ୍ତ । ଅଳ୍ପ ସଂଖ୍ୟକ ଉଭୟଚର ଏବଂ ଜଳସର୍ପ ସମେତ ସରୀସୃପମାନେ ମଧ୍ୟ ଦେଖାଯାନ୍ତି । ଚିଲିକାରେ ଦେଖାଯାଉଥିବା ପ୍ରାଣୀମାନଙ୍କ ମଧ୍ୟରେ ୩୭ ପ୍ରକାର ସରୀସୃପ, ୧୮ ପ୍ରକାର ସ୍ତନ୍ୟପାୟୀ, ୬୧-ପ୍ରକାର କେଞ୍ଚୁଆ, ୩୭-ପ୍ରକାର ଝିଆ ଜାତୀୟ, ୧୩୬-ପ୍ରକାର ଗେଣ୍ଡା ଓ ଶାମୁକା ଜାତୀୟ, ୨୯-ପ୍ରକାର କୃମି ଜାତୀୟ, ୧୫୬-ପ୍ରକାର ପକ୍ଷୀ ଓ ୨୨୫- ପ୍ରକାର ମାଛ ପ୍ରଧାନ । ଏହା ସହିତ ୨୨ ଜାତିର ଆଲଜି, ୪୩ ପ୍ରକାର ଫାଇଟୋ ପ୍ଲାଙ୍କଟନ, ୧୫୦ ପ୍ରକାର ନଳପୂର୍ଣ୍ଣ ଗଛ ଚିଲିକାରେ ଦେଖାଯାଏ । କେତେକ ଦ୍ୱୀପାଞ୍ଚଳ ଏହିସବୁ ବୃକ୍ଷ ଓ ଉଭିଦ ପାଇଁ ରମଣୀୟସ୍ଥାନ ରୂପେ ପ୍ରସିଦ୍ଧ । କେତେକ ଦୁଃଷ୍ପ୍ରାପ୍ୟ ଉଭିଦ ପୂର୍ବରୁ ଦେଖାଯାଉଥିଲେ ମଧ୍ୟ ଆଜିକାଲି ତାହା ଦେଖାଯାଉ ନାହିଁ । ସେଗୁଡିକ ମଧ୍ୟରୁ "ଡୁଗଙ୍ଗ" ଜାତିର ଜଳଜୀବ ପ୍ରଧାନ ।

ଏହା ବ୍ୟତୀତ ଭିନ୍ନ ଆକର୍ଷଣ ହେଉଛି ଡଲଫିନ୍ ମାଛ । ୬୦ ରୁ ୭୦ ଗୋଟି ଡଲଫିନ୍ ଚିଲିକାର ବିଭିନ୍ନ ଅଂଶରେ ଅଛନ୍ତି ବୋଲି ଚିନ ଏବଂ ସାଲନ୍ତି ୧୯୯୧ ମସିହାରେ ତାଙ୍କ ଗବେଷଣା ପତ୍ରରେ ଲେଖିଛନ୍ତି । ଚିଲିକା ଉନ୍ନୟନ କର୍ତ୍ତୃପକ୍ଷ ଓ ଆନ୍ତର୍ଦେଶୀୟ ଜଳାଭୂମି ସଂରକ୍ଷଣ ସଂସ୍ଥା ସେମାନଙ୍କର ଚିହ୍ନଟ କାର୍ଯ୍ୟରୁ ଜଣାଇଛନ୍ତି ଯେ, ବର୍ତ୍ତମାନ ଚିଲିକାରେ ମାତ୍ର ୧୮ଗୋଟି ଡଲଫିନ୍ ପ୍ରବେଶ ନାଳ ଓ କାଳିଜାଇ ନିକଟ ଅଞ୍ଚଳରେ ଅଛନ୍ତି । ଜଳର ପ୍ରକୃତି ବଦଳୁଥିବାରୁ ପ୍ରାଣୀମାନଙ୍କର ବିଲୟ ଦେଖାଯାଉଛି ଏବଂ ନୂତନ ଜଳଜୀବ ଓ ପ୍ରାଣୀମାନଙ୍କର ଅଭ୍ୟୁଦୟ ଦେଖାଯାଉଛି । ଚିଲିକା ହ୍ରଦର ଅଭିନବ ଜୈବାବସ୍ଥା ଯୋଗୁଁ ପକ୍ଷୀମାନେ ଆସିବାକୁ ପସନ୍ଦ କରୁନାହାନ୍ତି । ଜଳର ଗଭୀରତା କମିଯିବାରୁ ଡଲଫିନ ମାଛ କେବଳ ସଂଯୋଗ ନାଳୀ ବ୍ୟତୀତ ଅନ୍ୟଠାରେ ଦେଖାଯାଉ ନାହାନ୍ତି । ସିପକୁଦାଠାରେ ନୂଆମୁହାଣ ଖୋଲା ହେବାଦ୍ୱାରା ବର୍ତ୍ତମାନ ଚିଲିକାର ମାଛ, କଙ୍କଡା, ଚିଙ୍ଗୁଡି ଇତ୍ୟାଦିର ଉତ୍ପାଦନ ବୃଦ୍ଧି ହେଉଛି । ଚିଲିକାର ଇକୋସିଷ୍ଟମ ଦେଶର ଫୁସ୍‌ଫୁସ୍ ସଦୃଶ ।

ପ୍ରାକୃତିକ ସମ୍ପଦରେ ପରିପୂର୍ଣ୍ଣ ଏହି ହ୍ରଦଟିର ସୁରକ୍ଷା କରିବା ଆମ ସମସ୍ତଙ୍କର ଦାୟିତ୍ୱ ଏହି ହାସ୍ୟ ଲାସ୍ୟମୟୀ ଚିଲିକାର ଗୌରବ ଅକ୍ଷୁର୍ଣ୍ଣ ରଖିବା ଆମ ସମସ୍ତଙ୍କର କର୍ତ୍ତବ୍ୟ ରହିଛି । ପରିବେଶର ଅବକ୍ଷୟକୁ ଉପଲବ୍ଧି କରି ଚିଲିକା ହ୍ରଦକୁ ସୁରକ୍ଷା ପ୍ରଦାନ କରିବା ଉଭୟ ଭାରତ ସରକାର ଓ ଓଡିଶା ସରକାରଙ୍କ ଧେୟ ହେବା ଉଚିତ୍ । ଦେଶ ତଥା ରାଜ୍ୟର ସମସ୍ତ ନାଗରିକମାନେ ଚିଲିକାର ଦାୟିତ୍ୱ ପାଳନରେ ସମର୍ଥ ହେଲେ ଏହି ପ୍ରାକୃତିକ ସୌନ୍ଦର୍ଯ୍ୟ ସୁରକ୍ଷା ହୋଇପାରିବ ।

Digitized by srujanika@gmail.com

ଚିଲିକାର ଜଳସମ୍ପଦ

ଶ୍ରୀ ଶତ୍ରୁଘ୍ନ ବିଶ୍ୱାଳ, ଶିକ୍ଷକ
ଜହ୍ନିକୁଦା ପ୍ରାଥମିକ ବିଦ୍ୟାଳୟ, ଜହ୍ନିକୁଦା

" ଜଳ ହିଁ ଜୀବନ" , ପୃଥିବୀରେ ଯଦି ଜଳ ନଥାନ୍ତା ତେବେ ଆମ ଚାରିପଟର ଗଛଲତା, ଜୀବଜନ୍ତୁ ଏପରିକି ଆମେ ମଧ୍ୟ ବଞ୍ଚିପାରନ୍ତେ ନାହିଁ। ବଞ୍ଚିବା ତ ଦୂରର କଥା ଜୀବନର ଆରମ୍ଭ ହୁଏତ ହୋଇନଥାନ୍ତା।

ଜୀବନ ପାଇଁ ପାଣି

ପାଣି ବିନା ପୃଥିବୀରେ ଜୀବନ ତିଷ୍ଠି ପାରିବ ନାହିଁ। ପୃଥିବୀର ପରିବେଶକୁ ଜୀବନ ଉପଯୋଗୀ କରିବାରେ ପାଣିର ବିରାଟ ଭୂମିକା ରହିଛି। ଗଛଲତା ଓ ଜୀବଜନ୍ତୁଙ୍କର ସମସ୍ତ କାମ ପାଇଁ ଜଳ ଦରକାର। ଦେହର ବାହାର ଥଣ୍ଡା ଓ ସଫା ରଖିବା ଆଦି କାମ ପାଣି ବିନା ସମ୍ଭବ ହେବ ନାହିଁ। ଜଳ ଅଣୁଟି ବେଶ୍ ଛୋଟ ଓ ସରଳ। ଗୋଟିଏ ଅମ୍ଳଜାନ ଓ ଦୁଇଟି ଉଦ୍‌ଜାନ ପରମାଣୁରେ ଏହା ଗଠିତ। ଏହି ଜଳ ଅଣୁଗୁଡିକ ଏତେ ଛୋଟ ହୋଇଥିବାରୁ ପର୍ଯ୍ୟାୟ ସାରଣୀର ନିୟମ ଅନୁସାରେ ଏହା ବହୁତ ଥଣ୍ଡା ପର୍ଯ୍ୟନ୍ତ ବାଷ୍ପୀୟ ହୋଇ ରହିବା କଥା। କିନ୍ତୁ ଏହା ବରଫ ପାଲଟେ ୦° ସେଲସିଅସ ତାପମାତ୍ରାରେ ଓ ଫୁଟେ ୧୦୦° ସେ. ରେ। ଜଳର ତାପମାତ୍ରା ବଦଳାଇବା ପାଇଁ ମଧ୍ୟ ବହୁତ ବେଶୀ ତାପଶକ୍ତି ଦରକାର ହୁଏ। ବଡ ପରିମାଣର ତାପ ଧରି ରଖି ପାରୁଥିବାରୁ ଏବଂ ତାର ତାପମାତ୍ରା ବେଶ୍ ଧୀରେ ବଦଳୁଥିବାରୁ ପାଣି ପୃଥିବୀର ବାୟୁମଣ୍ଡଳୀୟ ତାପମାତ୍ରାକୁ ହଠାତ୍ ବଦଳିଯିବାରୁ ରକ୍ଷା କରେ।

ଆମ ଜଳସମ୍ପଦ

ପୃଥିବୀକୁ କେହି କେହି କୁହନ୍ତି ସାଗରର ଗ୍ରହ, ନୀଳ ଗ୍ରହ ବା ପାଣିର ଗ୍ରହ। ଗଭୀର ପାଣି ଓ ସମୁଦ୍ରରେ ଢାଙ୍କି ହୋଇ ରହିଥିବାରୁ ପୃଥିବୀ ମହାକାଶରୁ ନୀଳ ଦେଖାଯାଏ। ପୃଥିବୀର ସମୁଦାୟ ଜଳର ଶତକଡା ୯୭ ଭାଗରୁ ଅଧିକ ହେଉଛି ଲୁଣିଆ। ତେଣୁ ତାହା ମଣିଷ ଓ ଅଧିକାଂଶ ଅନ୍ୟ ଜୀବଙ୍କର କାମରେ ଲାଗେ ନାହିଁ। ପ୍ରାୟ ସବୁତକ ଲୁଣିପାଣି କେବଳ ସମୁଦ୍ରରେ ରହିଥାଏ। ମୋଟ ପାଣିର ବାକି ପ୍ରାୟ ତିନଶତାଂଶ ହେଉଛି ମଧୁର ଜଳ। ଏହି ମଧୁର ଜଳର ୭୭ ଶତାଂଶ ବରଫ ଅବସ୍ଥାରେ ମେରୁ ଅଞ୍ଚଳରେ ବା ଉଚ୍ଚ ପାହାଡ ଉପରେ ଜମି ରହିଥାଏ। ଆଉ ପ୍ରାୟ ୧୨ଶତାଂଶ ଅତୀ ଗଭୀରରେ ମାଟି ତଳେ ଥାଏ ଓ ୧୦ଶତାଂଶ ଉପର ମାଟିରେ ଥାଏ। ବାକି ଶତକଡା ମାତ୍ର ଏକଭାଗ ନଈ, ନାଳ, ହ୍ରଦ ଓ ପୋଖରୀରେ ରହେ।

ଜଳଚକ୍ର

ଜଳ ଏକ ସୀମିତ ଓ ସ୍ଥିର ସମ୍ପଦ। ଏହାର ବୃଦ୍ଧି ହୁଏ ନାହିଁ କି ହ୍ରାସ ହୁଏ ନାହିଁ। ବାଷ୍ପୀକରଣ ଓ ଘନୀକରଣ ଉପାୟରେ ଏହା ପରିବର୍ତ୍ତିତ ହୋଇଥାଏ। ଦୂର ସମୁଦ୍ରର ପାଣି ସୂର୍ଯ୍ୟ ତାପରେ ବାଷ୍ପ ହୋଇ ବାୟୁମଣ୍ଡଳକୁ ଯାଏ ଏବଂ

Digitized by srujanika@gmail.com

ବର୍ଷା ରୂପରେ ପୁଣି ପୃଥିବୀ ସାରା ଖେଳିଯାଏ । କିନ୍ତୁ ମେଘରୁ ବରଫ ପଡେ । ମେରୁ ଓ ପାହାଡର ବରଫ ତରଳି ନଈ ସମୁଦ୍ରକୁ ଆସେ । ଜୀବଜନ୍ତୁ ଓ ଗଛଲତା ମାଟିରୁ ପାଣି ନିଅନ୍ତି । ତାଙ୍କ ଦ୍ୱାରା ପୁଣି ଏହି ଜଳ ବାହାରି ଆସି ମାଟି ପବନରେ ମିଶିଯାଏ । ବାରିମଣ୍ଡଳ ଭିତରେ ଏପରି ପରିବର୍ତ୍ତନକୁ ଜଳଚକ୍ର କୁହାଯାଏ । ଜଳଚକ୍ରର ପ୍ରଥମ ସୋପାନ ହେଉଛି ଭୂପୃଷ୍ଠରୁ ପାଣିର ବାଷ୍ପୀଭବନ । ସୂର୍ଯ୍ୟର ତାପ ପାଇଁ ସମୁଦ୍ର ଓ ନଈନାଳର ପାଣି ବାଷ୍ପ ହୋଇ ପବନରେ ମିଶେ । ପବନର ସ୍ରୋତରେ ଏହା ପୃଥିବୀର ବିଭିନ୍ନ ଅଞ୍ଚଳକୁ ବିଭିନ୍ନ ପରିମାଣରେ ଖେଳାଇ ହୋଇଯାଏ । ଥଣ୍ଡା ପାଇଲେ ଆକାଶରେ ଜଳୀୟବାଷ୍ପ ଜମାଟ ବାନ୍ଧେ ଓ ବର୍ଷା ବା ତୁଷାର ରୂପରେ ଭୂପୃଷ୍ଠକୁ ଫେରିଆସେ ।

ପାଣିର ଅସରନ୍ତି ଭଣ୍ଡାର-ସମୁଦ୍ର

ପୃଥିବୀର ପ୍ରାୟ ସବୁ ପାଣି ସମୁଦ୍ରରେ ରହିଛି । ଏହି ପାଣି ବେଶ୍ ଲୁଣି ହୋଇଥିବାରୁ ମଣିଷର ନିତିଦିନିଆ କାମରେ ଲାଗିପାରେ ନାହିଁ । କିନ୍ତୁ ଏହାର ଅର୍ଥ ନୁହେଁ ଯେ ପୃଥିବୀ ବା ମଣିଷ ପାଇଁ ସମୁଦ୍ରର କିଛି ମୂଲ୍ୟ ନାହିଁ । କାରଣ ଜଳଚକ୍ରକୁ ଚଳାଇ ରଖିବା ପାଇଁ ଅଧିକାଂଶ ଭାଗ ଜଳୀୟବାଷ୍ପ ସମୁଦ୍ରରୁ ହିଁ ଆସିଥାଏ । ଭୂପୃଷ୍ଠର ବଳକା ପ୍ରବାହୀ ପାଣି ନାଳ ନଈ ଜରିଆରେ ଯାଇ ପହଞ୍ଚେ ସେହି ସମୁଦ୍ରରେ । ଯୁଗ ଯୁଗ ଧରି ନଈର ପାଣିରେ ମାଟି ଦେହରୁ ବିଭିନ୍ନ ଲବଣ ଧୋଇଯାଇ ସମୁଦ୍ରକୁ ଲୁଣିଆ କରୁଛି । ସେହି ଲୁଣିଆ ପରିବେଶରେ ମଧ୍ୟ ସ୍ୱତନ୍ତ୍ର ଧରଣର ଜୀବନର ବିକାଶ ହୋଇଛି ।

ଚିଲିକାର ଜଳସମ୍ପଦ

ଚିଲିକା ହ୍ରଦ ଭାରତବର୍ଷର ପୂର୍ବ ଉପକୂଳ ମହାନଦୀ ତ୍ରିକୋଣଭୂମି ନିକଟସ୍ଥ ବଙ୍ଗୋପସାଗର କୂଳରେ ଏକ ବୃହାଭାକାର ଲୁଣାଜଳ ବିଶିଷ୍ଟ ହ୍ରଦ ବା ଜଳାଭୂମି । ଚିଲିକା ୪୦୦୦ ରୁ ୫୦୦୦ ବର୍ଷପୂର୍ବରୁ ବଙ୍ଗୋପସାଗରରେ ସୃଷ୍ଟି ଜୁଆର ଭଟ୍ଟା ଦ୍ୱାରା ପ୍ରତିଷ୍ଠିତ । ଏହା ପୂର୍ବ ଉପକୂଳରେ ଗୋଟିଏ ବନ୍ଦର ରୂପେ ବ୍ୟବହାର ହେଉଥିଲା । ଏଠାରୁ ବ୍ୟବସାୟିକ ଜାହାଜମାନ ଜାଭା, ମାଲେସିଆ ଓ ଶ୍ରୀଲଙ୍କାକୁ ଯାତାୟତ କରୁଥିଲା ।

ନାସପାତି ସଦୃଶ ହ୍ରଦର ସର୍ବାଧିକ ଲମ୍ବ ୬୪କି.ମି. ଓ ହାରାହାରି ଓସାର ୨୦କି.ମି. । ଜଳର ଗଭୀରତା ସର୍ବନିମ୍ନ ୩.୬ମି ରୁ ୫୦ସେ.ମି. । ହ୍ରଦର ଜଳାଭାଗ ବର୍ଷାଋତୁରେ ୧୧୦୫କି.ମି. ବିସ୍ତୃତ ହୋଇଥିବା ବେଳେ ଗ୍ରୀଷ୍ମଋତୁରେ ଏହା କମିଯାଇ ୯୦୬କି.ମି. ହୋଇଥାଏ । ଏକ ୩୫କି.ମି. ଦୈର୍ଘ୍ୟ ବିଶିଷ୍ଟ ବହିଃସ୍ଥ ସରୁ ନାଳ ମୋଟ ଗ୍ରାମଠାରେ ହ୍ରଦକୁ ବଙ୍ଗୋପସାଗର ସହିତ ସଂଯୋଗ କରୁଥିବା ମୁହାଣ ଚିଲିକାର ଉତ୍ତର ପୂର୍ବ ଭାଗରେ ଅବସ୍ଥିତ । ଏହି ମୁହାଣଦ୍ୱାରା ଉଚ୍ଚ ଜୁଆର ସମୟରେ ସମୁଦ୍ରର ଲୁଣାପାଣିକୁ ଗ୍ରୀଷ୍ମଋତୁ ଯଥା ଡିସେମ୍ବରଠାରୁ ଜୁନ୍‌ମାସ ମଧ୍ୟରେ ହ୍ରଦ ମଧ୍ୟକୁ ପ୍ରବେଶ କରିଥାଏ । ମୋଟ ଉପରେ ୫୩ଗୋଟି ନଦୀ, ନାଳ ଚିଲିକା ମଧ୍ୟକୁ ପ୍ରବେଶ କରୁଛନ୍ତି ।

ଜଳବିଜ୍ଞାନ

ଚିଲିକା ହ୍ରଦର ପର୍ଯ୍ୟାବରଣ ଧାରାକୁ ପରିଚାଳିତ ବା ନିୟନ୍ତ୍ରଣ କରିବାରେ ଜଳ ବିଭାଜନ ଶକ୍ତି ହେଉଛି ମୁଖ୍ୟ ଉତ୍ପାଦନ ବା ଉତ୍ସ । ଏହାର ମୋଟ ଜଳ ପରିବାହକ କ୍ଷେତ୍ର ହେଉଛି ୪୩୦୦ବ.କି.ମି । ଏଥିରୁ ୩୨୧୨ବ.କି.ମି. ବା ଶତକଡା ୭୪ଭାଗ ପୂର୍ବଘାଟ ପର୍ବତମାଳାର ଅଂଶ ବିଶେଷ । ୧୦୮୮ବ.କି.ମି. ବା ଶତକଡା ୨୬ଭାଗ ମହାନଦୀ

Digitized by srujanika@gmail.com

ଅବବାହିକା ଅଞ୍ଚଳଭୁକ୍ତ । ଏହାର ପରିବାହକ କ୍ଷେତ୍ରର ଜମିର ବ୍ୟବହାରିକ ଗୁଣକୁ ଅନୁଧ୍ୟାନ କଲେ ଜଣାଯାଏ, ଶତକଡା ୩୦ଭାଗ ଜଙ୍ଗଲ ଅଞ୍ଚଳ ଅନ୍ତର୍ଭୁକ୍ତ ଥିଲା । ଯାହାକି ଏବେ ସେନ୍‌ସିଙ୍ଗ ଆପ୍ଲିକେସନ ସେଣ୍ଟର (ଓ.ଆର.ଏସ.ଏ.ସି) ସଂସ୍ଥାଦ୍ୱାରା ପ୍ରକାଶିତ ତଥ୍ୟ ଅନୁଯାୟୀ ଚିଲିକା ହ୍ରଦ ମଧ୍ୟକୁ ଉପରିଭାଗରୁ ମଧୁରଜଳ ପ୍ରବାହ ବାର୍ଷିକ ୧୭୬୦ ଏମ୍.ସି.ଏମ୍ ଥିବାର ହିସାବ କରାଯାଇଛି । ଏଥିରୁ ୮୭୦ ଏମ୍.ସି.ଏମ୍ ଜଳ ସିଧାସଳଖ ଭାବେ ଚିଲିକା ମଧ୍ୟକୁ ପ୍ରବେଶ କରୁଥିବା ଅଟକଳ କରାଯାଇଛି । ହ୍ରଦର ପୃଷ୍ଠଭାଗ ଜଳର ୧୨୮୬ ଏମ୍.ସି.ଏମ୍ ଜଳ ବାଷ୍ପିକରଣ ପକ୍ରିୟା ଦ୍ୱାରା କ୍ଷତି ହେଉଥିବା ଦର୍ଶାଯାଇଛି ।

ଏହା ବ୍ୟତୀତ ହ୍ରଦ ମଧ୍ୟକୁ ପ୍ରବେଶ କରୁଥିବା ୫୩ଗୋଟି ନଦୀ, ନାଳ ବୋହି ଆଣୁଥିବା ୩୬୫,୦୦୦ଟନ୍ ପଟୁମାଟିର ଶତକଡା ୮୯ଭାଗ କେବଳ ମହାନଦୀ ଅବବାହିକା ଦ୍ୱାରା ଆସିଥାଏ । ଯାହା ଚିଲିକା ହ୍ରଦ ପାଇଁ ବିପଦପୂର୍ଣ୍ଣ ଅବସ୍ଥା ସୃଷ୍ଟି କରିଛି ।

ଚିଲିକା ଜଳର ପ୍ରକୃତି

ସାଧାରଣତଃ ଚିଲିକା ହ୍ରଦର ଜଳ କ୍ଷାରଗୁଣଯୁକ୍ତ ଯାହାକି ପି.ଏଚ. ୭.୧ ରୁ ୯.୬ ପର୍ଯ୍ୟନ୍ତ ପରିବର୍ତ୍ତିତ ହୁଏ । ଏହାର ସ୍ୱଚ୍ଛତା ୯ ଠାରୁ ୧୫୫ସେ.ମି. ସୂଚାଇ ଥାଏ ଯାହାକି ଅତ୍ୟଧିକ କାଣ୍ଡି ଓ ଖାଦ ମିଶ୍ରଣ ହେତୁ ଘଟୁଛି । ଫସପେଟ, ଫସ୍‌ଫରସ୍ (୦.୪ ପି ପି ଏମ୍) ନାଇଟ୍ରେଟ ,ନାଇଟ୍ରୋଜେନ୍ (୧.୩୫ ପିପିଏମ୍) ଓ ସିଲିକେଟ (୧.୮ପିପିଏମ୍) ସାରଯୁକ୍ତ ଉତ୍ତର ଓ ଉତ୍ତର ପଶ୍ଚିମ ଦିଗରୁ ପ୍ରବାହିତ ନଦୀ, ନାଳମାନଙ୍କ ଦ୍ୱାରା ଅତ୍ୟଧିକ ପରିମାଣରେ ପଟୁ, କ୍ଷାରଯୁକ୍ତ ଜୈବିକ ପଦାର୍ଥ ଜଳସବୁ ଚିଲିକା ମଧ୍ୟକୁ ପ୍ରବେଶ କରୁଛି । ଏହି ପାଣିରେ ପ୍ରତ ଲିଟର ପିଛା ୩.୩ ରୁ ୧୮.୯ଭାଗ ଅମ୍ଳଜାନ ଉପାଦାନ ମିଶିକରି ଥାଏ ।

ଚିଲିକାଜଳର ଲବଣାକ୍ତ କେନ୍ଦ୍ରୀକରଣ ଗୁଣରେ ସାମୟିକ ଋତୁକାଳୀନ ପରିବର୍ତନ ପ୍ରକ୍ରିୟା ଦେଖାଯାଉଛି । ହ୍ରଦରୁ ମଧୁର ଜଳ ନିଷ୍କାସନରେ ସମସ୍ୟା, ଜୁଆର ଭଟ୍ଟା ଦ୍ୱାରା ସମୁଦ୍ରରୁ ଲୁଣିଜଳ ପ୍ରବେଶରେ ଜଟିଳ ସମସ୍ୟା ଦେଖାଯାଉଛି । ଲୁଣିଜଳର ଗୁଣ ଅନୁଯାୟୀ ଚିଲିକାକୁ ଚାରିଭାଗରେ ବିଭକ୍ତ କରାଯାଇଛି । ଯଥା-ଦକ୍ଷିଣଭାଗ, ଉତ୍ତରଭାଗ, କେନ୍ଦ୍ର ଅଞ୍ଚଳ ଓ ଜଳ ନିଷ୍କାସନ ପଥର ବାହ୍ୟାଂଶ । ବର୍ଷାଋତୁରେ ଅଧିକ ପରିମାଣର ମଧୁରଜଳ ଚିଲିକାର ଉତ୍ତର ଓ ମଧ୍ୟଭାଗ ଦେଇ ପ୍ରବେଶ କରିଥାଏ ଏବଂ ନିଷ୍କାସନ ନାଳଦ୍ୱାରା ସମୁଦ୍ର ମଧ୍ୟକୁ ନିର୍ଗତ ହୁଏ । ଏହି ତିନିଭାଗରେ ମଧୁରଜଳ ପରିମାଣ ଅତ୍ୟଧିକ ଏବଂ ସ୍ରୋତର ଗତି ପ୍ରଖର ହେତୁ ଜୁଆର ଭଟ୍ଟା ଦ୍ୱାରା ଚିଲିକା ମଧ୍ୟକୁ ଲୁଣାଜଳ ପ୍ରବେଶ କରିପାରିନଥାଏ । ଦକ୍ଷିଣାଞ୍ଚଳର ଜଳଭାଗରେ କୌଣସି ପରିବର୍ତ୍ତନ ହୁଏନାହିଁ । ଯେହେତୁ ଏହାର ନୂତନ କରଣ ପ୍ରକ୍ରିୟା ଅତିଧୀର, ଏଣୁ ଜଳର ଲବଣାକ୍ତ ଗୁଣ ବର୍ଷାଦିନେ ମଧ୍ୟ ଅପରିବର୍ତ୍ତିତ ରହେ । ପୁଣି ବର୍ଷାଋତୁର ଉତ୍ତରାପବନ ଦକ୍ଷିଣଭାଗର ଜଳସହିତ ହ୍ରଦର ଅନ୍ୟ ଅଞ୍ଚଳର ଜଳ ସହିତ ମିଶ୍ରଣରେ ସାହାଯ୍ୟ କରେ, ଯାହାଦ୍ୱାରା ଦକ୍ଷିଣଭାଗ ଜଳର ଲୁଣିଆ ଗୁଣରେ ସମୁଦ୍ରଜଳ ପ୍ରବେଶ କରିବାରେ ସାହାଯ୍ୟ କରେ । ଗ୍ରୀଷ୍ମଋତୁରେ ଚିଲିକାର ଜଳଧାରଣ କ୍ଷମତା ସର୍ବନିମ୍ନସ୍ତରକୁ ଖସିଆସେ । ଏଣୁ ସମୁଦ୍ରରୁ ଲୁଣାଜଳ ନିଷ୍କାସନ ନାଳଦ୍ୱାରା ଚିଲିକା ମଧ୍ୟକୁ ପ୍ରବେଶ କରିବା ଦ୍ୱାରା ଦକ୍ଷିଣା ବାୟୁ ପ୍ରବାହ ଦ୍ୱାରା ମଧ୍ୟ ଓ ଉତ୍ତରଭାଗ ଜଳରେ ଲୁଣାଂଶ ବୃଦ୍ଧିରେ ସାହାଯ୍ୟ କରିଥାଏ । କିନ୍ତୁ ପ୍ରାକୃତିକ ପ୍ରକ୍ରିୟା ଦ୍ୱାରା ଦକ୍ଷିଣ ଭାଗରେ ଜଙ୍ଗଲରେ ଲୁଣି ଗୁଣର ଆଶାନୁରୂପକ ଅଭିବୃଦ୍ଧି ହୁଏନି ।

Digitized by srujanika@gmail.com

ହ୍ରଦର ପରିବେଶ ପର୍ଯ୍ୟାଲୋଚନା

ଚିଲିକା ହ୍ରଦ ଜଳର ଗୁଣାତ୍ମକ ମୂଲ୍ୟ ନିରୂପଣ ପାଇଁ ଓଡିଶା ସୁଦୂର ପର୍ଯ୍ୟବେକ୍ଷଣ ଓ ଉପଗ୍ରହ କେନ୍ଦ୍ର ଦ୍ୱାରା ପରିବେଶ ପର୍ଯ୍ୟାଲୋଚନା କାର୍ଯ୍ୟକ୍ରମଟି ଚାଲୁ ରହିଛି । ଏହି କାର୍ଯ୍ୟକ୍ରମର ଆଭିମୁଖ୍ୟ ହେଉଛି ହ୍ରଦ ଜଳର ବିଭିନ୍ନ ଗୁଣାତ୍ମକ ମୂଲ୍ୟର ଅନୁଧ୍ୟାନ ଯଥା ହ୍ରଦ ଜଳର ଲବଣତ୍ୱ ହ୍ରାସ, ମଧୁର ଜଳର ପ୍ରବେଶ ଓ ନିଷ୍କାସନର ଆକଳନ, ଚିଲିକା ମଧ୍ୟରେ ପ୍ରବେଶ କରୁଥିବା ପଟୁମାଟିର ଆକଳନ ଇତ୍ୟାଦି । ଏତଦ୍‌ବ୍ୟତୀତ ଜଳରେ ଅମ୍ଳଜାନର ସ୍ତର, ଲବଣତ୍ୱ, ଜଳଚର ଜୀବଙ୍କ ଆବଶ୍ୟକତା, ପି.ଏଚ୍. ଅନୁଶୀଳନ (ଜଳର କ୍ଷାରୀୟ ଗୁଣ ଓ ଅମ୍ଳତ୍ୱ ନିରୂପଣ) କ୍ୟାଲସିୟମ୍, ପଟାସିୟମ୍, ନାଇଟ୍ରେଟ, ଫସଫେଟ୍‌ର ପରିମାଣ ନିରୂପଣ ଚିଲିକା ଉନ୍ନୟନ କର୍ତ୍ତୃପକ୍ଷ ଦ୍ୱାରା ୧୯୯୬-୯୭ ମସିହାରୁ କରାଯାଇଛି । ଚିଲିକା ଜଳର ଲବଣାଂଶ କ୍ରମଶଃ ବିଭିନ୍ନ କାରଣରୁ ହ୍ରାସ ପାଇବାରେ ଲାଗିଛି ଯଥା-

(୧) ସମୁଦ୍ରରୁ ଚିଲିକା ମଧ୍ୟକୁ ଥିବା ନାଳ ପୋତିହୋଇ ଯିବାଦ୍ୱାରା ସମୁଦ୍ରରୁ ଲୁଣାଜଳ ପ୍ରବେଶରେ ବାଧା ଓ ଚିଲିକା ଜଳରେ ଲବଣାଂଶ ହ୍ରାସ ପାଉଛି ।

(୨) ଚିଲିକାର ଚତୁଃପାର୍ଶ୍ୱରେ ଘେରିବନ୍ଧ ଅଭାବରୁ, ସେ ସବୁ ଅଞ୍ଚଳରେ ଥିବା ଚାଷ ଜମିରୁ କ୍ଷାରୀୟଗୁଣଯୁକ୍ତ ଜଳର ପ୍ରବେଶ ଓ ଜଳପ୍ରଦୂଷଣ ବୃଦ୍ଧି ।

(୩) ଚିଲିକା ମଧ୍ୟକୁ ଆବର୍ଜନା ନିକ୍ଷେପ ଦ୍ୱାରା ଜଳ ପ୍ରଦୂଷଣ ଓ ମାଛ ଉତ୍ପାଦନରେ ହ୍ରାସ ।

(୪) ଯନ୍ତ୍ରଚାଳିତ ଡଙ୍ଗାର ବ୍ୟବହାର ବୃଦ୍ଧି ହେତୁ ଚିଲିକା ଜଳରେ ତୈଳାଂଶ ବୃଦ୍ଧି ।

ଚିଲିକା ଜଳ ଉପରେ ବିଭିନ୍ନ ପ୍ରକାର ଜଳଜୀବ ବାସ କରିଛନ୍ତି । ମତ୍ସ୍ୟସମ୍ପଦର ଗନ୍ତାଘର କହିଲେ ଚିଲିକା ବୁଝାଏ । ଜଳଜ ପକ୍ଷୀ ମାନଙ୍କର ଚିଲିକା ହେଉଛି, ଆଶ୍ରୟସ୍ଥଳୀ । ଚିଲିକା ହ୍ରଦର ଉପକୂଳ ଅଞ୍ଚଳ ପରିଚାଳନା ,ଚିଲିକା ମୁହାଣ ଦୃଢୀକରଣ, ଚିଲିକା ଓ ସମୁଦ୍ର ମଧ୍ୟରେ ଜଳ ସଂଚାଳନ ଦ୍ୱାରା ଚିଲିକା ଜଳର ଲବଣତ୍ୱ ବୃଦ୍ଧି ଏବଂ ଜଳ ଜୀବମାନଙ୍କର ସ୍ଥିତି ରକ୍ଷା କରିବାପାଇଁ ଏନ୍‌ଆଇଓ, ଗୋଆ ଦ୍ୱାରା ନିମ୍ନୋକ୍ତ ଅନୁଶୀଳନ କରାଯାଇଅଛି ।

(କ) ଏନ୍‌ଆଇଓ ଗୋଆ ଦ୍ୱାରା ଯେଉଁ ଅନୁଶୀଳନ କରାଗଲା ତାହା ସି.ଡବ୍ଲ୍ୟୁ.ପି.ଆର.ଏସ୍ ପୁନ୍ନାକୁ ହସ୍ତାନ୍ତରିତ କରାଯାଇଛି । ସେମାନେ ମୁହାଁଣର ଦୃଢୀକରଣ ଏବଂ ସମୁଦ୍ର ହ୍ରଦ ମଧ୍ୟରେ ଜଳ ସଂଚାଳନର ଉନ୍ନତି ଘଟାଇବା ପାଇଁ ଗାଣିତିକ ଛାଞ୍ଚ ଅନୁଧ୍ୟାନ କରିବେ । ଏନ୍‌ଆଇଓ ଗୋଆ ବାହାର ନାଳୀର ମୁହାଁଣରେ ଜମୁଥିବା ବାଲିର ପରିମାଣ ଓ ତାହାର ଦିଗ ସଂପର୍କରେ ପୁଙ୍ଖାନୁପୁଙ୍ଖ ଅନୁଶୀଳନ କରିସାରିଛନ୍ତି । ଏହାର ଫଳାଫଳ ଉପରେ ସି.ଡବ୍ଲ୍ୟୁ.ପି.ଆର.ଏସ୍ ପୁନ୍ନା ଏକ ମଡେଲ୍ ପ୍ରସ୍ତୁତ କରିଛନ୍ତି । ଏହାର ମୁଖ୍ୟ ଆଭିମୁଖ୍ୟ ହେଉଛି ଯଦି ଖନନ କରାଯାଏ, ବାହାର ନାଳୀର ବାଲୁକାସ୍ତୁପକୁ ହଟାଇବା ପାଇଁ କି ପ୍ରକାର ଉପାୟ ଅବଲମ୍ବନ କରିବାକୁ ପଡିବ, ଯାହାଦ୍ୱାରା ହ୍ରଦ ଓ ସମୁଦ୍ର ମଧ୍ୟରେ ଜଳ ସଞ୍ଚାଳନରେ ଉନ୍ନତି ଘଟିବ ଓ ଚିଲିକାର ଲବଣତ୍ୱ ସଠିକ୍ ଭାବେ ବଜାୟ ରହିବ ।

(ଖ) ଜାତୀୟ ସାମୁଦ୍ରିକ ପ୍ରତିଷ୍ଠାନ:- କେନ୍ଦ୍ରୀୟ ଜଳଚକ୍ର ପ୍ରୟୋଗଶାଳା ସି.ଡବ୍ଲ୍ୟୁ.ପି.ଆର.ଏସ୍ ପୁନ୍ନା ଦ୍ୱାରା ପ୍ରସ୍ତୁତ କରାଯାଇଥିବା ଗାଣିତିକ ମଡେଲ ଅବଲମ୍ବନରେ ଏନ୍.ଆଇ.ଓ ଗୋଆ ଦ୍ୱାରା ସାତପଡାଠାରେ ପୁଙ୍ଖାନୁପୁଙ୍ଖ

Digitized by srujanika@gmail.com

ହାଇଡ୍ରୋଗ୍ରାଫିକ୍ ସର୍ଭେ କରାଯାଇଛି । ପ୍ରତି ୫୦୦ମିଟରରେ ସର୍ଭେ ଚାଲୁରହିଛି । ବେଳାଭୂମି ସର୍ଭେ ଏବଂ ନାଳୀରେ ବାଲିସ୍ତୁପର ମଧ୍ୟ ଆକଳନ କରିଛନ୍ତି । କେତେ ପରିମାଣର ପଙ୍କ ଓ ବାଲିସ୍ତର ଖନନ କରାଯିବ ତାହାର ପରିମାଣ ମଧ୍ୟ ଆକଳନ କରିଛନ୍ତି । ଟୁ ଡାଇମେନ୍‌ସନାଲ୍ ମଡେଲକୁ ଚୂଡାନ୍ତ କରାଯାଇ ଏବଂ ଟାଇଡାଲ୍ ପ୍ରିଜିମ୍‌ର ଉନ୍ନତି ଘଟାଇ ଜଳ ସଂଗଳନର ଉନ୍ନତି ଉପରେ ଖନନର କି ପ୍ରଭାବ ରହିଛି, ଜାଣିବା ସଙ୍ଗେ ସଙ୍ଗେ ଚିଲିକାର ଲବଣତ୍ୱ ବଜାୟ ରଖିବା ପାଇଁ କାର୍ଯ୍ୟ ଚାଲୁ ରହିଛି ।

(ଗ) ସାମୁଦ୍ରିକ ଇଞ୍ଜିନିୟରିଙ୍ଗ ଡିଭିଜନ, ଆଇ.ଆଇ.ଟି, ମାଡ୍ରାସ୍‌ର ଅନୁଶୀଳନ ଖନନ କାର୍ଯ୍ୟର କାରିଗରୀ କୌଶଳ ପ୍ରସ୍ତୁତି ପାଇଁ ସାମୁଦ୍ରିକ ବୈଷୟିକ ବିଭାଗ ଆଇ.ଆଇ.ଟି. ମାଡ୍ରାସ ପୁନ୍ନା ଦ୍ୱାରା ପ୍ରସ୍ତୁତି ଗାଣିତିକ ମଡେଲ ଏବଂ ଏନ୍.ଆଇ.ଓ ଗୋଆ ଦ୍ୱାରା ବୈଜ୍ଞାନିକ ଅନୁସନ୍ଧାନ ଓ ଜଳତତ୍ତ୍ୱ ସମ୍ବନ୍ଧୀୟ ଗବେଷଣାର ଫଳାଫଳ ହସ୍ତାନ୍ତରିତ କରାଯାଇଛି ।

ପୃଥିବୀର ମୋଟ୍ ଜଳର ବାକି ପ୍ରାୟ ତିନିଶତାଂଶ ହେଉଛି ମଧୁର ଜଳ ।ଏହି ମଧୁର ଜଳର ୭୭ଶତାଂଶ ବରଫ ଅବସ୍ଥାରେ ମେରୁ ଅଞ୍ଚଳରେ ବା ଉଚ୍ଚ ପାହାଡ ଉପରେ ଜମିରହିଥାଏ । ଆଉ ପ୍ରାୟ ୧୨ ଶତାଂଶ ଅତି ଗଭୀରରେ ରହିଥାଏ । ତେଣୁ ପୃଥିବୀରେ ଜଳର ପରିମାଣ ତୁଳନାରେ ପିଇବାପାଣିର ଅଂଶ ବହୁତ କମ୍ କିନ୍ତୁ ଏହାର ଗୁରୁତ୍ୱ ବହୁତ । ଜଳ କେତେ ପରିମାଣର ଦୂଷିତ ବା ବ୍ୟବହାର ଯୋଗ୍ୟ ତାହା ଜାଣିବା ପାଇଁ କେତେଗୁଡିଏ ଏକକ ବ୍ୟବହାର କରାଯାଏ ।

ବି.୧ମଓ.ଡି (ଜୈବ ରାସାୟନିକ ଅମ୍ଳଜାନ ଚାହିଦା) ଜଳରେ ଥିବା କିଛି ଜୈବିକ ପଦାର୍ଥର ଜୀବାଣୁମାନଙ୍କ ଦ୍ୱାରା ବିଘଟନ ହୋଇଥାଏ । ଏଥିପାଇଁ ଲାଗୁଥିବା ଅମ୍ଳଜାନର ପରିମାଣକୁ " ଜୈବ ରାସାୟନିକ ଅମ୍ଳଜାନ ଚାହିଦା" ବା ବି.ଓ.ଡି କୁହାଯାଏ ।

ସି.ଓ.ଡି (ରାସାୟନିକ ଅମ୍ଳଜାନ ଚାହିଦା) ଜୀବାଣୁମାନଙ୍କ ଦ୍ୱାରା ବିଘଟିତ ହୋଇ ନ ପାରୁଥିବା ଜୈବିକ ପଦାର୍ଥକୁ ନଷ୍ଟ କରିବା ପାଇଁ ଆହୁରି ଟାଣୁଆ ରାସାୟନିକ ଜାରଣ ଦରକାର । ଏଥିରେ ଲାଗୁଥିବା ଅମ୍ଳଜାନକୁ " ରାସାୟନିକ ଅମ୍ଳଜାନ ଚାହିଦା ବା ସି.ଓ.ଡି କୁହାଯାଏ । ତେଣୁ ସି.ଓ.ଡି ପାଣିରେ ଥିବା ମୋଟ ଜୈବିକ ପଦାର୍ଥର ପରିମାଣକୁ ଦେଖାଉଥିବା ବେଳେ ବି.ଓ.ଡି ଜୀବାଣୁମାନଙ୍କ ଖାଦ୍ୟର ପରିମାଣ ଦେଖାଇଥାଏ ।

ଅମ୍ଳତା ବା କ୍ଷାରତା ପାଣିର କ୍ଷାରୀୟ ବା ଅମ୍ଳୀୟ ଗୁଣ ପିଏଚ୍ ମୂଲ୍ୟ ଭାବରେ ମପାଯାଏ । ସାଧା ପାଣିର ପିଏଚ୍ ମୂଲ୍ୟ ହେଉଛି ୭ । ଏଥିରୁ କମିଲେ ପାଣି ଅମ୍ଳୀୟ ହୁଏ । ପିଏଚ୍ ଯେତେ କମ୍ ହୁଏ ଅମ୍ଳୀୟତା ସେତେ ବଢିଯାଏ । ୧ ହେଲେ ତାହା ସବୁଠାରୁ ଅଧିକ ଅମ୍ଳୀୟ ହୋଇଥାଏ । ସେହିପରି ୭ରୁ ବଢିଲେ ତାହା କ୍ଷାରୀୟ ହୁଏ । ପିଏଚ୍ ମୂଲ୍ୟ ବଢିବଢି ୧୪ରେ ପହଞ୍ଚିଲେ ସବୁଠାରୁ ଅଧିକ କ୍ଷାରୀୟ ବୋଲି ଜଣାଯାଏ । ପାନୀୟ ଜଳ ଅତି ବେଶୀ ଅମ୍ଳୀୟ ବା କ୍ଷାରୀୟ ହେବା ଉଚିତ୍ ନୁହେଁ । ତେଣୁ ପାଣିର ପିଏଚ୍ ମୂଲ୍ୟ ୭ର ପାଖାପାଖି ରହିବା ଦରକାର ।

ଚିଲିକା ହ୍ରଦର ଲବଣତ୍ୱକୁ ବଜାୟି ରଖିବା ଦାୟିତ୍ୱ ଆମ ସମସ୍ତଙ୍କର । ତେଣୁ ଚିଲିକା ହ୍ରଦରେ ମଧୁର ଜଳର ଯେପରି ବୃଦ୍ଧି ନଘଟିବ ସେଥିପାଇଁ ଚେଷ୍ଟା କରିବା ଉଚିତ୍ ।

Digitized by srujanika@gmail.com

ଚିଲିକାର ମତ୍ସ୍ୟସଂପଦ ଓ ନିର୍ଭରଶୀଳ ଅଧିବାସୀ

ଶ୍ରୀ ପବିତ୍ର ମୋହନ ଦାସ, ଅଧ୍ୟାପକ
ପଞ୍ଚାୟତ ବୈଷୟିକ ଶିକ୍ଷା ମହାବିଦ୍ୟାଳୟ, ସାତପଡା

ଚିଲିକା ଏସିଆର ସର୍ବ ବୃହତ୍ତମ ସ୍ୱଚ୍ଛ ଲୁଣ ପାଣିଥିବା ହ୍ରଦ । ପ୍ରାରମ୍ଭରେ କ୍ଷେତ୍ରଫଳ ୨୨୦୦ ବର୍ଗ କିଲୋମିଟର ଥିଲା । ତାହା ବର୍ତ୍ତମାନ ହ୍ରାସ ପାଇ ପ୍ରାୟ ୧୧୦୦ ବର୍ଗ କିଲୋମିଟରରେ ପହଞ୍ଚିଛି । ଚିଲିକା ଯେ କେବଳ ତା'ର ନୀଳ ଜଳରାଶି ଓ ସୌନ୍ଦର୍ଯ୍ୟର ଗନ୍ତାଘର ପାଇଁ ପର୍ଯ୍ୟଟକ, କବି, ଭାବୁକ ଓ ଦାର୍ଶନିକମାନଙ୍କୁ ଆକୃଷ୍ଟ କରିଥାଏ ତା'ନୁହେଁ, ଏହା ମଧ୍ୟ ପ୍ରକୃତିର ଏକ ଖାଦ୍ୟର ଗନ୍ତାଘର । ଚିଲିକା ମାଛ, ଚିଙ୍ଗୁଡି ଓ କଙ୍କଡା ପାଇଁ ଓଡିଶା ଓ ଓଡିଶା ବାହାରେ ପ୍ରସିଦ୍ଧ । ଚିଲିକାର ବାଗ୍‌ଦା ଓ କଣ୍ଡାଳ ଚିଙ୍ଗୁଡି ସୁଦୂର ଜାପାନ, ଆମେରିକା ଓ ଆରବ ଦେଶମାନଙ୍କୁ ରପ୍ତାନି ହେଉଛି । ଚିଲିକାର ଚତୁଃପାର୍ଶ୍ୱରେ ଥିବା ୨୭୩ଟି ଗ୍ରାମର ଲୋକମାନେ ଚିଲିକାର ଏହି ମତ୍ସ୍ୟସମ୍ପଦ ଉପରେ ଉଣା ଅଧିକେ ନିର୍ଭର କରନ୍ତି । ଏହି ୨୭୩ଟି ଗ୍ରାମ ମଧ୍ୟରୁ ୧୩୨ଟି ମତ୍ସ୍ୟଜୀବୀ ଗ୍ରାମ । ଏହି ଗ୍ରାମମାନଙ୍କରେ ପୂରାପୂରି କିମ୍ବା ଅଧିକାଂଶ ଭାଗ ମତ୍ସ୍ୟଜୀବୀ ଗ୍ରାମ । ସେମାନେ ଚିଲିକାରୁ ମାଛ, ଚିଙ୍ଗୁଡି ଓ କଙ୍କଡା ଧରି ବିକ୍ରିକରି ଜୀବିକା ନିର୍ବାହ କରନ୍ତି ।

ପୂର୍ବରୁ ଚିଲିକାରେ ୩୦୯ଟି ମଛଧରା ଜୋନ୍ ଥିଲା ଓ ଏବେ ତାହା ୨୭୫କୁ କମି ଆସିଛି । ସରକାରୀ ହିସାବ ଅନୁଯାୟୀ ୧୯୮୫-୮୬ ବର୍ଷରେ ଚିଲିକାରୁ ୮୫୯୦ଟନ୍ ମାଛ ଓ ଚିଙ୍ଗୁଡି ଉତ୍ପାଦିତ ହୋଇଥିବା ବେଳେ ୧୯୮୮-୮୯ରେ ତାହା ୬୨୧୮ଟନ୍ ଓ ୧୯୯୦-୯୧ରେ ୪୨୭୦ଟନ୍‌ରେ ପହଞ୍ଚିଛି । ଦୁଇଟି ମୁହାଣ ଖୋଲାଯିବା ପରେ ୧୯୯୯-୨୦୦୦ ବର୍ଷ ଅପେକ୍ଷା ୨୦୦୦-୨୦୦୧ ବର୍ଷରେ ମାଛ ଉତ୍ପାଦନ ଅଢେଇଗୁଣ, ଚିଙ୍ଗୁଡି ଉତ୍ପାଦନ ୬ଗୁଣ ଓ କଙ୍କଡା ଉତ୍ପାଦନ ୧୦ଗୁଣରୁ ଅଧିକା ହୋଇଛି ବୋଲି ସରକାରୀ ସୂତ୍ରରୁ ପ୍ରକାଶ ପାଇଛି ।

ମତ୍ସ୍ୟସଂପଦ

ମତ୍ସ୍ୟ ସଂପଦ କହିଲେ ସାଧାରଣତଃ ଚିଲିକାର ମିଳୁଥିବା ବିଭିନ୍ନ ପ୍ରକାର ମାଛ, ଚିଙ୍ଗୁଡି, କଙ୍କଡା, ଶାମୁକା ଇତ୍ୟାଦି । ଚିଲିକାରେ ଦେଖାଯାଉଥିବା ମାଛଗୁଡିକ ହେଲା ଖଇଙ୍ଗା, ସାହାଳ, ଭେକଟା, କବଲା, ମେଞ୍ଜିଆ, ପାତୁଆ, ଗଣିଆ, ଖୁରାଣ୍ଡି, ପାଣିଆଖିଆ, କୁଣ୍ଡଳ, କଳିଙ୍ଗ, ଜାଗରା, ଦଦରା, ଘୁଉଗାଁ, ବଳଙ୍ଗ, କୁକୁଆଁ, ତାଳଚେରୀ, ସମଦତ୍ତ, ପଟାଳିଆ, ଭେରଣ୍ଡ, ଝଙ୍ଗାଳ, ଶରବଳି, ଚକୁଆ ଠାକରାଖାଇ, ଚାଆଁର, କକରବା, ଡାଙ୍ଗଳା । ଲୋଭର ବଶବର୍ତ୍ତି ହୋଇ କିଛି ଲୋକ ପ୍ରକୃତି ପ୍ରତି କୁଠାର ଘାତକରି ଶହ ଶହ ଚିଙ୍ଗୁଡିଚାଷ କରିବାରେ ଲାଗିଛନ୍ତି । ଏହା ପରିବେଶ ପ୍ରତି ଏକ ବିପଦ ସଂକେତ ସୃଷ୍ଟି କରୁଛି । ଚିଲିକା ମୁହାଣ ଅବରୋଧ କରିବା ଫଳରେ ଚିଲିକାର ଆୟତନ ସଂକୋଚିତ ହୋଇ ଜଳସଂପଦ/ମତ୍ସ୍ୟସଂପଦର ହ୍ରାସ ଘଟୁଛି । କିଛି ବ୍ୟକ୍ତି ମଧ୍ୟ ଚିଲିକା ଆଇନ୍ ଉଲଙ୍ଘନ କରି ମୁହାଣ ମୁହଁରୁ ଜାଆଁଳ ଧରିବା ଜିରୋନେଟ୍ ଜାଲ ପ୍ରୟୋଗ କରିବା ଏବଂ ମୁଖ୍ୟନାଳୀଗୁଡିକୁ ଅବରୋଧ କରିବା ଏବଂ ଜଳର ଲବଣାଂଶ ହ୍ରାସ ପାଇବା ଫଳରେ ସଂପଦର ହ୍ରାସ ଘଟୁଛି । କେବଳ ମତ୍ସ୍ୟଜୀବୀମାନେ ନୁହଁନ୍ତି ଅଣମତ୍ସ୍ୟଜୀବୀମାନେ ମଧ୍ୟ ସେମାନଙ୍କର କୌଳିକ ବୃତ୍ତିକୁ ପରିତ୍ୟାଗ କରି ଅବାଧ ଚିଙ୍ଗୁଡିଚାଷ ଓ ମାଛ ମାରୁଛନ୍ତି । ଫଳରେ ମତ୍ସ୍ୟସଂପଦକୁ

Digitized by srujanika@gmail.com

ନେଇ କଳହ ସୃଷ୍ଟି ହେଉଛି । ଚିଲିକାର ମାଛ ଧରା ପାଇଁ ଆୟତନ ପ୍ରାୟତଃ ୩୫୬୦କି.ମି. ଏବଂ ଏଥିରେ ୨୨୫ ପ୍ରକାର ମାଛ ଦେଖିବାକୁ ମିଳେ । ମତ୍ସ୍ୟଜୀବୀମାନେ ଆବାହମାନ କାଳରୁ ଏହାକୁ ନିଜର କୌଳିକ ବୃତ୍ତିରୂପେ ଗ୍ରହଣ କରି ଚିଲିକା ଉପରେ ସଂପୂର୍ଣ୍ଣ ନିର୍ଭରଶୀଳ ଅଟନ୍ତି ଏବଂ ସରକାରଙ୍କୁ ମଧ ଏଥିପାଇଁ କର ପ୍ରଦାନ କରନ୍ତି । ତେଣୁ ଚିଲିକା-ମତ୍ସ୍ୟସଂପଦ-ମତ୍ସ୍ୟଜୀବୀ ଉଭୟେ ପରସ୍ପର ସହିତ ଏକ ଜୀବନ ଚକ୍ର ରୂପେ ପ୍ରତିଷ୍ଠିତ । ତେଣୁ ଚିଲିକାକୁ ପ୍ରକୃତିର ଏକ ଖାଦ୍ୟ ଗନ୍ତାଘର ବୋଲି କୁହାଯାଏ । ଏଠାରୁ ବାଗଦା ଓ କଣ୍ଟାଳ ଚିଙ୍ଗୁଡି ସୁଦୂର ଜାପାନ, ଆମେରିକା ଓ ଆରବ ଦେଶକୁ ରପ୍ତାନି ହେଉଛି । ମାଛ, କଙ୍କଡା ଓ ଚିଙ୍ଗୁଡି ପାଇଁ ଚିଲିକା ଓଡିଶା ତଥା ଓଡିଶା ବାହାରେ ପ୍ରସିଦ୍ଧ ଲାଭ କରିଛି । ପୂର୍ବେ ଯେଉଁ ପରିମାଣର ମାଛ, କଙ୍କଡା, ଚିଙ୍ଗୁଡି ମିଳୁଥିଲେ ଏବେ ତାହା ବହୁତ କମିଆସିଛି । ବର୍ତ୍ତମାନ ସର୍ଭେରୁ ଜଣାପଡିଛି ଚିଲିକାରେ ଦେଖାଯାଇଥିବା ୨୧୭ ପ୍ରକାର ମାଛ ମଧରୁ ମାତ୍ର ୨୪ ପ୍ରକାର ମଧୁର ଜଳ ମାଛ ଓ ୭୨ ପ୍ରକାର କେବଳ ଚିଲିକାରେ ଅଛନ୍ତି ।

ଚିଲିକା ଉପକୂଳରେ ଥିବା ୨୭୩ଟି ଗ୍ରାମରୁ ୧୩୨ଟି ଛୋଟ ବଡ ମତ୍ସ୍ୟଜୀବୀ ଗ୍ରାମ ଅଛି । ସେମାନେ ସରକାରଙ୍କଠାରୁ ବାହଣ, ଜାଣ, ଡିଆଁ, ଉଠାପାଣି ପାଇଁ ଲିଜ୍ ସୂତ୍ରରେ ଚିଲିକାର କେତୋଟି ନିର୍ଦ୍ଦିଷ୍ଟ ଜାଗା ନେଇଥାନ୍ତି । ସେଥିପାଇଁ ସେମାନେ କର ଦେଇଥାନ୍ତି । । ଚିଲିକା ଅଞ୍ଚଳରେ ମତ୍ସ୍ୟଜୀବୀଙ୍କ ସଂଖ୍ୟା ପ୍ରାୟତଃ ଏକ ଲକ୍ଷରୁ ଉର୍ଦ୍ଧ୍ୱ ହେବ । ସେଥିରୁ ଶତକଡା ୪୪% ଭାଗ ସକ୍ରିୟ ମତ୍ସ୍ୟଜୀବୀ ଅଟନ୍ତି ।

ସାମାଜିକ ଅବସ୍ଥା

ସାଧାରଣତଃ ମତ୍ସ୍ୟଜୀବୀମାନେ ଅତି ଗରିବ, ଅଶିକ୍ଷିତ କିମ୍ୱା ଅଳ୍ପପାଠ ପଢିଥାନ୍ତି । ଏମାନେ ଅନ୍ଧ ବିଶ୍ୱାସି । ସମାଜରେ ସେମାନେ ପଛୁଆ ଜାତିରେ ପରିଗଣିତ । ବର୍ତ୍ତମାନ ମତ୍ସ୍ୟଜୀବୀ ସଂପ୍ରଦାୟ ମଧରେ ଅନ୍ଧବିଶ୍ୱାସ ଦୂରେଇ ଗଲାଣି ପାଠ ପଢାପଢି ପ୍ରତି ସଚେତନ ହେଲେଣି ତଥାପି ସେମାନେ ସମାଜରେ ନିଷ୍ପେସିତ ଓ ଦରିଦ୍ର ହୋଇ ରହିଛନ୍ତି ।

ମତ୍ସ୍ୟଜୀବୀମାନେ ସାଧାରଣତଃ ଚାରିଭାଗରେ ବିଭକ୍ତ ଯଥା- କେଉଟ, ଖଟିଆ, କଣ୍ଡରା ଓ ନୋଳିଆ । ସେମାନଙ୍କ ସାମାଜିକ ଅବସ୍ଥା ସ୍ୱଚ୍ଛଳ ନୁହେଁ । ପ୍ରତ୍ୟେକ ମତ୍ସ୍ୟଜୀବୀ ଗ୍ରାମର ଆଇନ୍ କାନୁନ୍‌ରେ ଏକତା ବଦ୍ଧ ହୋଇ ରୁହନ୍ତି । ବୈବାହିକ କାର୍ଯ୍ୟ, ପର୍ବପର୍ବାଣିରେ ସମସ୍ତେ ମିଳିମିଶି କାର୍ଯ୍ୟ କରନ୍ତି । ପ୍ରାୟତଃ ପ୍ରତ୍ୟେକ ଗ୍ରାମରେ ଗୋଟିଏ ଭାଗବତ ଟୁଙ୍ଗୀ ଗ୍ରାମଦେବୀ କୋଠଘର (ନ୍ୟାୟ ନିଷ୍ପତି ଯେଉଁଠାରେ ହୁଏ) ଥାଏ । ଏମାନଙ୍କର ଗ୍ରାମ କଳହ କମିଟି ଦ୍ୱାରା ସମାଧାନ ହୋଇଥାଏ । ସେଥିପାଇଁ କୋର୍ଟ କଚେରି ଆବଶ୍ୟକ ନଥାଏ । ଏହା ବ୍ୟତୀତ ସେମାନେ କେତେକ ଗୃହପାଳିତ ପଶୁପାଳନ କରିବା ସଙ୍ଗେ ସଙ୍ଗେ ନିଜ ନିଜର ସ୍ୱଳ୍ପ ଜମିଗୁଡିକୁ ଚାଷ କରନ୍ତି । ବର୍ତ୍ତମାନ ୨୬ଟି ମତ୍ସ୍ୟଜୀବୀ ସମବାୟ ସମିତି କାମ କରିଆସୁଛି । ଲୋକମାନେ ଅଭାବ ଅସୁବିଧା କିମ୍ୱା ପୁଅ/ଝିଅ ବିବାହ ସମୟରେ ମହାଜନଙ୍କଠାରୁ ପଇସା କରଜ ଆଣିଥାନ୍ତି । ଫଳରେ ପରବର୍ତ୍ତି ସମୟରେ ସେମାନଙ୍କର ଘରଦ୍ୱାର ମହାଜନ ହାତକୁ ଯାଏ । ଚିଲିକାର ଚତୁଃପାର୍ଶ୍ୱରେ ଥିବା ମତ୍ସ୍ୟଜୀବୀମାନେ କେବଳ ନୋଳିଆ ଓ ରିଫ୍ୟୁଜ୍‌କୁ ଛାଡିଦେଲେ ସମସ୍ତଙ୍କ ମାତୃଭାଷା ଓଡିଆ । ଯିଏ ଯେତେ ଦେବାଦେବୀ ପୂଜା କଲେ ମଧ ସେମାନଙ୍କର ମୁଖ୍ୟ ଦେବୀ ହେଉଛନ୍ତି ମାଆ କାଳିଜାଈ, ଗଙ୍ଗାମାତା ଓ ଗ୍ରାମ ଦେବୀ । ମତ୍ସ୍ୟଜୀବୀମାନଙ୍କର ବିପଦ ଆପଦର ଭରସା ମାଆ ଗ୍ରାମଦେବୀ । ପ୍ରଥମେ ମାଛ ଧରିବା ପୂର୍ବରୁ କାଳିଜାଈ ଓ ଡଙ୍ଗା

Digitized by srujanika@gmail.com

ବନ୍ଦାପନା କରନ୍ତି ଏବଂ ଗଙ୍ଗାମାତାକୁ ମୁଆଁ ଭସାଣି ଦିଅନ୍ତି । ନୋଲିଆଙ୍କୁ ଛାଡିଲେ ଅନ୍ୟ ମତ୍ସ୍ୟଜୀବୀ ଗ୍ରାମଗୁଡିକରେ ନିଶାଦ୍ରବ୍ୟ ଉପରେ କଟକଣା ଜାରି ହୋଇଥାଏ ।

ଅର୍ଥନୈତିକ ଅବସ୍ଥା

ମତ୍ସ୍ୟଜୀବୀମାନଙ୍କ ଅର୍ଥନୈତିକ ଅବସ୍ଥା ଅତି ସଙ୍କଟାପୂର୍ଣ୍ଣ । ଦୀର୍ଘ ୨୦/୩୦ ବର୍ଷ ତଳୁ ଅଦ୍ୟାବଧି ଜଳ ସମ୍ପଦର କ୍ରମନ୍ୱୟରେ ହ୍ରାସ ଘଟୁଛି, ଫଳରେ ଲୋକମାନେ ବମ୍ବେ, ସୁରାଟ, କଲିକତା ଇତ୍ୟାଦି ବାହାରକୁ କାମଧନ୍ଦା ପାଇଁ ଯାଉଥିଲେ । କିନ୍ତୁ ବର୍ତ୍ତମାନ ଚିଲିକା ଉନ୍ନୟନ କର୍ତ୍ତୃପକ୍ଷ ଚିଲିକାର ପୁନରଦ୍ଧାର ପାଇଁ ନେଇଥିବା କାର୍ଯ୍ୟକ୍ରମ, ନୂତନ ମୁହାଣ ଖନନ ଦ୍ୱାରା ଲୋକମାନଙ୍କର ଆର୍ଥିକ ଉନ୍ନତି ଘଟିଛି ।

ରାଜନୈତିକ ଅବସ୍ଥା

ପୂର୍ବରୁ ମତ୍ସ୍ୟଜୀବୀମାନଙ୍କ ଭିତରେ ସେତେଟା ସଂଗଠନ ଦୃଢିଭୂତ ନଥଲା । ମତ୍ସ୍ୟଜୀବୀମାନଙ୍କ ସାଂପ୍ରଦାୟିକ ସଂଗଠନ ଗଢି ଉଠିଥିଲା । ଯଥା (ଦେଓ୍ୱର) କୈବର୍ତ୍ତମାନଙ୍କୁ ଆଞ୍ଚଳିକତା, ଭାଷାଗତ, ଚାଲିଚଳନ ଓ ସଂସ୍କୃତିରେ ସାମଞ୍ଜସ୍ୟ ଥିବା ସମ୍ପ୍ରଦାୟ ମଧ୍ୟରେ ୭ଟି ଗ୍ରାମକୁ ନେଇ ସାତଦେଶ, ୯ ଟି ଗ୍ରାମକୁ ନେଇ ନଅଦେଶ ଗଠନ କରାଯାଇଥିଲା । ଏହି ସଂଗଠନ ଗୁଡିକ ଏତେ ଦୃଢଥିଲା ଯେ ଉକ୍ତ ଦେଶର ଯେକୌଣସି ସମସ୍ୟା ସଂଗଠନ ମାଧ୍ୟମରେ ସମାଧାନ ହେଉଥିଲା । ଏପରିକି ଜୋରିମାନା, ଦଣ୍ଡ ଏବଂ ବାଛନ୍ଦ ମଧ କରାଯାଉଥିଲା । ସେମାନଙ୍କ ବୈବାହିକ ସମ୍ବନ୍ଧ ସେହି ନିର୍ଦ୍ଦିଷ୍ଟ ଗ୍ରାମ ୭ଦେଶ/ନଅଦେଶ ମଧ୍ୟରେ ସଂଘଟିତ ହେଉଥିଲା । କ୍ରମେ ଏହା ଦୁର୍ବଳ ହେବାକୁ ଲାଗିଲାଣି । କିନ୍ତୁ ବର୍ତ୍ତମାନ ଚିଲିକାର ପଶ୍ଚିମାଞ୍ଚଳ ଉପକୂଳ ବର୍ତ୍ତୀ ଗ୍ରାମମାନଙ୍କୁ ନେଇ ପଶ୍ଚିମାଞ୍ଚଳ ମତ୍ସ୍ୟଜୀବୀ ମହାସଂଘ ଗଠନ କରାଯାଇଛି । ସେ ଗ୍ରାମଗୁଡିକ ହେଲା, ସୋରଣ, ନଇରି, ବରଡି, ପଥରା, ଭୂଷଣ୍ଡପୁର, ଜରିପଡା ଇତ୍ୟାଦି । ପରେ ପରେ ପୂର୍ବାଞ୍ଚଳ ଉପକୂଳବର୍ତ୍ତୀ ଗ୍ରାମମାନଙ୍କୁ ନେଇ ପୂର୍ବାଞ୍ଚଳ ମତ୍ସ୍ୟଜୀବୀ ମହାସଂଘ ଗଠନ କରାଗଲା । ଉଭୟ ମହାସଂଘର କର୍ମକର୍ତ୍ତାମାନଙ୍କ ମଧ୍ୟରେ ଯୋଗସୂତ୍ର ରହିଲା । ଚିଲିକାର ସମସ୍ତ ଅସୁବିଧା/ସୁବିଧା ସରକାରଙ୍କଠାରେ ଉପସ୍ଥାପନ କରିବା ଏହାର ମୂଖ୍ୟ ଲକ୍ଷ୍ୟ । ଏହି ସଂଘ ମାଧ୍ୟମରେ ଚିଙ୍ଗୁଡି ଘେରିକି ଉଚ୍ଛେଦ ପାଇଁ ପ୍ରଥମେ ଗଣ ଆନ୍ଦୋଳନ ଦେଖାଦେଲା । ଚିଲିକା ମାଆକୁ ମୁକ୍ତ କରିବା ଥିଲା ଏହି ମହାସଂଘର ମୂଖ୍ୟ ଲକ୍ଷ୍ୟ । ପୂର୍ବାଞ୍ଚଳ ମତ୍ସ୍ୟଜୀବୀ ମହାସଂଘ ଗଠନ ପାଇଁ ମଏଁଷା ଗ୍ରାମର ଅବଦାନ ଅବିସ୍ମରଣୀୟ । କେତେକ ରାଜନୈତିକ ନେତା ମଧ ଏହାକୁ ମୁଖ୍ୟ ଅସ୍ତ୍ରରୂପେ ବ୍ୟବହାର କରିବା ପାଇଁ ଚେଷ୍ଟା କରୁଛନ୍ତି ।

ମତ୍ସ୍ୟଜୀବୀ ସଂପ୍ରଦାୟ

ଚିଲିକା ଅଞ୍ଚଳରେ ବିଭିନ୍ନ ସଂପ୍ରଦାୟର ମତ୍ସ୍ୟଜୀବୀ ରହିଛନ୍ତି । ସେମାନେ ହେଲେ- (କ) କେଉଟ ବା କୈବର୍ତ୍ତ (ଖ) ନିଆରି ବା ଲିଆରି (ଗ) କାରେଡିଆ (ଘ) ଗୋଖା (ଙ) କଟିଆ ବା ଖଟିଆ (ଚ) କଣ୍ଡରା (ଛ) ତିଅର (ଜ) ନୋଳିଆ (ଝ) ରିଫ୍ୟୁଜ । ଏମାନଙ୍କୁ ଏ ଅଞ୍ଚଳରେ ସମସ୍ତେ ମତ୍ସ୍ୟଜୀବୀ କୁହନ୍ତି । ଏମାନେ ମାଛମାରନ୍ତି, ଡଙ୍ଗା ବାହାନ୍ତି, ଡଙ୍ଗା ତିଆରି କରନ୍ତି, ଜାଲ ବୁଣନ୍ତି ଓ ମାଛ ଚିଙ୍ଗୁଡି ବିକନ୍ତି । ସ୍ତ୍ରୀ ଓ ପୁରୁଷ ଉଭୟେ ବହୁତ ପରିଶ୍ରମୀ ।

Digitized by srujanika@gmail.com

(କ) କେଉଟ ବା କୈବର୍ତ୍ତ

ମତ୍ସ୍ୟଜୀବୀ ସଂପ୍ରଦାୟଙ୍କ ମଧ୍ୟରେ ଏମାନେ ଉପର ସ୍ତରର ମତ୍ସ୍ୟଜୀବୀ ଭାବରେ ପରିଚିତ । ଚିଲିକା ଅଞ୍ଚଳରେ ବାସ କରୁଥିବା ମତ୍ସ୍ୟଜୀବୀମାନଙ୍କ ମଧ୍ୟରେ ଏମାନଙ୍କ ସଂଖ୍ୟା ସର୍ବାଧିକ (୪୭.୧%) ବୋଲି ମତ୍ସ୍ୟବିଭାଗ ସର୍ଭେ ରିପୋର୍ଟରୁ ଜଣାଯାଏ (ମିତ୍ର ଓ ମହାପାତ୍ର, ୧୯୫୭) । ଏମାନେ ବେହେରା କୈବର୍ତ୍ତ, ଦେଓ୍ୱର କୈବର୍ତ୍ତ ନାମରେ ପରିଚିତ । ଏମାନେ ବହୁଳ ଭାବରେ ରହୁଥିବା ଗ୍ରାମଗୁଡିକ ହେଲା ପୂର୍ବପଟେ ମଏଁଷା, ସାତପଡା ବଳଭଦ୍ରପୁର, ଉତ୍ତରପଟେ ଜାଗୁଲେଇ ପଦର, ଗଡିଶାଗଦା, କଉଡିଖଣି, ବାଲିପାଟପୁରୁ, ଭୂଷୁଣ୍ଡପୁର । ପଶ୍ଚିମପଟେ ସୋରଣ, ନଇରି, ବଉଳାବନ୍ଧ, ବାଲୁଗାଁ, ଗବପଦର, ଜରିପଡ଼ା, ପଥରା, ଚନ୍ଦ୍ରାପୁଟ । ଦକ୍ଷିଣପଟେ-ରମ୍ଭା, ଖାବେଳିଆ

କେଉଟ ପୁନଶ୍ଚ ପାଞ୍ଚ ଭାଗରେ ବିଭକ୍ତ ହୋଇଛନ୍ତି ।

(୧) ଦେଓ୍ୱର କୈବର୍ତ୍ତ (୨) ହୁଳା ହାଣିଆ କେଉଟ (୩) ବିଲୁଆ କେଉଟ (୪) ଚୁଡିତିଆ ବା ଚୁଡେଇଡିଆ କେଉଟ (୫) କୈବର୍ତ୍ତ । ଗୋଟିଏ ଜାତିର କେଉଟ ଅନ୍ୟ ଜାତି ମଧ୍ୟରେ ବିବାହ କରନ୍ତି ନାହିଁ ।

(୧) ଦେଓ୍ୱର କୈବର୍ତ୍ତ

ଏମାନେ ଚିଲିକାର ପୂର୍ବ ପଶ୍ଚିମରେ ରହିଥାନ୍ତି । ଚାଲିଚଳନ ଭାଷାଗତ ଦୃଷ୍ଟିରୁ ଏମାନେ ଅନ୍ୟମାନଙ୍କ ଠାରୁ ଉନ୍ନତ ଧରଣର । ଏମାନେ ପୂର୍ବେ ଡଙ୍ଗାଦ୍ୱାରା ଲୋକମାନଙ୍କୁ ଚିଲିକା ପାର କରନ୍ତି କ୍ରମେ ଏମାନେ ମାଛ ମାରିବାକୁ ମୁଖ୍ୟ ଜୀବିକାରୂପେ ଗ୍ରହଣ କଲେ । ମାଛ ମାରିବା ପାଇଁ ରାତ୍ର ଲାଇଟ୍ ବ୍ୟବହାର କରନ୍ତି ନାହିଁ । ଶିକ୍ଷା ଛାଭ କ୍ଷେତ୍ରରେ ଏମାନେ ଅନ୍ୟଠାରୁ ଉନ୍ନତ । ଏ ଗ୍ରାମଗୁଡିକ ହେଲା ସାତପଡା ବଳଭଦ୍ରପୁର, ମଏଁଷା, ଗବପଦର, ଛେଡାପଦର, ଜରିପଡ଼ା ଓ ଟାଙ୍ଗି । କେତେକ ଗ୍ରାମରେ ଗ୍ରାମ କମିଟ୍ ଦ୍ୱାରା ଶିକ୍ଷାକୁ ବାଧ୍ୟତାମୂଳକ କରାଯାଇଛି ।

(୨) ହୁଳା ହାଣିଆ କେଉଟ

ହୁଳା ହାଣିଆ କେଉଟ ଚିଲିକାର ପଶ୍ଚିମ ପଟରେ ଥିବା ଗ୍ରାମମାନଙ୍କରେ ରହନ୍ତି । ଏମାନେ ପାତୁଆ, ଭେକଟି, ଖଇଙ୍ଗା ଓ ଭିଡଜାଲ ସବୁପ୍ରକାର ଜାଲ ପକାଇ ଚିଲିକାରୁ ମାଛ ଧରନ୍ତି । ଏମାନେ ରାତିରେ ଆଲୋକ ଜାଳି ବା ହୁଳା ଜାଳି ମାଛ ଧରନ୍ତି ବୋଲି ଏମାନଙ୍କୁ ହୁଳା କେଉଟ କୁହାଯାଏ ।

(୩) ବିଲୁଆ କେଉଟ

ଏମାନେ ବିଭିନ୍ନ ପ୍ରକାର ଜାଲ ପକାଇ ମାଛ ଧରନ୍ତି । ଜାଲ ପକାଇ ମାଛ ଧରିବା ବେଳେ ଏମାନେ ଏକ ସଙ୍ଗରେ ବଡ ପାଟି କରି ମାଛକୁ ଜାଲ ଆଡକୁ ହୁରୁଡାନ୍ତି । ଏହି ପ୍ରକାର ବଡପାଟି କରିବା ଯୋଗୁଁ ଏମାନଙ୍କୁ ବିଲୁଆ କେଉଟ ବୋଲି କୁହନ୍ତି ।

Digitized by srujanika@gmail.com

(୪) ଚୁଡୁଟିଆ ବା ଚୁଡାକୁଟା କେଉଟ

ଏମାନଙ୍କର କାମ ହେଲା ଚୁଡା କୁଟିବା । ଏମାନେ ଚୁଡାକୁଟି ବିକ୍ରିକରନ୍ତି ଏବଂ ଜଗନ୍ନାଥ ମନ୍ଦିରକୁ ମଧ ଚୁଡା କୁଟି ଯୋଗଇ ଦିଅନ୍ତି । ଏମାନେ ଦୋକାନ କରି ଜିନିଷପତ୍ର ବିକ୍ରିକରିଥାନ୍ତି ଓ ଚାଷବାସ ମଧ କରନ୍ତି । ଆଜିକାଲି ଚୁଡା [redacted]ନ କୁଟି ମାଛଧରିବା, ବିକ୍ରିକରିବା ଓ ମାଛ ବ୍ୟବସାୟ ପ୍ରଭୃତି କରୁଛନ୍ତି ।

(୫) କୈବର୍ତ୍ତ

ଏମାନେ ଚିଲିକାରେ ସବୁପ୍ରକାର ଡଙ୍ଗା ଓ ନାଆ ତିଆରି କରନ୍ତି । ପଥରା, ଚନ୍ଦ୍ରାପୁଟ ଓ ମଙ୍ଗଳା ଯୋଡିଠାରେ ଏମାନେ ଡଙ୍ଗା ତିଆରି କରନ୍ତି । କ୍ରମେ ଏମାନେ ମାଛ ମାରିବା ସହିତ ମାଛ ବିକ୍ରି ମଧ କରୁଛନ୍ତି ।

(ଖ) ନିଆରି

ଏମାନଙ୍କୁ ମଧ ଲିଆରି କୁହନ୍ତି । ପୂର୍ବେ ଏମାନେ ଲିଆ ଭାଜି ଉଖୁଡା କରି ମାଛ ପେଣ୍ଠମାନଙ୍କରେ ବିକ୍ରି କରନ୍ତି । ଏମାନେ ବିଶେଷତଃ ପାତୁଆ ଜାଲରେ ପାତୁଆ ମାଛ ଧରନ୍ତି । ଏମାନଙ୍କ ସଂଖ୍ୟା ବହୁତ କମ୍ । ଟାଙ୍ଗି, ବାଲୁଗାଁ ଓ ଭୁଷଣ୍ଡରପୁରରେ ଏମାନେ ରୁହନ୍ତି । ଏମାନେ କୌଣସି ମାଛ ବଳି ଦିଅନ୍ତି ନାହିଁ । ପର୍ବପର୍ବାଣିରେ ଏମାନେ "ଖଡିକା ମୁଠା" ପୂଜା କରନ୍ତି ।

(ଗ) କାରେତିଆ

କାରେତିଆ ବା କାରେଟ୍ରିଆ ମାନେ ଚିଲିକାର ପଶ୍ଚିମପଟରେ ଥିବା ମଙ୍ଗଳାଯୋଡି ଓ କୁମଣ୍ଡଳ ଗ୍ରାମରେ ବହୁଳ ଭାବରେ ରହିଛନ୍ତି । ଏମାନେ ଚିଲିକାର ପୂର୍ବ ପଟକୁ ଗଲେ ଜାଲ ବସାଇ ମାଛ ଧରନ୍ତି । ଆଜିକାଲି ଏମାନେ ଏଚ.ଡି.ପି ନାଇଲନ୍ ଜାଲ ସାହାଯ୍ୟରେ ତାଟ ବାଡ କରି ଚିଲିକାରୁ ମାଛ ଧରନ୍ତି ।

(ଘ) ଗୋଖା

ଏମାନେ ଚିଲିକାର ପୂର୍ବ ପାର୍ଶ୍ୱରେ ଗୋରାପୁର ନୂଆପଡା ଗ୍ରାମରେ ରହୁଛନ୍ତି । ଏମାନଙ୍କ ସଂଖ୍ୟା ଖୁବ୍ କମ୍ । ଏମାନେ ଚିଲିକାରୁ ଖାଡିଜାଲ ଓ ଖେପାଜାଲ ସାହାଯ୍ୟରେ ମାଛ ଧରନ୍ତି । ଏବେ ନାଇଲନ୍ ଜାଲ ବ୍ୟବହାର କଲେଣି ।

(ଙ) ଖଟିଆ ବା କଟିଆ

ଏମାନେ ଚିଲିକାର ପୂର୍ବପଟେ-ବ୍ରହ୍ମଗିରି, ଖଟିସାହି, ଆଳୁପାଟଣା, ଯଦୁପୁର, ପଶ୍ଚିମପଟେ ଭୂଷଣ୍ଡପୁର, ବାଲିନାସି, ମଙ୍ଗଳାଯୋଡି, ଚାନ୍ଦପୁରୁ ଗ୍ରାମରେ ରହୁଛନ୍ତି । ଏମାନେ ଅଧିକାଂଶ ହରିଜନ ଅନ୍ତର୍ଭୁକ୍ତ ନୁହନ୍ତି । କିନ୍ତୁ ଏମାନେ ପ୍ରଧାନତଃ ଜାଲ ସାହାଯ୍ୟରେ ମାଛମାରନ୍ତି । ଏମାନଙ୍କ ଚାଲିଚଳନ ଉନ୍ନତମାନର । ଏମାନଙ୍କ ମଧ୍ୟରୁ କିଛିଲୋକ ହରିଜନ ଅନ୍ତର୍ଭୁକ୍ତ । ଏମାନେ ୯ଟି ଗ୍ରାମକୁ ନେଇ ନଅଦେଶ ଗଠନ କରିଛନ୍ତି । ଏମାନଙ୍କ ବିବାହ କେବଳ ଏହି ୯ଟି ଗ୍ରାମ ମଧ୍ୟରେ ହୋଇଥାଏ ।

Digitized by srujanika@gmail.com

(ଚ) କଣ୍ଡରା

ଚିଲିକା ଅଞ୍ଚଳରେ କେଉଟଙ୍କ ପରେ ଏମାନେ ହେଲେ ଦ୍ୱିତୀୟ ବୃହତ୍ତମ ସଂପ୍ରଦାୟ। ଚିଲିକାର ପ୍ରାୟ ସବୁଦିଗରେ ରହୁଛନ୍ତି। ଯଥା-ଯଦୁପୁର, ଗୋଲା, ଖୋଳାମୁହଁ, ରସକୁଜି, ଖଟିଆକୁଦି, ରମ୍ଭା, ବିରିପଦର, କେଶପୁର, ଖାରିବନ୍ଧ, ଲଙ୍ଗଳେଶ୍ୱର, ଭିମପୁର ଓ ବାଲୁଗାଁ। ଏମାନେ ବାଉଁଶ ଡାଟ, ବଜା ଓ ଦଉଡି ସାହାଯ୍ୟରେ ଚିଲିକାରୁ ଚିଙ୍ଗୁଡିଧରନ୍ତି। ତିଅରଙ୍କ ସହିତ ମଧ୍ୟ ଏମାନେ ମାଛଧରନ୍ତି। ଏମାନଙ୍କର ଚାଲିଚଳଣିରେ ସେତେ ଉନ୍ନତି ପରିଲକ୍ଷିତ ହୁଏ ନାହିଁ। ଆଜିକାଲି ନାଇଲନ୍ ଜାଲ ସାହାଯ୍ୟରେ ମାଛ ଧରୁଛନ୍ତି। ଏମାନେ ବୈଷ୍ଣବ ଧର୍ମାବଲମ୍ବୀ ଓ ଗରୁମନ୍ତ୍ର ଗ୍ରହଣ କରନ୍ତି।

(ଛ) ତିଅର

ଏମାନେ ଚିଲିକାର ପୂର୍ବ ପଟେ ଯଦୁପୁର, ଗୋପୀନାଥପୁର, କେଉଟକୁଦି, ରସକୁଦି, ମୁଦିରଥ, ପଶ୍ଚିମ ପଟେ ବାଲିନାସୀ, ପଞ୍ଚୁପାଟିଆ, ବରୁଣପଡ଼ା, ଭୀମପୁର ଗ୍ରାମରେ ରହୁଛନ୍ତି। ଏମାନେ ମଧ୍ୟ କଣ୍ଡରାଙ୍କ ପରି ଦଉଡି, ଡାଟ, ବଜା ସାହାଯ୍ୟରେ ମାଛ ଧରନ୍ତି।

(ଜ) ନୋଳିଆ

ଏହି ସଂପ୍ରଦାୟର ମତ୍ସ୍ୟଜୀବୀମାନେ ଚିଲିକାର ପୂର୍ବପଟେ ସମୁଦ୍ର କୂଳ ଗ୍ରାମମାନଙ୍କରେ ରହୁଛନ୍ତି। ଯଥା- ଅରଖକୁଦା, ସାନପାଟଣା, ଖିରିସାହି, ରାମଲେଙ୍କା, ସିଆଣ୍ଡି, ପ୍ରୟାଗୀ ଓ କଣ୍ଡିଆଗଡ। ଏମାନେ ତେଲୁଗୁଭାଷୀ। ଏମାନେ ବିଶାଖାପାଟଣା, ଭାମୁନିପାଟଣା ଓ କଳିଙ୍ଗପାଟଣାରୁ ଆସିଛନ୍ତି। ପୁରୁଷ ଓ ସ୍ତ୍ରୀ ଉଭୟ ସାହାସୀ। ଏମାନେ ସମୁଦ୍ର ଓ ଚିଲିକାରେ ମାଛମାରନ୍ତି। ଏମାନେ ଦୁଇଶ୍ରେଣୀର ଦେଖାଦିଅନ୍ତି- "ଜାଳିଆ ଏବଂ ଖଲାସୀ"। ଏହି ଦୁଇଜାତି ମଧ୍ୟରେ ବିବାହ ସମ୍ବନ୍ଧ ହୁଏ ନାହିଁ। ଖଲାସୀମାନେ ଚିଲିକା ଓ ସମୁଦ୍ରରେ ମାଛଧରନ୍ତି କିନ୍ତୁ ଜାଲାରିମାନେ କେବଳ ସମୁଦ୍ରରେ ମାଛ ଧରନ୍ତି। ଏମାନେ ବଡଭିଡଜାଲ ବ୍ୟବହାର କରନ୍ତି। ଅଧିକାଂଶ ଲୋକ ସଦାସର୍ବଦା ନିଶାଦ୍ରବ୍ୟ ସେବନ କରନ୍ତି। ମହିଳାମାନେ ଗୃହର ପରିଚାଳନା କରନ୍ତି।

(ଝ) ରିଫ୍ୟୁଜି

ଏମାନେ ବଙ୍ଗଳାଦେଶୀୟ ମତ୍ସ୍ୟଜୀବୀ। ସେଠାରୁ ଆସି ବାଲୁଗାଁ ଓ ଭୂଷଣ୍ଡପୁର ଅଞ୍ଚଳରେ ବାସକରନ୍ତି। ଏମାନେ ପୂର୍ବ ବଙ୍ଗଳାର ଶରଣାର୍ଥୀ ଅଟନ୍ତି। ମାଛଧରିବାର ଅଧିକାର ନଥିଲେ ମଧ୍ୟ ଏମାନେ ମାଛଧରନ୍ତି। ଏମାନଙ୍କୁ ରିଫ୍ୟୁଜି ବୁହାଣିଆ କୁହାଯାଏ। ୧୯୮୫ ମସିହାରୁ ଏମାନେ ଆସି ଚିଲିକା ଉପକୂଳରେ ବସବାସ କରୁଛନ୍ତି। ସ୍ଥାନୀୟ ମତ୍ସ୍ୟଜୀବୀମାନେ ସଦାସର୍ବଦା ଏମାନଙ୍କ ସହିତ କଳହ କରିବା ଦ୍ୱାରା ଏମାନଙ୍କ ସଂଖ୍ୟା କ୍ରମଶଃ କମିଯାଇଛି।

ଏମାନଙ୍କ ସମସ୍ୟା ସମ୍ପର୍କେ

(୧) ଉତ୍ପାଦନ ହ୍ରାସ ମୁଖ୍ୟ ସମସ୍ୟା ରୂପେ ମୁଣ୍ଡ ଟେକିଛି। ଅବଶ୍ୟ ଚିଲିକା ଉନ୍ନୟନ କର୍ତ୍ତୃପକ୍ଷ ଦ୍ୱାରା ନୂତନ ମୁହାଁଣ ଖନନ ଦ୍ୱାରା କିଛିଟା ଦୂର ହୋଇ ପାରିଛି।

Digitized by srujanika@gmail.com

(୨) ଅବାଧ ଚିଙ୍ଗୁଡି ଘେରି ନିର୍ମାଣ କରି ଚିଲିକା ଅବରୋଧ କରିବା ।

(୩) ଲୋକସଂଖ୍ୟା ବୃଦ୍ଧି ।

(୪) ମୁହାଁଣ ମୁହଁରେ ଏବଂ ମୁଖ୍ୟ ନାଳୀମାନଙ୍କ ଆବଦ୍ଧ କରିବା ଓ ମାଛ ଚିଙ୍ଗୁଡି ଧରିବା ।

(୫) ଚିଲିକାରେ ଉପଭୋଗ କରୁଥିବା ମତ୍ସ୍ୟଜୀବୀମାନଙ୍କର ପ୍ରାପ୍ତ ଜାଗାକୁ ସୀମାନିର୍ଦ୍ଧାରଣ ଓ ସେମାନଙ୍କୁ ସୁରକ୍ଷା ପ୍ରଦାନ କରିବା ।

(୬) ଚିଲିକା ଉପକୂଳ ଗ୍ରାମଗୁଡିକର ଗମନାଗମନ ସୁବିଧା ଓ ବିଦ୍ୟୁତ୍ କରଣ କରିବା ପ୍ରମୁଖ ସମସ୍ୟା ହୋଇଛି ।

(୭) ମତ୍ସ୍ୟଜୀବୀ ସମବାୟ ସମିତିଗୁଡିକୁ ସୁଚାରୁ ରୂପେ ପରିଚାଳନା କରିବା ।

(୮) ସ୍ୱାସ୍ଥ୍ୟପରିମଳ ବ୍ୟବସ୍ଥା ପାଇଁ ମତ୍ସ୍ୟଜୀବୀ ଗ୍ରାମଗୁଡିକୁ ସାହାଯ୍ୟ ଯୋଗାଇ ଦେବା ।

ଏ ସବୁ ସମସ୍ୟାଗୁଡିକ ଆଜି ମତ୍ସ୍ୟଜୀବୀମାନଙ୍କର ପ୍ରମୁଖ ସମସ୍ୟା ରୂପେ ମୁଣ୍ଡ ଟେକିଛି ।

ଚିଲିକା ମତ୍ସ୍ୟଜୀବୀମାନଙ୍କର ଭବିଷ୍ୟତ

ଚିଲିକାଞ୍ଚଳର ମତ୍ସ୍ୟଜୀବୀମାନେ ଅତି ଗରିବ ଅଟନ୍ତି । ଏହି ମତ୍ସ୍ୟଜୀବୀମାନେ ଚିଲିକା ଉପରେ ସଂପୂର୍ଣ୍ଣ ନିର୍ଭର କରୁଥିବାରୁ ଉତ୍ପାଦନ ହ୍ରାସ ଓ ସବୁଜାତିର ଲୋକଙ୍କ ଦ୍ୱାରା ଅବାଧ ମାଛଧରା ଦ୍ୱାରା ମତ୍ସ୍ୟଜୀବୀମାନଙ୍କ ଭବିଷ୍ୟତ ଅନ୍ଧକାର ହୋଇଛି । ଚିଙ୍ଗୁଡି ଚାଷଗୁଡିକ ଯେଉଁଭଳି ଭାବରେ ବଢିଚାଲିଛି (ସୁପ୍ରିମ୍‌କୋଟର) ଯଦି ଏହାକୁ ଉଚ୍ଛେଦ ନ କରାଯାଏ ଭବିଷ୍ୟତରେ ଏପରି ଭୟଙ୍କର ରୂପନେବ ଯାହାକି ଗୁଜୁରାଟର ଭୂମିକମ୍ପଠାରୁ ବଳେଇ ଯିବ । ଲୋକେ ଖାଦ୍ୟ ପାଇଁ ମଣିଷ ମାଂସ ମଣିଷ ଖାଇବେ । ମତ୍ସ୍ୟଜୀବୀମାନେ ଗରିବ ହୋଇଥିବାରୁ ସେମାନଙ୍କୁ ଅବହେଳିତ କରିରଖାଯାଉଛି । ସବୁ ଗ୍ରାମକୁ ଗମନାଗମନ ସୁବିଧା ନଥିବାରୁ ଲୋକେ ହଇରାଣ ହେଉଛନ୍ତି । ମତ୍ସ୍ୟଜୀବୀମାନଙ୍କୁ ମହାଜନ କବଳରୁ ରକ୍ଷା କରିବା ପାଇଁ ପ୍ରାଥମିକ ମତ୍ସ୍ୟ ସମବାୟ ସମିତିଗୁଡିକ ଅଧିକ ସକ୍ରିୟ କରିବା ଉଚିତ୍ । ଚିଲିକା ଉନ୍ନୟନ ସଂସ୍ଥା ଓ ଜିଲ୍ଲା ପ୍ରଶାସନ ଯଦି ଏସବୁ ପ୍ରତି ଦୃଷ୍ଟିପାତ ନ କରନ୍ତି, ତେବେ ମତ୍ସ୍ୟଜୀବୀମାନଙ୍କର ଭବିଷ୍ୟତ ଉନ୍ନତି ଅସମ୍ଭବ ।

******

Digitized by srujanika@gmail.com

ପକ୍ଷୀର ସମ୍ଭାର ଚିଲିକା (ପକ୍ଷୀ ଅଭୟାରଣ୍ୟ)

ଶ୍ରୀ ପଦ୍ମ ଚରଣ ପ୍ରଧାନ, ପ୍ରଧାନଶିକ୍ଷକ
ଚର୍ଚ୍ଚିକା ୟୁ.ଜି.ମଇ. ସ୍କୁଲ, ଗୁରୁବାଇ

ଚିଲିକାର ଦିଗନ୍ତବିସ୍ତାରୀ ନୀଳାମ୍ବୁ ଜଳରାଶିରେ କ୍ରୀଡାରତ ମାଳମାଳ ବିହଙ୍ଗରାଜିଙ୍କର ନୈସର୍ଗିକ ଶୋଭାକୁ ବର୍ଣ୍ଣନା କରିବାକୁ ଯାଇ କବିବର ରାଧାନାଥ ରାୟ ଚିଲିକା ଖଣ୍ଡ କାବ୍ୟରେ ଲେଖିଛନ୍ତି " ଉତ୍କଳ କମଳା ବିଳାସ ଦୀର୍ଘିକା, ମରାଳ ମାଳିନୀ ନିଳାମ୍ବୁ ଚିଲିକା" । ବାସ୍ତବରେ ଚିଲିକା ହ୍ରଦର ସୌନ୍ଦର୍ଯ୍ୟ କେବଳ କବି ପ୍ରାଣ କାହିଁକି ସମସ୍ତ ଦର୍ଶକଙ୍କୁ ବିମୋହିତ କରିଛି ଏହା ନିଃସନ୍ଦେହ ।

ଚିଲିକା ଶବ୍ଦର ଅର୍ଥ ବିସ୍ତୀର୍ଣ୍ଣ ଜଳରାଶି । ଜୈବ ବିଭିନ୍ନତା ପରିପୂର୍ଣ୍ଣ, ଅଦ୍ୱିତୀୟ ଆର୍ଦ୍ରଭୂମୀ ତଥା ବିପୁଳ ପ୍ରାକୃତିକ ଶୋଭାରାଜିର ଗନ୍ତାଘର । ଚିଲିକାର ସୃଷ୍ଟି ପ୍ରାୟ ପାଞ୍ଚ, ଛଅ ହଜାର ବର୍ଷ ପୂର୍ବରୁ ଘଟିଛି । ୧୯୭୧ ମସିହାରେ ଇରାନ୍‌ର ରାମସରଠାରେ ଅନୁଷ୍ଠିତ ହୋଇଥିବା ବ୍ରଜକ ପକ୍ଷୀ ସଂରକ୍ଷଣ ସମ୍ବନ୍ଧୀୟ ଆନ୍ତର୍ଜାତିକ ସମ୍ମିଳନୀରେ ଚିଲିକା ହ୍ରଦର ନାମ ସ୍ଥାନ ପାଇଛି । ଆନ୍ତର୍ଜାତିକ ସ୍ତରରେ ଖ୍ୟାତି ଲାଭ ପରେ ଚିଲିକା ହ୍ରଦର ଭାଗ୍ୟ ଆକାଶରେ ଉନ୍ନତିର ସୂର୍ଯୋଦୟ ହେଲା ବୋଲି କହିଲେ ଅତ୍ୟୁକ୍ତି ହେବ ନାହିଁ ।

ଚିଲିକାର ବିଶାଳକାୟ ଜଳଭଣ୍ଡାର ନିଜର ଭୌଗଳିକ ଅବସ୍ଥିତି ତଥା ପରିବେଶ ନିମିତ୍ତ, କାହିଁ କେଉଁ ପୁରାତନ କାଳରୁ ଏସିଆ ମହାଦେଶର କୋଡିଏ ଲକ୍ଷରୁ ଉର୍ଦ୍ଧ୍ୱ ବ୍ରାଜକ ପକ୍ଷୀଙ୍କୁ ପ୍ରତିବର୍ଷ ଆକର୍ଷଣ କରିଥାଏ । ନଈ କୂଳରେ ଧଳା କାଶତଣ୍ଡୀ ଫୁଲର ଚମକ ଭାସିଆସିବା ବେଳକୁ ସୂଚାଇ ଦିଏ ଶରତ ଋତୁ ଧରା ପୃଷ୍ଠରୁ ବିଦାୟ ନେବାକୁ ବସିଲାଣି । ଏହି ସମୟରେ ଅର୍ଥାତ୍ ଶୀତଋତୁର ଅବ୍ୟବହିତ ପୂର୍ବରୁ ଦେଶ ବିଦେଶରୁ ସହସ୍ରାଧିକ ପକ୍ଷୀମାନଙ୍କର ସମାଗମ ଆରମ୍ଭ ହୋଇଯାଏ ଚିଲିକା ହ୍ରଦର ନୀଳ ଜଳରାଶିରେ । ଅନ୍ୟତ୍ର ଦେଖାଯାଉଥିବା ଅସହ୍ୟ ଶୀତରୁ ରକ୍ଷାପାଇବା ପାଇଁ ଖାଦ୍ୟର ସହଜ ଉପଲବ୍ଧ ତଥା ପ୍ରଜନନ ସୁବିଧାପାଇଁ ଅନୁକୂଳ ପାରିପାର୍ଶିକ ପରିବେଶ ଥିବା ଏହି ହ୍ରଦର ସଂଧାନରେ ପୃଥିବୀର ଅନେକ ସ୍ଥାନରୁ ସୁଦୀର୍ଘ ପଥ ଅତିକ୍ରମ କରି ଅନେକ ବାଧାବିଘ୍ନର ସମ୍ମୁଖୀନ ହୋଇ ଲକ୍ଷାଧିକ ପକ୍ଷୀ ଏହି ଭୂସ୍ୱର୍ଗ 'ଚିଲିକା' କୁ ଆସିଥାନ୍ତି । ଯାଯାବର ପରି ସୁଦୂର ସାଇବେରିଆ, ଋଷିଆର ଅଭ୍ୟନ୍ତରୀଣ ଅଞ୍ଚଳ, କାଜାକିସ୍ଥାନ, ମଧ୍ୟ ଓ ଦକ୍ଷିଣପୂର୍ବ ଏସିଆ, ମଙ୍ଗୋଲିଆ, ଲାଦାଖ୍, ତିବ୍ବତ, କାସ୍ପିୟାନ ସାଗର ଏବଂ ବୈକାଲ ହ୍ରଦ ଅଞ୍ଚଳରୁ ପ୍ରତିବର୍ଷ ଶୀତଋତୁର ପ୍ରାରମ୍ଭରେ ଏମାନେ ଚିଲିକା ହ୍ରଦକୁ ଉଡି ଆସନ୍ତି । ଲକ୍ଷ ଲକ୍ଷ ପକ୍ଷୀଙ୍କର କଳ-ରାବନରେ ଚିଲିକାର ନୈସର୍ଗିକ ସୌନ୍ଦର୍ଯ୍ୟ ଆଶାତୀତ ଭାବରେ ବୃଦ୍ଧିପାଇଥାଏ । ସେମାନଙ୍କର ଆକର୍ଷଣୀୟ କ୍ରୀଡା କୌତୁକରେ ଚିଲିକାର ଦିଗନ୍ତ ବିସ୍ତାରୀ ଫେନିଳ ଜଳରାଶି ଗୁଞ୍ଜରିତ ହୋଇଉଠେ ।

Digitized by srujanika@gmail.com

ପକ୍ଷୀଅଭୟାରଣ୍ୟ ନଳବଣ

ବାଲୁଗାଁଠାରୁ ୨୦କି.ମି. ଦୂରରେ ଅବସ୍ଥିତ ଚିଲିକା ଅନ୍ତର୍ଗତ ନଳଘାସ ଓ ସିମ୍ପାଳଘାସ ପରିବେଷ୍ଟିତ ନଳବଣ ଏବଂ ଏହାର ପାର୍ଶ୍ୱବର୍ତ୍ତୀ ଅଞ୍ଚଳ ବିଦେଶାଗତ ପକ୍ଷୀମାନଙ୍କର ଅଭୟ ବାସସ୍ଥଳୀ । ସେଥିପାଇଁ ୧୯୮୭ ମସିହାରୁ ବନ୍ୟଜୀବୀ ସଂରକ୍ଷଣ ଆଇନ୍ ଅନୁଯାୟୀ 'ନଳବଣ' ଦ୍ୱୀପଖଣ୍ଡର ୧୫.୫ବ.କି.ମି. ପରିମିତ ଅଞ୍ଚଳକୁ " ଚିଲିକା ବନ୍ୟପ୍ରାଣୀ ଅଭୟାରଣ୍ୟ" ରୂପେ ଏବଂ ଅବଶିଷ୍ଟ ହ୍ରଦ ଅଞ୍ଚଳକୁ ନିବୁଜ କ୍ଷେତ୍ର ରୂପେ ଘୋଷଣା କରାଯାଇଛି । ପକ୍ଷୀ ବିଶାରଦମାନଙ୍କ ମତରେ ଅତୀତରେ ପ୍ରତିବର୍ଷ ହାରାହାରି ଦଶଲକ୍ଷରୁ ଉର୍ଦ୍ଧ୍ୱପକ୍ଷୀ ଚିଲିକାକୁ ପରିଭ୍ରମଣରେ ଆସିଥାନ୍ତି । ନଇରୀ ଅଞ୍ଚଳରେ ସିମ୍ପାଳ ଜଙ୍ଗଲରେ ଅଣ୍ଡା ଦିଅନ୍ତି କିନ୍ତୁ ଚିଲିକାର ପ୍ରାକୃତିକ ପରିବେଶ ଧୀରେ ଧୀରେ ପ୍ରଦୂଷିତ ହୋଇ ଯାଉଥିବାରୁ ଏବଂ ପକ୍ଷୀଶିକାରୀମାନଙ୍କର ଚୋରା କାରବାର ବୃଦ୍ଧି ପାଉଥିବାରୁ କ୍ରମଶଃ ଆଗନ୍ତୁକ ପକ୍ଷୀମାନଙ୍କର ସଂଖ୍ୟା କମି ଆସୁଛି ।

ପକ୍ଷୀଗଣନା

ଅଭୟାରଣ୍ୟ ମଧ୍ୟକୁ ବିଭିନ୍ନ ଜାତିର ଅନେକ ପକ୍ଷୀ ପ୍ରାୟ ପ୍ରତିବର୍ଷ ଆସିଥାଆନ୍ତି, ସେମାନଙ୍କର ନିର୍ଦ୍ଦିଷ୍ଟ ଜାତି ଓ ହାରାହାରି ଆନୁମାନିକ ସଂଖ୍ୟା ଆକଳନ ପାଇଁ ପ୍ରତିବର୍ଷ ଅଭୟାରଣ୍ୟ ମଧ୍ୟରେ ପକ୍ଷୀ ଆକଳନ କାର୍ଯ୍ୟ ହାତକୁ ନିଆଯାଏ । ଡଙ୍ଗାରେ ଦୂରବୀକ୍ଷଣ ଯନ୍ତ୍ରଧରି ବିଭିନ୍ନ ଆକଳନ ଦଳ ବିଭିନ୍ନ ଦିଗରେ ପକ୍ଷୀ ଗଣନା କରନ୍ତି । ଗଣନାରେ ସାହାଯ୍ୟ କରିବା ପାଇଁ ଦୂର ଭାଷର ସାହାଯ୍ୟ ମଧ୍ୟ ନିଆଯାଏ । ସକାଳୁ ସନ୍ଧ୍ୟା ପର୍ଯ୍ୟନ୍ତ ନିରବଚ୍ଛିନ୍ନ ଭାବରେ ପକ୍ଷୀ ଗଣନା କାର୍ଯ୍ୟ ସମସ୍ତ ଦଳ କରନ୍ତି । ଗୋଟିଏ ଦିନ ନଳବଣରେ ଓ ଆଉ ଗୋଟିଏ ଦିନ ଚିଲିକା ହ୍ରଦର ଅନ୍ୟାନ୍ୟ ଭାଗରେ ପକ୍ଷୀ ଗଣନା କରାଯାଏ । ୧୬୭ ଜାତିର ପକ୍ଷୀ ଚିଲିକା ମଧ୍ୟକୁ ଆସିଥାନ୍ତି । ସେଥିମଧ୍ୟରୁ ଗେଣ୍ଡି, ବତକ, ହଂସ ,ହଂସରାଳି, ବାଜ, ଘଟାରୀ, ଟା ଚଢେଇ, ଚନ୍ଦା, ପାଣିକୁଆ, ତେଣ୍ଟେଇ ଓ ମାଛରଙ୍କା ଆଦି ପକ୍ଷୀମାନେ ଅଧିକ ସଂଖ୍ୟାରେ ଦେଖାଯାଆନ୍ତି । ଚିଲିକାକୁ ପକ୍ଷୀମାନଙ୍କର ଆଗମନ ଶେଷ ପର୍ଯ୍ୟାୟ ପରେ ହିଁ ପାଗ ଦେଖି ଫେବୃୟାରୀ ମାସରେ ପକ୍ଷୀ ଗଣନା କରାଯାଏ । ଗତ ଡିସେମ୍ବର ମାସ ୧ ତାରିଖରେ ଚିଲିକାରେ କରାଯାଇଥିବା ପକ୍ଷୀଗଣନା କାର୍ଯ୍ୟକ୍ରମରେ ମୋଟ ୧୦ଲକ୍ଷ ୨୭ହଜାର ବ୍ରାଜକ ପକ୍ଷୀଙ୍କୁ ଚିହ୍ନଟ କରାଯାଇଛି । ସେମାନଙ୍କ ମଧ୍ୟରେ ଅଛନ୍ତି-

ଚଟୁଆଗେଣ୍ଡି	- ୨,୭୦,୦୦୦	ମାଟିଆଗେଣ୍ଡି	- ୧,୫୦,୦୦୦	କଇମ	- ୨୬,୫୦୦
ଚନ୍ଦନାହଂସ	- ୨,୪୦,୦୦୦	ଗଂଗାଗେଣ୍ଡି	- ୧,୦୯,୫୦୦	ଏରାପକ୍ଷୀ	- ୧,୦୦୦
ବଗ	- ୩,୫୦୦୦	ଟା ଚଢେଇ	- ୨୫,୫୦୦	ଅନ୍ୟାନ୍ୟ	- ୨ଲକ୍ଷ

Digitized by srujanika@gmail.com

ନଳବଣ ବ୍ୟତୀତ ବିହଙ୍ଗମାନେ ଅନ୍ୟ କେତେ ଇଲାକାରେ ବିପୁଳ ସଂଖ୍ୟାରେ ଏକତ୍ରିତ ହୁଅନ୍ତି । ସେଗୁଡିକ ହେଉଛି- ବରୁଣକୁଦ, ଆଇ.ଏନ୍.ଏସ୍, ଚିଲିକା, ସାତପଡା ନିକଟସ୍ଥ 'ବ୍ରହ୍ମପୁରା' ରମ୍ଭା ନିକଟସ୍ଥ ପକ୍ଷୀଦ୍ୱୀପ, ଭୁଷଣ୍ଡପୁର-ମଙ୍ଗଳାଯୋଡି, କାଳୁପଡା ଘାଟ, ସୋରଣ ଏବଂ ମାଲୁଦ ନିକଟରେ ଥିବା ତାଳତଳା । ବିଭିନ୍ନ ସମୟରେ ପ୍ରାୟ କ୍ୱଚିତ୍ ଦେଖିବାକୁ ମିଳୁଥିବା ଅଥବା ଅବଲୁପ୍ତ ହୋଇ ଆସୁଥିବା କେତେକ ସ୍ୱତନ୍ତ୍ର ଧରଣର ପକ୍ଷୀ ମଧ୍ୟ ଚିଲିକାରେ ଦୃଷ୍ଟିଗୋଚର ହୋଇଥାନ୍ତି । ସେମାନେ ହେଲେ ସାହୀବାଜ, କୁରୁବଳ, ଚାମଚଦାଢ, କୁରାର ପକ୍ଷୀ, ବଇରିଗଞ୍ଜନ ଏବଂ ଦଦରାହଣା ଇତ୍ୟାଦି ।

ଏହି ୧୬୭ ଜାତିର ପକ୍ଷୀମାନଙ୍କ ମଧ୍ୟରୁ କେତେକ ଶିକାରୀ ପକ୍ଷୀ ମଧ୍ୟ ଦେଖିବାକୁ ମିଳନ୍ତି । ଏହି ପକ୍ଷୀମାନେ ଜିଅନ୍ତା ବା ମଲା ପକ୍ଷୀ ଖାଇ ବଞ୍ଚନ୍ତି । ଏ ପ୍ରକାର ପକ୍ଷୀଙ୍କ ସଂଖ୍ୟା ଦିନକୁ ଦିନ କମିବାରେ ଲାଗିଛି । ୧୯୯୫-୯୬ ମସିହା ଶିକାରୀ ପକ୍ଷୀଙ୍କ ଗଣନା କରାଯାଇଥିଲା ।

ଗଣନା ଫଳାଫଳ

କ୍ର.ନଂ	ପକ୍ଷୀର ନାମ	ଗଣତି	ମନ୍ତବ୍ୟ
୧.	ମାଟିଆ ଚିଲ	୩୦	ସ୍ଥାନୀୟ, ଅଧିକ ସଂଖ୍ୟାରେ
୨.	ଶଙ୍ଖଚିଲ	୫୦	ସ୍ଥାନୀୟ, ଅଧିକ ସଂଖ୍ୟାରେ
୩.	କଳାଚିଲ	୮	ସ୍ଥାନୀୟ, ଅଧିକ ସଂଖ୍ୟାରେ
୪.	କୁରୁବଳ	୧୩	ସ୍ଥାନୀୟ, ଅଧିକ ସଂଖ୍ୟାରେ
୫.	କୁରାଇ	୨	ବିଦେଶୀ, ବେଳେବେଳେ
୬.	ଜଳ ଛଞ୍ଚାଣ	୬	ବିଦେଶୀ, କମ୍ ସଂଖ୍ୟାରେ
୭.	ଛୋଟଛଞ୍ଚାଣ	୧	ବିଦେଶୀ, କମ୍ ସଂଖ୍ୟାରେ
୮.	ମାଛ ଖିଆଚିଲ	୧	ଭାରତୀୟ ଓ ବିଦେଶୀ କିନ୍ତୁ କମ୍ ସଂଖ୍ୟାରେ

ପକ୍ଷୀମାନଙ୍କର ଏହି ବାର୍ଷିକ ପରିଭ୍ରମଣ କେବେଠାରୁ ଆରମ୍ଭ ହୋଇଛି ସେ ବିଷୟରେ ସଠିକ କୌଣସି ତଥ୍ୟ ମିଳିନାହିଁ । ତଥାପି ବିଗତ ୨୦୦୦ ବର୍ଷ ଧରି ପକ୍ଷୀ ବିଜ୍ଞାନୀମାନଙ୍କୁ ଏହି ପରିଭ୍ରମଣ ଆକୃଷ୍ଟ କରି ଆସିଛି । ଯେତିକି ତଥ୍ୟ ମିଳିଛି, ସେଥିରୁ ମନେହୁଏ ପକ୍ଷୀମାନଙ୍କର ଏହି ଦେଶାନ୍ତର ଯାତ୍ରା ଏକ ସହାଜାତ ପ୍ରବୃତ୍ତି ।ଏହି ପ୍ରବୃତ୍ତି ପ୍ରାୟତଃ ଆଦିମଯୁଗର ପ୍ରାରମ୍ଭରୁ ସୃଷ୍ଟି ହୋଇଥିବାର ଅନୁମାନ କରାଯାଏ । ପୃଥିବୀର ଉତରାଞ୍ଚଳ ଯେତେବେଳେ ବରଫରେ ଛାଇ ହୋଇଯାଏ, ସେତେବେଳେ ଖାଦ୍ୟର ଅଭାବ ଓ ଶୀତର ତାଡନାରୁ ରକ୍ଷା ପାଇବା ପାଇଁ ପକ୍ଷୀମାନେ ଦକ୍ଷିଣ ଗୋଲାର୍ଦ୍ଧ ଆଡକୁ ଉଡିଆସନ୍ତି ଏବଂ ପୁନର୍ବାର ଋତୁ ପରିବର୍ତ୍ତନ ଫଳରେ ପ୍ରାକୃତିକ ଅବସ୍ଥାରେ ଉନ୍ନତି ଘଟିଲେ ନିଜର ପୂର୍ବ ବାସସ୍ଥାନକୁ ଫେରିଯାନ୍ତି । ଦୀର୍ଘ ପଥଯାତ୍ରା ପାଇଁ ପକ୍ଷୀମାନେ ସୂର୍ଯ୍ୟ ଉଦୟ ଓ ଅସ୍ତବେଳାରୁ ଇଙ୍ଗିତ ପାଇଥାନ୍ତି । ଏହି ଯାତ୍ରାରେ ସୂର୍ଯ୍ୟ ସେମାନଙ୍କ ପାଇଁ ଦିଗ ନିର୍ଣ୍ଣୟ ଯନ୍ତ୍ର ବା କମ୍ପାସ ସଦୃଶ କାମ କରେ । ରାତ୍ରିରେ ଯାତ୍ରା କରୁଥିବା ପକ୍ଷୀମାନେ ଆକାଶର ତାରା ବା ଗ୍ରହ ନକ୍ଷତ୍ରକୁ ଦେଖି ଗତିପଥ ନିର୍ଦ୍ଧାରଣ କରିଥାନ୍ତି । ବୈଜ୍ଞାନିକମାନଙ୍କ ମତରେ ପକ୍ଷୀମାନଙ୍କର ଏହି ଅଦ୍ଭୁତ ଇନ୍ଦ୍ରିୟ ଶକ୍ତି ଏକ ଅନ୍ତର୍ନିହିତ ଜୈବିକ ଘଡିଦ୍ୱାରା ନିୟନ୍ତ୍ରିତ । ଯାହାକୁ କୁହାଯାଏ ବାୟୋଲଜିକାଲ କ୍ଲକ । ଚିଲିକାରେ ଦେଖାଯାଉଥିବା ବିଭିନ୍ନ ପକ୍ଷୀମାନଙ୍କର ତାଲିକା ଦିଆଗଲା ।

Digitized by srujanika@gmail.com

ଚିଲିକା ହ୍ରଦରେ ଦେଖାଯାଉଥିବା ପକ୍ଷୀମାନଙ୍କ ତାଲିକା

୧. ନିଳ ମୁଣ୍ଡିଆ ଭାଟ ପକ୍ଷୀ
୨. ହଳଦି ମୁଣ୍ଡିଆ ଭାଟ ପକ୍ଷୀ
୩. ହଳଦିଆଖିଆ କୁଣ୍ଡାଖାଇ
୪. ବୃହତ ଧୂଷର କୁଣ୍ଡାଖାଇ
୫. ରେଖିତ ଗିଳା ପକ୍ଷୀ
୬. ସାଧାରଣ ଗିଳା ପକ୍ଷୀ
୭. ବୃଳିଆ ଭରତ ପକ୍ଷୀ
୮. ଛୋଟଗୋଡିଆ ଭରତ ପକ୍ଷୀ
୯. ଲାଲପକ୍ଷିଆ ଭାରତ ପକ୍ଷୀ
୧୦. ମହୁମାଛି ଖିଆ ଚଢେଇ
୧୧. ଧଳାପେଟିଆ ମାଛରଙ୍କା
୧୨. ବାଦାମୀ ଛୋଟ କପୋତ
୧୩. ନାଲିକଛପ କପୋତ
୧୪. ଓସାର ଥଣ୍ଟିଆ ବା ଚଢେଇ
୧୫. ଧୂସର ମୁଣ୍ଡିଆ ସମୁଦ୍ର କୁଆ
୧୬. କଳା ମୁଣ୍ଡିଆ ସମୁଦ୍ର କୁଆ
୧୭. ବଡ କଳାମୁଣ୍ଡିଆ ସମୁଦ୍ର କୁଆ
୧୮. କଳା ମୁଣ୍ଡିଆ ସମୁଦ୍ର କୁଆ
୧୯. ଧଳା ପକ୍ଷିଆ ମାଛରଙ୍କା
୨୦. ସମୁଦ୍ର କୁଆ ଥଣ୍ଟିଆ ମାଛରଙ୍କା
୨୧. କରକରା ମାଛରଙ୍କା
୨୨. କାସପିଆନ୍ ମାଛରଙ୍କା
୨୩. କଳାଥଣ୍ଟିଆ ମାଛରଙ୍କା
୨୪. ଛଟିଛିଟିଆ ବଡ ମାଛରଙ୍କା
୨୫. ଛିଟିଛିଟିଆ ଚେଁ ଚେଇଁ
୨୬. ନାଲିଗୋଡିଆ ଚେଁ ଚେଇଁ
୨୭. ସବୁଜ ଗୋଡିଆ ଚା ଚଢେଇ
୨୮. ଛିଟି ଛିଟିଆ ଚା ଚଢେଇ
୨୯. ପଥୁରିଆ ଚା ଚଢେଇ
୩୦. ମୁନିଆ ଲାଞ୍ଜ କାଦୁଅ ଖୁମ୍ପ
୩୧. ପଙ୍ଖା ଲାଞ୍ଜିଆ କାଦୁଅ ଖୁମ୍ପ
୩୨. ଧଳା ପେଟିଆ ଗୁଣ୍ଡୁରା
୩୩. ଲମ୍ବ ଗୋଡିଆ ଗୁଣ୍ଡୁରା
୩୪. ଚାମଚ ଥଣ୍ଟିଆ ଚା ଚଢେଇ
୩୫. ନାଲି ଲାଞ୍ଜିଆ ଚିଇଁ ଚିଅାଁ
୩୬. ହଳଦି ଲାଞ୍ଜିଆ ଚିଇଁ ଚିଅାଁ
୩୭. ଦାଥଣ୍ଟିଆ ଚା ଚଢେଇ
୩୮. ଛୋଟ ଗୁଣ୍ଡୁରା
୩୯. ସୁନା ପକ୍ଷିଆ ନଳକୁମୁଟି
୪୦. ଚିତିଆ ଚିଇଁ ଚିଅାଁ
୪୧. ଟେମେନି ଗୁଣ୍ଡୁରା
୪୨. ଆଲପିନା ଗୁଣ୍ଡୁରା
୪୩. ମାଟିଆ ଚେଁ ଚେଇଁ
୪୪. ବଡବାଲି ଚେଁ ଚେଇଁ
୪୫. ବଳା ଚେଁ ଚେଇଁ
୪୬. ଛୋଟ ଚେଁ ଚେଇଁ
୪୭. ଘଣ୍ଟ ଚେଁ ଚେଇଁ
୪୮. ଛୋଟ ବାଲି ଚେଁ ଚେଇଁ
୪୯. ଚା ଥଣ୍ଟିଆ ଚେଁ ଚେଇଁ
୫୦. କଳା ଲାଞ୍ଜିଆ ଗୁଣ୍ଡୁରା
୫୧. ପାଣିକୁକୁଡା ବା କାମ
୫୨. ନାରଙ୍ଗି ମୁଣ୍ଡିଆ ଗେଣ୍ଡି
୫୩. ଧଳା ଆଖିଆ ଗେଣ୍ଡି
୫୪. ଧଳା ଛିଟିକା ବତକ
୫୫. ନୀଳଧୂଷର ଗେଣ୍ଡି
୫୬. ଚାମଚ ଥଣ୍ଟିଆ ବଗ
୫୭. ଡାଇମିସିଆ ଦଦରା ହଣା
୫୮. ଗୋଲାପି ଦଦରାହଣା
୫୯. ଭାରତୀୟ ସାଗ୍
୬୦. ବଡ ପାରିକୁଆ
୬୧. ହଂସରାଳୀ
୬୨. ଗାଇ ଗୁଠିଆ ବଗ
୬୩. ଧଳା ବେକ ବଗ
୬୪. କଳା ବେକ ବଗ
୬୫. ହାତଗିଳୀ ବଗ
୬୬. ଛୋଟ ହଂସରାଳୀ
୬୭. ବଡ ହଂସରାଳୀ
୬୮. ଚକୁଆ ଚକୋଇ
୬୯. ସାଧାରଣ ଚକୁଆ
୭୦. ବାଦାମି କୁକିହଂସ
୭୧. ନୀଳପକ୍ଷ ବତକ
୭୨. ପାଟିକଳା ହଂସ
୭୩. ଧଳାଛିଟିକା ବତକ
୭୪. ମାଛଖିଆ ଚିଲ
୭୫. ଗୁଣ୍ଡୁରା ଚଢେଇ
୭୬. ଜଳୀୟ ଚା ଚଢେଇ
୭୭. ଛୋଟ ଚା ଚଢେଇ
୭୮. ଆଲପିନା ଗୁଣ୍ଡୁରା
୭୯. ବାଥଣ୍ଟିଆ ଚା ଚଢେଇ
୮୦. ଗଲ୍ ଚା ଚଢେଇ
୮୧. ଛୋଟ ମାଛରଙ୍କା
୮୨. ରାସ ମାଛରଙ୍କା
୮୩. ଦେଉଳିଆ ପାରା
୮୪. ଚିତ୍ରିତ କପୋତ

Digitized by srujanika@gmail.com

୮୫. ଭାଳିଆ ଖାଇ ଶୁଆ
୮୬. ଛୋଟ କାନପେଚା
୮୭. କିକିକିଳା ମାଛରଙ୍କା
୮୮. ସାଧାରଣ ମାଛରଙ୍କା
୮୯. ଚୂଳିଆ ଭରତ ପକ୍ଷୀ
୯୦. ଭରତିଆ ପକ୍ଷୀ
୯୧. ଗୋବରା ଚଢେଇ
୯୨. ପଙ୍ଖା ପୁକିଆ ପୁଟକି
୯୩. ଭାରତୀୟ ରବିନ୍
୯୪. ମାଟିଆ ଚାଟପକ୍ଷୀ
୯୫. ଛୋଟ ଚାଟପକ୍ଷୀ
୯୬. ଛୋଟ ଚିରିଚିରା
୯୭. ଧୂଷର ଭାଟ ପକ୍ଷୀ
୯୮. ଛୋଟ ଚା ଚଢେଇ
୯୯. ଧଳା ବାଢେଣୀ
୧୦୦. କଳା ବାଢେଣୀ
୧୦୧. କାଣ୍ଡିଆ ବଗ
୧୦୨. ଛୋଟ ଛଞ୍ଚାଣ
୧୦୩. ମାଟିଆ ଚିତିରି
୧୦୪. ଜଙ୍ଗଲି ପୁଣ୍ଡୁରି
୧୦୫. ଚନ୍ଦା ବା ଯୁଇ
୧୦୬. ଜଳ କୁମୁଟି
୧୦୭. ଚିତ୍ରିତ ପେଚା
୧୦୮. ଛୋଟ ଗୁଣ୍ଡୁରା
୧୦୯. ବତାସୀ ଚଢେଇ
୧୧୦. ଉଦଭଦଳିଆ
୧୧୧. ସତିରା ଚଢେଇ
୧୧୨. ଘୁଅ ଖାଇ ବଣି
୧୧୩. ବଡ ଶଙ୍ଖାଖାଇ
୧୧୪. କଳା ନାଚୁଣୀ
୧୧୫. ଧଳା ନାଚୁଣୀ
୧୧୬. ସାଧା ପୁଟୁକି
୧୧୭. କଡ଼କଡ଼ପାତି
୧୧୮. ବାଦାମି ବତକ
୧୧୯. ଧୂଷର ବତକ
୧୨୦. ପାଣି ବତକ
୧୨୧. ଦଦରାହଣା
୧୨୨. ମାଟିଆ ବଗ
୧୨୩.ମଝିଆ ବଗ
୧୨୪. ଚୂଳିଆ ବଗ
୧୨୫. ବିଚିତ୍ର କ୍ରୋଞ୍ଚ
୧୨୬. ବହିରା ବାଜ
୧୨୭. କା, କା ରଲୁ
୧୨୮. ହଂସରାଜୀ
୧୨୯. ପାଣିହଂସ
୧୩୦. ପାଣିକୁଆ
୧୩୧. କାଲାବଗ
୧୩୨. ବଡବଗ
୧୩୩. ଗେଣ୍ଡାଳିଆ
୧୩୪. ଧୋବ କଙ୍କ
୧୩୫. ବଡ ଏରା
୧୩୬. ଛୋଟ ଏରା
୧୩୭. ଧୂଷର କାଜ
୧୩୮. ଚା ଚଢେଇ
୧୩୯. ଦ୍ରୁବ ହଂସ
୧୪୦. ଇାଞ୍ଜାହଂସ
୧୪୧. ଇାଇ ଗେଣ୍ଡି
୧୪୨. ମାଟିଆ ଚିଇ
୧୪୩. ଶଙ୍ଖ ଚିଇ
୧୪୪. କଳା ଚିଲ
୧୪୫. କୁରୁବଳ
୧୪୬. ଢଳ ଛଞ୍ଚାଣ
୧୪୭. ମଧୁବାଜ
୧୪୮. କ୍ଷୁଦ୍ର ବାଜ
୧୪୯. ଚିଲି ଚିଆଁ
୧୫୦. ଉର୍ଦ୍ଧଚଞ୍ଚୁ
୧୫୧. ଘଣ୍ଟୁଆଳ
୧୫୨. ମାଛରଙ୍କା
୧୫୩. କୁମ୍ଭାଟୁଆ
୧୫୪. ରାଜ ବଣି
୧୫୫. ଚୂଣ୍ଡିବଣି
୧୫୬. ନିଳ କସ୍ତୁରୀ
୧୫୭. ପଟାରୀ
୧୫୮. ଗିରଧାରୀ
୧୫୯. କଳବାଟକ
୧୬୦. ଛଞ୍ଚାଣ
୧୬୧. କୁରାର
୧୬୨. ମୟୂର
୧୬୩. ସାରସ
୧୬୪. ଡାହୁକ
୧୬୫. ଟିହାଳି
୧୬୬. କାଳ
୧୬୭. ନାକା

Digitized by srujanika@gmail.com

ଚିଲିକାର ମତ୍ସ୍ୟ ସଂପଦର କ୍ରମ ବିକାଶ

ଗୀତା ପ୍ରଧାନ, (ଶିକ୍ଷୟିତ୍ରୀ)

ବାଲୁଙ୍କେଶ୍ୱର ବିଦ୍ୟାପୀଠ, ବ୍ରହ୍ମଗିରି

ଏକଥା ଶୁଣିବାକୁ ମିଳେ ଚିଲିକାରେ ଡଙ୍ଗା ଭିତରକୁ ମାଛ ଡିଅଁନ୍ତି । ଏବଂ ଡଙ୍ଗା ମାଛରେ ଭରିଯାଏ । ଏକଥା ଆମ ପାଇଁ କିମ୍ବଦନ୍ତୀ ହୋଇଯାଇଛି । ତେଣୁ ଏହା ଶୁଣିଲା ବେଳକୁ ଆଶ୍ଚର୍ଯ୍ୟ ଲାଗିବା ସ୍ୱାଭାବିକ । ଅତୀତରେ ଚିଲିକା ମତ୍ସ୍ୟସଂପଦରେ ଭରପୂର ଥିଲା । ବିଜ୍ଞାନର ଅଗ୍ରଗତି ଫଳରେ ଏବଂ କ୍ରମ ବର୍ଦ୍ଧିଷ୍ଣୁ ଜନସଂଖ୍ୟା ଏହି ମତ୍ସ୍ୟସଂପଦକୁ ଅହରହ ଶୋଷଣ କରିବାରେ ଲାଗିଛି ।

ଅତୀତରେ ଚିଲିକାରେ ମାଛଧରିବା ପଦ୍ଧତି ଭିନ୍ନଥିଲା । ମତ୍ସ୍ୟସଂପଦ ଉପରେ ଭରସା କ'ରି ଯେଉଁମାନେ ଜୀବୀକା ନିର୍ବାହ କରୁଥିଲେ ସେମାନେ ବିଭିନ୍ନ ପ୍ରକାର ପ୍ରାକୃତିକ ପନ୍ଥାକୁ ଅନୁସରଣ କରୁଥିଲେ । ଯଥା- ଉଠାପାଣି, ଡିଆଁ, ଗଡା, ଜାଣ, ବାହାଣ ଇତ୍ୟାଦି । ଏହି ପ୍ରଣାଳୀଗୁଡିକ ନିମ୍ନରେ ପ୍ରଦତ୍ତ କରାଯାଇଛି ।

ଉଠାପାଣି

ଖରାଦିନେ ଚିଲିକାଜଳ ଶୁଖିଯାଏ । ବର୍ଷାଦିନ ହେଲେ ଚିଲିକାରେ ପାଣିଭରି ଧିରେ ଧିରେ ଜଳ ଉପରକୁ ହୁଏ । ମଣିଷର ଜଂଘ ଭରା କିମ୍ବା ଅଣ୍ଟାଭରା ପର୍ଯ୍ୟନ୍ତ ପାଣି ହେଲେ ସେହି ପାଣି ବାହାଣ ଉପଯୋଗି ଥାଏ । ଏହାକୁ ଉଠାପାଣି କୁହାଯାଏ ।

ଡିଆଁ

ଚିଲିକାର କିଛି ଅଂଶ ଗ୍ରୀଷ୍ମ ଦିନରେ ଶୁଖିଯାଏ ସେହି ଅଂଶ ବିଶିଷ୍ଟକୁ ମାଟି ଘେର କରି ବର୍ଷାଦିନ ପାଣିକୁ ସଞ୍ଚୟ କରି ରଖନ୍ତି ଏବଂ ସେହି ଘେରରେ ଗୋଟିଏ ମୁହଁ ଥାଏ । ସେହି ମୁହଁ ବାଟ ଦେଇ ବିଭିନ୍ନ ପ୍ରକାର ମାଛ ଘେର ମଧ୍ୟକୁ ଚରିବା ପାଇଁ ପ୍ରବେଶ କରନ୍ତି । ସେହି ସମୟ ମଧ୍ୟରେ ଘେରର ମୁହଁଟିକୁ ବନ୍ଦ କରିଦିଅନ୍ତି ଏବଂ ସେ ମୁହଁରୁ ଧିରେ ଧିରେ ପାଣିଛାଡନ୍ତି । ଯାହାଫଳରେ ସେହି ଧିର ପାଣି ଦ୍ୱାରା ମାଛ ଡିଅଁନ୍ତି ଏବଂ ସେହି ମାଛକୁ ମାରି ଲୋକେ ଉପକୃତ ହୁଅନ୍ତି । ତେଣୁ ସେହି ଘେରକୁ ଡିଆଁ କୁହାଯାଏ ।

ଗଡା

ଭୂ-ପୃଷ୍ଠରେ ସାଧାରଣତଃ ଭୂମି ଅସମାନ ଥାଏ । ତେଣୁ ବର୍ଷାଦିନେ ଉପର ଅଞ୍ଚଳରେ ଥିବା ପାଣି ତଳିଆ ଅଞ୍ଚଳକୁ ବୋହି ଆସେ । ସେହି ପାଣିର ଗତିକୁ ନଜର ରଖି ଗଡା କରି ଉପର ଅଞ୍ଚଳରୁ ନିମ୍ନ ଅଞ୍ଚଳକୁ ପାଣି ଛଡାଯାଏ । ଫଳରେ ମାଛ ତଳିଆ ଅଞ୍ଚଳରୁ କିମ୍ବା ଉପର ଅଞ୍ଚଳରୁ ସେହି ଗଡା ଭିତରକୁ ପ୍ରବେଶ

Digitized by srujanika@gmail.com

କରନ୍ତି । ଗଡାର କୌଣସି ଏକ ପାର୍ଶ୍ୱରେ ମୁଗୁରା ବା ଖଇଁଚି ଦ୍ୱାରା ମାଛକୁ ଅବରୋଧ କରାଯାଏ । ଏହାଦ୍ୱାରା ଗଡାରେ ମାଛ ଭରି ଯାଆନ୍ତି । ମାଛ ଭରିଗଲାପରେ ଗଡାର ଉଭୟ ପାର୍ଶ୍ୱକୁ ବନ୍ଦ କରାଯାଇ ମାଛ ଧରାଯାଏ ।

ଛଣା

ଗୋଲାକର ବାଉଁଶ ପାତିଆ କିମ୍ବା ଗୋଲାକାର ଲୁହାତାର ଦ୍ୱାରା ଜାଲ ଢୋରାଇ ଲଗାଯାଏ । ସେହି ଗୋଲା କାରର ଏକ ପାର୍ଶ୍ୱରେ ଏକ ବେଣ୍ଟଥାଏ । ସେହି ବେଣ୍ଟକୁ ଧରି ଚିଲିକା ଉପର ପାଣିରେ ପହଁରୁ ଥିବା ମାଛକୁ ଛାଣି ନିଆଯାଏ । ଏହି ଛଣାର ବ୍ୟାସ ୯ଇଞ୍ଚ୍ ଠାରୁ ୧ଫୁଟ ବିଶିଷ୍ଟ ହୋଇଥାଏ ।

ଜାଣ

ଚିଲିକାର ସେହିଭାଗ, ଯେଉଁ ଭାଗରେ ମାଟି, ତାଟ ଏବଂ ଜାଲ ଘେରି କରାଯାଏ । ଉକ୍ତ ଘେରିର ଏକାଧିକ ମୁହଁଥାଏ । ଯାହା ଫଳରେ ଚିଲିକାର ବିଭିନ୍ନ ପ୍ରକାର ମାଛ ଘେରି ମଧ୍ୟକୁ ପ୍ରବେଶ କରନ୍ତି । ଘେରି ଭିତରେ ସଂପୂର୍ଣ୍ଣ ମାଛ ଦେଖାଗଲେ ଘେରିକୁ ବନ୍ଦ କରାଯାଏ ଏବଂ ମୁହଁମାନଙ୍କରେ ଗୋହରାକରି ମାଛ ମରାଯାଏ । ଏହି ପଦ୍ଧତିକୁ ଜାଣ କୁହାଯାଏ । ଏହି ଜାଣ ଭିତରକୁ ଜୁଆର ପାଣି ପ୍ରବେଶ କରେ ଓ ଭଟ୍ଟା ପଡିଲେ ପାଣି ନିଷ୍କାସିତ ହୁଏ ।

ମାଛ ଧରିବା ପାଇଁ ଯେଉଁ ଯନ୍ତ୍ରଗୁଡିକ ବ୍ୟବହାର କରାଯାଉଥିଲା ସେଗୁଡିକ ଲୋକମାନେ ନିଜ ହାତରେ ପ୍ରସ୍ତୁତ କରୁଥିଲେ । ମାଛଧରିବା ପାଇଁ ବ୍ୟବହୃତ ଏହି ଯନ୍ତ୍ରଗୁଡିକ ପରିବେଶକୁ ସୁହାଇଲା ଭଳି ହୋଇଥିଲା । ଯାହା ଫଳରେ ଚିଲିକା ମତ୍ସ୍ୟସଂପଦ ଶୋଷଣ ମୁକ୍ତ ଥିଲା । ସେହି ଯନ୍ତ୍ରଗୁଡିକ ହେଲା- ବଙ୍କା, ମୁଗୁରା, ଧଉଡି, ଖଇଞ୍ଚ୍, ପୋଲୁଅ, ଜାଲ ପୋଲୁଅ, ତେଣ୍ଡା, କୁନ୍ତ, ଭାଲା, ବର୍ଚ୍ଛା, ଫାଶ, ଛଣା, ଖେପା, ତାଟ, ମୁଣା, ମାଲୁଅ, ଖନ୍ଦା, ବନ୍‌ଶୀ, ଖାଡିଆ (କଙ୍କଡା ଧରିବା ପାଇଁ), ସିକା, ଟାଙ୍ଗିଆ, ଖାଲେଇ, ଗୋଲଇ ଇତ୍ୟାଦି । ନିମ୍ନରେ ଏହାର ସବିଶେଷ ବିବରଣୀ ଦିଆଗଲା ।

ବଙ୍କା

ବାଉଁଶ ପାତିଆରେ ତିଆରି ଏକ ମାଛ ଧରାଯନ୍ତ୍ର । ୧୦୦ଗ୍ରାମ୍‌ରୁ ତଳକୁ ମାଛ କିମ୍ବା ଚିଙ୍ଗୁଡି ମାରିବାରେ ଏହାକୁ ବ୍ୟବହାର କରାଯାଏ ।



Digitized by srujanika@gmail.com

ମୁଗୁରା



ଏହା ମଧ ବାଉଁଶ ପାତିଆରେ ତିଆରି ପୁରାତନ ଯନ୍ତ୍ର । ମାତ୍ର ଏଥିରେ ବଡମାଛ ପ୍ରବେଶ କରନ୍ତି ।

ଧଉଡି



ବଇାପରି ଧଉଡି ମଧ ବାଉଁଶ ପାତିଆ ଏବଂ ନଇଦ୍ୱାରା ତିଆରି ହୋଇଥାଏ । ଏଥିରେ ମଧ ଛୋଟ ଛୋଟ ମାଛ, କଙ୍କଡା ଓ ଚିଙ୍ଗୁଡି ପ୍ରବେଶ କରନ୍ତି ।

ପୋଲୁହ



ଏହା ମଧ ଏକ ପୁରାତନ ମାଛଧରା ଉପକରଣ । ବାଉଁଶ ପାତିଆ ଓ ନଇରେ ତିଆରି ହୋଇଥାଏ । ଏହାର ଗୋଟି ପାଖରେ ବ୍ୟାସ ୪ଇଞ୍ଚ୍ ବିଶିଷ୍ଟ ହୋଇଥାଏ ଓ ଅନ୍ୟ ପାଖ ୨ ୧/୨ ଫୁଟରୁ ୩ଫୁଟ ମଧରେ ହୋଇଥାଏ । ଏଥିରେ ସବୁ ପ୍ରକାରର ମାଛ, କଙ୍କଡା ଓ ଚିଙ୍ଗୁଡି ଧରାଯାଏ ।

ଖଇଞ୍ଚି



ଏହା ନଡିଆ ଖଡିକା କିମ୍ବା ବାଉଁଶ ଖଡିକାରେ ଘଞ୍ଚକରି ବୁଣାଯାଇଥାଏ । ଏହାର ଆକାର ଏକ କୋଣ ସଦୃଶ । ଏହାର ମୁହଁ ପାଖ ଖୋଲା ଓ ଶେଷଭାଗ କ୍ରମଶଃ ବଙ୍କା ହୋଇଥାଏ । ଗାଁ ଗହଳିରେ ପ୍ରତ୍ୟେକଙ୍କ ଘରେ ଏହି ଉପକରଣ ଦେଖିବାକୁ ମିଳେ । ଏଥିରେ ଛୋଟ ଛୋଟ ମାଛ ସବୁ ଧରାଯାଏ ।

ବନ୍‌ଶୀ

ଏହା ଏକ ବାଉଁଶ କିମ୍ବା ବେତଦଣ୍ଡରେ ଟାଣୁଆ ସରୁ ସୂତା ଲାଗିଥିବା ମାଛଧରା ଯନ୍ତ୍ର । ସୂତା ଏଥିରେ ଲାଗିଥିବା ସୂତାର ଅଗ୍ରଭାଗରେ ଆଙ୍କୁଶୀ କଣ୍ଟା ଦୃଢ ଭାବରେ ବନ୍ଧା ଯାଇଥାଏ । ମାଛମାନଙ୍କୁ ଆକୃଷ୍ଟ କରିବା

Digitized by srujanika@gmail.com

ପାଇଁ କଣ୍ଟାରେ ଥୋପ (ମାଛମାନଙ୍କ ଖାଦ୍ୟ) ବ୍ୟବହାର କରାଯାଏ । ମାଛ ଥୋପ ଗିଳିବା କଥା ଜାଣିବା ପାଇଁ ଏହି ସୂତାରେ ଅଙ୍କୁଶୀର କିଛି ଉପରି ଭାଗରେ ସୋଲ ନିର୍ମିତ ନିର୍ଦ୍ଦେଶିକା ଲଗାଯାଇଥାଏ । ଯାହାଦ୍ୱାରା ଥୋପର ଅବସ୍ଥିତି ଜାଣି ମାଛ ଧରିବାକୁ ପଡେ ।

ବର୍ତ୍ତମାନ ପରି ପ୍ରେକ୍ଷିରେ ନୂଆ ନୂଆ ମାଛ ଧରାଜାଲ ତଥା ଜାଲରୁ ତିଆରି ବିଭିନ୍ନ ଯନ୍ତ୍ର ବ୍ୟବହାର କରାଯାଉଛି । ଯାହା ଫଳରେ ପାଣିରୁ ଛାଣି ଆଣିଲାପରି ମାଛ ଡିମ୍ୱଠାରୁ ଆରମ୍ଭ କରି ବଡମାଛ ପର୍ଯ୍ୟନ୍ତ ପାଣିରୁ ଛାଣି ଆଣିଥାଉ । ତେଣୁ ମତ୍ସ୍ୟ ସଂପଦର ଅଭିବୃଦ୍ଧି ହେବାତ ଦୂରର କଥା କ୍ରମେ ହ୍ରାସ ପାଇବାରେ ଲାଗିଛି । ଯାହା ଆଜି ମତ୍ସ୍ୟ ସଂପଦ ଉପରେ ଭରସା କରି ଜୀବୀକା ନିର୍ବାହ କରୁଥିବା ଲୋକମାନଙ୍କ ପାଇଁ ପ୍ରଶ୍ନବାଚୀ ହୋଇଛି ? ନିମ୍ନରେ ଏହି ଆଧୁନିକ ଜାଲ ଏବଂ ଯନ୍ତ୍ର ଇତ୍ୟାଦିର ଉଦାହରଣ ଦିଆଗଲା- ନେଳିଜାଲ, ଜିରୋନେଟ୍, ଧନ୍ଦାଜାଲ, ଫାସିଜାଲ, ସୂତାଜାଲ, ବେଦା, ବାତ, କାନିଆ, ପିଠିଆ, ପେଲଣା, ସିକା, ଡୁବିଜାଲ, ପଟାଜାଲ, ମଶାରୀଜାଲ, ଖନ୍ଦା, ମଟର ବୋଟ, ଆଲିମିଜାଲ, ଧାଡିସୁତି, ମେଣ୍ଟାଲଜାଲ, ଡୁବି ବା ବବିଜାଲ ।

୧. ନେଳିଜାଲ

ଛୋଟମାଛଠାରୁ ବଡଯାଏଁ ବିଭିନ୍ନ ପ୍ରକାର ଯନ୍ତ୍ର ଯେପରି ବେନ୍ଦା, ମୁଣା, ଭିଡାଜାଲ, କାଠିଜାଲ ପ୍ରଭୃତିରେ ବ୍ୟବହାର ହୁଏ ।

୨. ଜିରୋନେଟ୍

ଏହା ସରୁ ଫାନ୍ଦ ଥିବା ନାଇଲନ ସୂତାରେ ତିଆରିଜାଲ । ଏହି ଜାଲଦ୍ୱାରା ପାଣିରୁ ଛୋଟ ଜାଆଁଳଠାରୁ ଆରମ୍ଭ କରି ବଡ ବଡ ମାଛ ଧରାଯାଏ ।

୩. ଧନ୍ଦାଜାଲ

ଏହି ଜାଲଟି କେବଳ ଛୋଟ ଜାତୀୟ ଚିଙ୍ଗୁଡି ଯଥା- ପାନୁ, ମରଡା ଇତ୍ୟାଦି ପାଇଁ ବ୍ୟବହାର କରାଯାଏ ।

୪. ଫାଶିଜାଲ

ଫାଶିଜାଲରେ ଫାସ ତିଆରି ହୋଇଥାଏ । ତାହାଦ୍ୱାରା ଛୋଟଠାରୁ ବଡମାଛ ଏଥିରେ ଧରାପଡନ୍ତି ।



Digitized by srujanika@gmail.com

୫. ସୂତାଜାଲ

ସୂତାଦ୍ୱାରା ହାତ କିମ୍ବା ମେସିନ୍ ଦ୍ୱାରା ତିଆରି କରାଯାଏ । ଯାହାଦ୍ୱାରା ଛୋଟମାଛ, ବଡମାଛ ଜାଲର ଫାନ୍ଦ ଅନୁସାରେ ଧରାଯାଏ ।

୬. ବେନ୍ଧା

ପ୍ଲାଷ୍ଟିକଜାଲ, ପ୍ଲାଷ୍ଟିକ ଡୋରୀ, ବାଉଁଶ କାଠି ଦ୍ୱାରା ନିର୍ମିତ ବାକ୍ସ ଆକାରର ଏକ ଯନ୍ତ୍ର ।

୭. ବାଡ

ପ୍ଲାଷ୍ଟିକଜାଲ, ପ୍ଲାଷ୍ଟିକ ଡୋରୀ ଏବଂ ବାଉଁଶ ଦ୍ୱାରା ନିର୍ମିତ୫୦ ଠାରୁ ୫୦ମିଟର ଲମ୍ୱ ବିଶିଷ୍ଟ ହୋଇଥାଏ ।

୮. କାନିଆଁ

ଗୋରଡିର ଦୁଇ ପାର୍ଶ୍ୱରେ କାନ ସଦୃଶ୍ୟ ଛୋଟ ୫ଫୁଟଠାରୁ ୭ଫୁଟ ବିଶିଷ୍ଟ ଲମ୍ୱ ପ୍ଲାଷ୍ଟିକଜାଲ, ପ୍ଲାଷ୍ଟିକ ଡୋରୀ, ବାଇଁଶ କାଠିରେ ନିର୍ମିତ ଗୋରଡିର ଆଗରେ ଥାଏ ।

୯. ପିଠିଆ

ଭି ଆକାରର ଗୋରଡିର ପୃଷ୍ଠ ଭାଗରେ ଥାଏ । ଏହା ୫ମିଟର ଠାରୁ ୭ମିଟର ଯାଏଁ ଲମ୍ୱ ଏକ ପ୍ଲାଷ୍ଟିକଜାଲ, ଡୋରୀ କିମ୍ବା ବାଉଁଶରେ ତିଆରି ମାଛଧରା ଯନ୍ତ୍ର ।

୧୦. ପେଲଣା

ତ୍ରିଭୁଜ ଆକାରର ବାଉଁଶ କାଠି, ମସୁରି ଜାଲରେ ତିଆରି । ଏଥିରେ ଛୋଟ ଜାଆଁଳ ଧରାଯାଏ ।

୧୧. ଖନ୍ଦା ଖନ୍ଦା ଦୁଇ ପ୍ରକାରର ଯଥା- ଚିଙ୍ଗୁଡିଖନ୍ଦା ଓ ମାଛଖନ୍ଦା

ଚିଙ୍ଗୁଡିଖନ୍ଦା- ଏହା ସିଧା କିମ୍ବା ଜିଗ୍‌ଦାଗ୍ ଆକାରରେ ତିଆରି କରାଯାଏ । ଯାହାଦ୍ୱାରା ଚିଙ୍ଗୁଡି ସହଜରେ ଧରାଯାଏ ।

ମାଛଖନ୍ଦା- ବାଡଜାଲ ସିଧା ଏବଂ ଶେଷ ଭାଗରେ ଏକ ପାର୍ଶ୍ୱରେ ବାକ୍ସ ଆକାରରେ ତିଆରି କରାଯାଏ । ଯାହାଦ୍ୱାରା ମାଛମାନଙ୍କୁ ସହଜରେ ଧରାଯାଏ । ବାକ୍ସଟି ୨୫ମିଟର ଠାରୁ ୧୦୦ମିଟର ପର୍ଯ୍ୟନ୍ତ ଆଡ ଦୀର୍ଘ ହୋଇଥାଏ ।

୧୨. ସିକା

ଜାଲ ଓ ବାଉଁଶ କାଠି ଦ୍ୱାରା ନିର୍ମିତ ଏକ ବର୍ଗାକାର ଯନ୍ତ୍ର । ଯାହା ୧ ୧/୨ ଫୁଟ ଠାରୁ ଆରମ୍ଭ ହୋଇଥାଏ । ଏଥିରେ କେବଳ କଙ୍କଡା ଧରାଯାଏ ।

Digitized by srujanika@gmail.com

୧୩. ଡୁବି କିମ୍ବା ବବିଜାଲ

ଚିଲିକା ଜଳର ତଳକୁ ଏହି ଜାଲ ଲଗାଯାଏ । ବାହାରକୁ ଜାଲର କୌଣସି ଅଂଶ ଦେଖାଯାଏ ନାହିଁ। ଏଥିରେ ମାଛ କିମ୍ବା ଚିଙ୍ଗୁଡି ଧରାଯାଏ । ଜାଲର ସମସ୍ତ ଅଂଶ ଜଳ ଭିତରେ ଲୁଚି ରହୁଥିବାରୁ ଏହାକୁ ଡୁବିଜାଲ ବୋଲି କୁହାଯାଏ । ଉକ୍ତ ଜାଲକୁ ସାଧାରଣତଃ ଲୁଚିଛପି ମାଛଧରିବା କାମରେ ଲୋକମାନେ ବ୍ୟବହାର କରିଥାନ୍ତି ।

୧୪. ପଟାଜାଲ

ପଟାଜାଲରେ ଏକ ପାର୍ଶ୍ୱରେ ପ୍ଲାଷ୍ଟିକ ଡୋରୀ ସାହାଯ୍ୟରେ ସୋଲରେ ବନ୍ଧାଯାଏ । ଅନ୍ୟ ପାର୍ଶ୍ୱରେ ସୀସା ବନ୍ଧାଯାଏ । ଏହାର ଲମ୍ବ ୧ ରୁ ୨ କିଲୋମିଟର ପର୍ଯ୍ୟନ୍ତ ଥାଏ ।

୧୫. ମସୁରୀଜାଲ

ମସୁରୀଜାଲ ଘେରି କିମ୍ବା ପେଲଣାରେ ବ୍ୟବହୃତ ହୁଏ । ଯାହାଦ୍ୱାରା ଅତି ଛୋଟରୁ ଛୋଟ ଜାଆଁଳ କିମ୍ବା ମୀନ ଏଥିରୁ ଖସି ଯାଇପାରନ୍ତି ନାହିଁ।

ପୂର୍ବେ ଧୀବରମାନେ ମଞ୍ଜି ଖଇଙ୍ଗା ଜାଲରେ ପଡିଲେ "ମା" ଭାବି ନମସ୍କାର କରି ଛାଡି ଦେଉଥିଲେ । ଚିଲିକାର ସବୁଠାରୁ ମୂଲ୍ୟବାନ ଖଇଙ୍ଗା ମାଛ ମଞ୍ଜି ଛାଡିବା ପାଇଁ ଅକ୍ଟୋବର ଏବଂ ନଭେମ୍ବରରେ ସମୁଦ୍ର ମୁହାଣକୁ ଆସିଥାନ୍ତି । ଏହି ମଞ୍ଜିଆ ଖଇଙ୍ଗାଗୁଡିକୁ ବାହ୍ୟନାଳୀ ସଂଲଗ୍ନ ଗ୍ରାମର ଲୋକମାନେ ବହୁଳ ପରିମାଣରେ ମାରିଦେବା ଫଳରେ ମତ୍ସ୍ୟସଂପଦ ହ୍ରାସପାଇ ଆସୁଥିଲା । କିନ୍ତୁ ନୂଆମୁହାଣ ଖୋଲାଯିବାପରେ ବାହ୍ୟନାଳୀରେ ଅଧିକା ସ୍ରୋତ ପଡିବାରୁ ମଞ୍ଜିଆମାଛ ମାରିପାରୁନାହାଁନ୍ତି । ଫଳରେ ମତ୍ସ୍ୟସଂପଦର ବୃଦ୍ଧି ଘଟିଛି । କିନ୍ତୁ ନିର୍ଭରଶୀଳ ମତ୍ସ୍ୟ ବ୍ୟବସାୟୀମାନଙ୍କର ଏହା କ୍ଷୋଭର କାରଣ ହୋଇପଡିଛି । ସମୟାନୁକ୍ରମେ ସେମାନେ ଯେତେବେଳେ ବୁଝିପାରିବେ ମତ୍ସ୍ୟସଂପଦ ବୃଦ୍ଧିଦ୍ୱାରା ସେମାନଙ୍କ ଉନ୍ନତି ଘଟୁଛି ସେତେବେଳେ ସବୁ ସମସ୍ୟାର ସମାଧାନ ହୋଇପାରିବ ।

ଏତତ୍ ବ୍ୟତୀତ ଚିଲିକାରେ ମତ୍ସ୍ୟମାନଙ୍କର ବସବାସ, ଚଳପ୍ରଚଳ, ପ୍ରଜନନ, ଜାଆଁଳ ସୃଷ୍ଟି, ଜାଆଁଳର ଅଭିବୃଦ୍ଧି ଏ ସମସ୍ତର ଏକ ବିଧିବଦ୍ଧ ନିୟମ ରହିଛି । ବିଭିନ୍ନ ମାସରେ ବିଭିନ୍ନ ମାଛ ଅଣ୍ଡା ଦିଅନ୍ତି ଏବଂ ଅଣ୍ଡାଗୁଡିକ ନିର୍ଦ୍ଦିଷ୍ଟ ସ୍ଥାନରେ ଛୁଆ ସୃଷ୍ଟି କରିବା ପାଇଁ ମାଛମାନେ ଯାତାୟତ କରନ୍ତି । ଏହି ସମୟରେ ଯଦି ଆମେ ଡିମ୍ବଧାରଣ କରିଥିବା ମା' ମାଛମାନଙ୍କୁ ମାରିଥାଉ ତେବେ ମତ୍ସ୍ୟସଂପଦର ଅଭିବୃଦ୍ଧି ପରିବର୍ତ୍ତେ ହ୍ରାସ ପାଇବା ସୁନିଶ୍ଚିତ । ନିମ୍ନରେ କେଉଁମାଛ କେଉଁଠି ବାସକରନ୍ତି ଏବଂ କେଉଁଠି ଅଣ୍ଡା ଦିଅନ୍ତି ତାହାର ସବିଶେଷ ବିବରଣୀ ପ୍ରଦତ୍ତ କରାଯାଇଛି ।

Digitized by srujanika@gmail.com

ଚିଲିକାରେ ଦେଖା ଯାଉଥିବା ମାଛ, କଙ୍କଡା ଓ ଚିଙ୍ଗୁଡି

ମାଛ

	ନାମ	ବାସସ୍ଥାନ	ଅଣ୍ଡାଦେବାସ୍ଥାନ
୧.	ଖଇଙ୍ଗା	ଲୁଣୀଜଳ	ଚିଲିକା ଓ ସମୁଦ୍ର ମୁହାଣ
୨.	ସାହାଳ	ଲୁଣୀଜଳ	ଚିଲିକା
୩.	ଭେକଟା	ଲୁଣୀଜଳ	ସମୁଦ୍ର
୪.	ଇଲିଶ	ଲୁଣୀଜଳ	ନଦୀମୁହାଣ
୫.	ପାତୁଆ	ଲୁଣୀଜଳ	ଚିଲିକା
୬.	ମିଞ୍ଜିଆ	ଲୁଣୀଜଳ	ସମୁଦ୍ର
୭.	ଶୁଦୁଙ୍ଗା	ସମୁଦ୍ର	ସମୁଦ୍ର
୮.	ଗଣିଆ	ଲୁଣୀଜଳ	ଚିଲିକା
୯.	ବକିଙ୍ଗି	ଲୁଣୀଜଳ	ସମୁଦ୍ର
୧୦.	କଙ୍କାବଂଶୀ	ମଧୁରଜଳ	ନଦୀ
୧୧.	କଣ୍ଟିଆ	ଲୁଣୀଜଳ	ଚିଲିକା
୧୨.	ଖୁରାଣ୍ଡି	ଲୁଣୀଜଳ	ଚିଲିକା
୧୩.	ସେବା	ଲୁଣୀଜଳ	ସମୁଦ୍ର
୧୪.	କୁଣ୍ଡଳ	ଲୁଣୀଜଳ	ଚିଲିକା
୧୫.	ମାଗୁର	ଲୁଣୀଜଳ	ଚିଲିକା
୧୬.	କାଉଁଦା	ଲୁଣୀଜଳ	ଚିଲିକା
୧୭.	ସୁକୁରା	ଲୁଣୀଜଳ	ଚିଲିକା
୧୮.	କବଳା	ଲୁଣୀଜଳ	ସମୁଦ୍ର ମୁହାଣ
୧୯.	ବାଲିଗରିଡା	ମଧୁରଜଳ	ନଦୀ
୨୦.	କଉ	ମଧୁରଜଳ	ନଦୀ
୨୧.	ବୋରଙ୍ଗ	ଲୁଣୀଜଳ	ସମୁଦ୍ର ମୁହାଣ
୨୨.	ଚାଉଳି	ଲୁଣୀଜଳ	ଚିଲିକା

ଚିଙ୍ଗୁଡି

୧.	ପାନୁ	ଲୁଣୀଜଳ	ସମୁଦ୍ର ମୁହାଣ
୨.	ମରାଣ୍ଡି	ଲୁଣୀଜଳ	ସମୁଦ୍ର ମୁହାଣ
୩.	କଣ୍ଡାଳ	ଲୁଣୀଜଳ	ସମୁଦ୍ର ମୁହାଣ
୪.	ବାଗଦା	ଲୁଣୀଜଳ	ସମୁଦ୍ର ମୁହାଣ

କଙ୍କଡା

୧.	ମାଣ୍ଡିଆ	ଲୁଣୀଜଳ	ଚିଲିକା
୨.	ଚିତର	ଲୁଣୀଜଳ	ସମୁଦ୍ର
୩.	ରାଣୀ	ଲୁଣୀଜଳ	ଚିଲିକା
୪.	ମାଦୁଅ	ଲୁଣୀଜଳ	ସମୁଦ୍ର

Digitized by srujanika@gmail.com

ଚିଲିକାର ପ୍ରାଣୀସମ୍ପଦ

ଶ୍ରୀ ନୀଳମଣି ଜାଲି,ଶିକ୍ଷକ
ମଏଁଷା ୟୁ.ପି.ସ୍କୁଲ, ଚିଲିକା, ନୂଆପଡ଼ା

ଚିଲିକା ହ୍ରଦ ଭାରତବର୍ଷର ଅଦ୍ୱିତୀୟ ପ୍ରାକୃତିକ ଲବଣାକ୍ତ ହ୍ରଦ । ପ୍ରାଣୀଜଗତପାଇଁ ଏହା ଏକ ଉନ୍ନତତର ସ୍ଥାନ ବୋଲି ସୁବିଦିତ । ଶୀତଦିନରେ ବିଦେଶରୁ ଆସୁଥବା ଲକ୍ଷ ଲକ୍ଷ ଜଳଜପକ୍ଷୀମାନଙ୍କର ଚିଲିକା ହେଉଛି ବିଶିଷ୍ଟ ଆଶ୍ରୟସ୍ଥଳୀ । ଚିଲିକାର ପ୍ରାଣୀସମ୍ପଦ ମଧ୍ୟରେ ପକ୍ଷୀର ସମ୍ଭାର ହେଉଛି ମୁଖ୍ୟ ଆକର୍ଷଣ । ଏହି ପ୍ରାଣୀସମ୍ପଦ ପାଇଁ ଆନ୍ତର୍ଦେଶୀୟ ଜଳାଭୂମି ସ୍ଥଳରେ ଚିଲିକା ତାର ସ୍ୱତନ୍ତ୍ର ସ୍ଥାନ ବଜାୟ ରଖିଛି । ଚିଲିକା ହ୍ରଦର ବିଭିନ୍ନ ପ୍ରକାର ପ୍ରାଣୀ ଯଥା-ଅମେରୁଦଣ୍ଡୀ, ମାଛ, ସରୀସୃପ ଜାତୀୟ, ସ୍ତନ୍ୟପାୟି ପ୍ରାଣୀ ଇତ୍ୟାଦି ଏକ ସନ୍ତୁଳିତ ପରିବେଶ ରକ୍ଷା କରି ଚାଲିଛନ୍ତି ।

ପ୍ରାଣୀସମ୍ପଦ

ଚିଲିକାର ପ୍ରାଣୀସମ୍ପଦ କହିଲେ ସାଧାରଣତଃ ତାହାର କୂଳ ଓ କୋଳରେ ବସବାସ କରୁଥିବା ପ୍ରାଣୀସମୂହକୁ ବୁଝାଇଥାଏ । ଚିଲିକା ହ୍ରଦରେ ବିଭିନ୍ନ ପ୍ରକାର ପ୍ରାଣୀ ଦେଖାଯାଇଥାନ୍ତି । ମରାଳ ମାଳିନୀ ନୀଳାମ୍ବୁ ଚିଲିକାକୁ ଦେଖିବାପାଇଁ, ତାର ସୌନ୍ଦର୍ଯ୍ୟରେ ବିମୋହିତ ହୋଇ ବିଦେଶୀ/ବିଦେଶୀନୀମାନେ ଛୁଟି ଆସନ୍ତି । ଶୀତଦିନରେ ପ୍ରାୟ ୧୬୭ପ୍ରକାର ଦେଶୀ, ବିଦେଶୀ ପକ୍ଷୀମାନଙ୍କର ଏଠାରେ ସମାବେଶ ହୋଇଥାଏ । ସେମାନଙ୍କ ମଧ୍ୟରୁ ଗେଣ୍ଡି ପକ୍ଷୀ, ଏରା, ହଂସ, ମାଛରଙ୍କା, ପାତିହଂସ, ପାଣିକୁଆ, କୁରୁବକ, ଗୋଲାପି ଦଦରାହଣା, ଦଦରାହଣା, ବିଭିନ୍ନ ଜାତିର ବତକ, ବିଭିନ୍ନ ପ୍ରକାର ବାଜେଣୀ ଇତ୍ୟାଦି ପକ୍ଷୀ ଅନ୍ୟତମ ।ଦିନଥିଲା ଏରା ଚଢେଇମାନଙ୍କୁ ଦେଖି ଇଂରେଜମାନେ ପାରିକୁଦରେ ସୈନ୍ୟସଂଖ୍ୟା ବହୁତ ଭାବି ଫେରି ଯାଇଥିଲେ । ବର୍ତ୍ତମାନ ସେମାନଙ୍କ ସଂଖ୍ୟା କ୍ରମଶଃ ହ୍ରାସ ପାଉଛି ।

ଚିଲିକା ଲୁଣାଜଳରେ ବିଭିନ୍ନ ପ୍ରକାର ମାଛ ଦେଖାଯାଇଥାନ୍ତି । ମତ୍ସ୍ୟସମ୍ପଦରେ ମଧ୍ୟ ଚିଲିକାର ସ୍ଥାନ ସୁବିଖ୍ୟାତ । ବିଭିନ୍ନ ପ୍ରକାର ମାଛ, କଙ୍କଡା ଯଥା- ଚିଙ୍ଗୁଡି, କଙ୍କଡା, ଖଇଙ୍ଗା, କଣ୍ଟିଆ, ପାତୁଆ ମାଛ ଇତ୍ୟାଦି ଦେଖାଯାନ୍ତି । ପ୍ରାୟ ୨୦୦ ରୁ ଅଧିକା ମାଛ, ଚିଙ୍ଗୁଡି ଏଥିରେ ସ୍ଥାନ ପାଇଛନ୍ତି । ଲୁଣିଜଳର ହ୍ରାସଯୋଗୁଁ, ବର୍ତ୍ତମାନ ଏମାନଙ୍କ ସଂଖ୍ୟା କ୍ରମଶଃ ହ୍ରାସ ପାଇବାରେ ଲାଗିଛି । ବର୍ତ୍ତମାନ ମାତ୍ର ୫୦/୬୦ ପ୍ରକାର ମାଛ ଦେଖାଯାଉଛନ୍ତି । ଚିଲିକାର ବିଶେଷ ଆକର୍ଷଣ ହେଲା ଡଲଫିନ୍ ମାଛ ।ଏହି ବିରଳ ଡଲଫିନ୍ ମାଛ କ୍ରମଶଃ ହ୍ରାସ ପାଉଥିବାର ଲକ୍ଷ୍ୟ କରାଯାଉଥିଲା । ବର୍ତ୍ତମାନ ମଗରମୁଖା ମୁହାଣ ଖନନ ପରେ ଏହା କ୍ରମଶଃ ବୃଦ୍ଧି ପାଇବାରେ ଲାଗିଛି ।

Digitized by srujanika@gmail.com

ଚିଲିକା ହ୍ରଦରେ ପ୍ରାୟ ୩୯ ପ୍ରକାର ଉଭୟଚର ଓ ସରୀସୃପ ପ୍ରାଣୀ ଦେଖାଯାନ୍ତି। ସେଥିମଧ୍ୟରୁ ୯ ପ୍ରକାର ଉଭୟଚର ପ୍ରାଣୀ, ୧୨ ପ୍ରକାର ଏଣ୍ଡୁଅ ,୧୮ ପ୍ରକାର ସର୍ପ ଥିବାର ନିଦର୍ଶନ କରାଯାଇଛି। ତଥାପି କେତେପ୍ରକାର ପ୍ରାଣୀ ବର୍ତ୍ତମାନ ମଧ୍ୟ ସନ୍ଦେହ ଘେରରେ ଅଛନ୍ତି। ୫ ପ୍ରକାର ସାମୁଦ୍ରିକ ଜୀବ, ୯ ପ୍ରକାର ଡୁଗଙ୍ଗ, କଇଁଚ, କୁମ୍ଭୀର, ବତକ, ଚିତ୍ରକୁଟିଆ ହରିଣ ଦେଖିବାକୁ ବିରଳ। ଏମାନଙ୍କୁ ନିଜର ଆମୋଦପ୍ରମୋଦ ପାଇଁ ଶିକାର କରିଥିବାରୁ ଏବଂ ଜଳର ଲବଣାଂଶରେ ପରିବର୍ତ୍ତନ ଯୋଗୁଁ ବାସସ୍ଥାନର ଅଭାବ ଦେଖାଯିବାରୁ ଏମାନେ ପ୍ରାୟ ଲୁପ୍ତ ହୋଇଗଲେଣି। ସାମୁଦ୍ରିକ କଇଁଚ, ହିଂସ୍ରଜାତୀୟ ଅଟନ୍ତି।

ଚିଲିକାରେ ଦେଖାଯାଉଥିବା ପ୍ରାଣୀମାନଙ୍କ ମଧ୍ୟରେ ଉଭୟଚର ଓ ଅନେକ ଜାତିର ସରୀସୃପ ଅନ୍ୟତମ। ୨୦୦୦ ମସିହା ସୁଦ୍ଧା ଉଭୟଚର ପ୍ରାଣୀମାନଙ୍କ ମଧ୍ୟରେ ବିଭିନ୍ନ ପ୍ରକାର ବେଙ୍ଗର ନିଦର୍ଶନ କରାଯାଇଛି।

ଲୁଣିବେଙ୍ଗ(ସିନ୍ଦୁରିଆ ବେଙ୍ଗ)



ଯାହା ଲୁଣି ପାଣିରେ ରହେ ଓ ଏହା ଚିଲିକା ଉପକୂଳବର୍ତ୍ତୀ ଅଞ୍ଚଳରେ ବହୁଳ ଭାବରେ ଦେଖାଯାଆନ୍ତି। ଅନ୍ୟ ଏକ ପ୍ରକାର ବେଙ୍ଗ ଯାହାର ମୁହଁ ଗୋଛିଆ। ଏହି ବେଙ୍ଗ ଗଛର ପତ୍ର ଓ କାଠଗଡ ପଥର ମଧ୍ୟରେ ଲୁଚି ରହିଥାଏ ଓ ଏହା ଖୁବ୍ ଜୋରରେ ଗୋଟିଏ ସ୍ଥାନରୁ ଅନ୍ୟ ସ୍ଥାନକୁ ଲମ୍ଫ ମାରିଥାଏ।

ବ୍ରାହ୍ମଣୀ ବେଙ୍ଗ

ଭାରତରେ ଯେତେ ପ୍ରକାର ବେଙ୍ଗ ଦେଖାଯାଆନ୍ତି ସେଥିମଧ୍ୟରୁ ଏହାର ଆକାର ଖୁବ୍ ବଡ। ଏହି ଜାତିର ବେଙ୍ଗ ସାଧାରଣତଃ କାଳିଜାଇ ପାହାଡ, ରମ୍ଭା, ବରକୁଳ ଓ ସାତପଡା ଅଞ୍ଚଳରେ ଦେଖାଯାଇଥାନ୍ତି। ଅନ୍ୟ ଏକ ପ୍ରକାର ପାଣି ବେଙ୍ଗ ଏହି ଉପକୂଳ ଅଞ୍ଚଳରେ ଦୃଷ୍ଟି ଗୋଚର ହୋଇଥାନ୍ତି ଏହାକୁ (କ୍ରିକେଟ୍ ଫ୍ରଗ୍) ମଧ୍ୟ କୁହାଯାଏ। ଏହା ଯେତେବେଳେ ଶବ୍ଦ କରେ ତା'ର ସ୍ୱର "କ୍ରିକେଟ" ଶବ୍ଦ ଭଳି ଶୁଣାଯାଏ। ଏହା ଏତେ ଯୋରରେ ଶବ୍ଦ କରେ ଯେ ତାହାର ଶବ୍ଦ ବହୁଦୂର ପର୍ଯ୍ୟନ୍ତ ଶୁଣାଯାଏ।

ଆଖିଡିଆଁ ବେଙ୍ଗ

ଏହି ଜାତିର ବେଙ୍ଗ ମଣିଷର ଆଖିକୁ ଡିଏଁ ବୋଲି ଅନ୍ଧ ବିଶ୍ୱାସ ଅଛି। ଏମାନେ ଘରର ଆସପାଖରେ ଦେଖାଯାଆନ୍ତି।

ଉଭୟଚର ପ୍ରାଣୀମାନଙ୍କ ଭଳି ଏହି ଅଞ୍ଚଳରେ ଅନେକ ପ୍ରକାର ସରୀସୃପ ମଧ୍ୟ ଦେଖାଯାଆନ୍ତି:-

Digitized by srujanika@gmail.com

(୧) ଏଣ୍ଡୁଅ

ଏହା ଓଡିଶାର ସବୁ ଅଞ୍ଚଳରେ ଦେଖାଯାଇଥାନ୍ତି । ଏଥିମଧ୍ୟରୁ କେତେକ ପାହାଡିଆ ଅଞ୍ଚଳରେ ଓ ଅନ୍ୟ କେତେକ ହ୍ରଦର ଉପକୂଳ ଅଞ୍ଚଳରେ ବିଶେଷତଃ ଘଣ୍ଟଶିଳା ପାହାଡ, ବରକୁଳ, ରମ୍ଭା ଅଞ୍ଚଳରେ ଦେଖାଯାଆନ୍ତି ।

(୨) ଝିଟିପିଟି

ଏଗୁଡିକ ଚିଲିକା ବିସ୍ତୃତ ଅଞ୍ଚଳରେ ବହୁ ସଂଖ୍ୟାରେ ଦେଖାଯାଇଥାନ୍ତି ।

(୩) ଚମ୍ପେଇ ନେଉଳ

ଏହି ସରୀସୃପଗୁଡିକ ଚିଲିକାର ଅଧିକାଂଶ ଅଞ୍ଚଳରେ ଦେଖିବାକୁ ମିଳିଥାନ୍ତି ।

(୪) ଗୋଧି

ଏଗୁଡିକ ଚିଲିକାର ନୂଆପଡା ତଥା ସମଲ ଦ୍ୱୀପାଞ୍ଚଳରେ ଦେଖାଯାଇଥାନ୍ତି ।

(୫) କଇଁଚ

ଯଦିଓ କଇଁଚ ବର୍ତ୍ତମାନ ହ୍ରଦରେ ଦେଖାଯାଉ ନାହାଁନ୍ତି ତଥାପି ମଏଁଷା ଗ୍ରାମପାଖରେ ଚିଲିକାରେ କଇଁଚ ଗହିର ବୋଲି ଏକ ସ୍ଥାନ ଅଛି ଯେଉଁଠି ହଜାର ହଜାର ସଂଖ୍ୟାରେ କଇଁଚ ଦେଖାଯାଉଥିଲେ ।

(୬) କୁମ୍ଭୀର

ପୂର୍ବେ ଲୁଣିଜଳ କୁମ୍ଭୀର ଓ ଘଡିଆଳ କୁମ୍ଭୀର ଚିଲିକାର ବାଲୁକା ଉପକୂଳ ଅଞ୍ଚଳରେ ଦୃଷ୍ଟିଗୋଚର ହେବାର ଦୃଷ୍ଟାନ୍ତ ଅଛି । ମାତ୍ର ବର୍ତ୍ତମାନ ଏମାନେ ଚିଲିକାରେ ଦୃଷ୍ଟିଗୋଚର ହେଉନାହାଁନ୍ତି ।

ସରୀସୃପମାନଙ୍କ ମଧ୍ୟରେ ସାପ ଅନ୍ୟତମ । ସେଥିମଧ୍ୟରୁ କେତେକ ହେଉଛନ୍ତି ବିଷହୀନ ଓ ଅନ୍ୟ କେତକ ହେଉଛନ୍ତି ବିଷାକ୍ତ ।

Digitized by srujanika@gmail.com

ବିଷହୀନ ସାପ

ଦୋମୁଣ୍ଡିଆ ସାପ, ବୋଡା ସାପ (ବାଲିଅଜଗର), ମାଟିବିରୁଲି, କନଳା, ଚିତିସାପ (ବିରାଡିସାପ,) କୁକୁରମୁହଁ ସାପ, ପାଣି ସାପ, କୁକୁରିଆ ସାପ, ଡମଣା, ଧଣ୍ଡସାପ ଇତ୍ୟାଦି । ଏଥିମଧ୍ୟରୁ ଅନେକ ସାପ ଚିଲିକାର ଲୁଣି ଜଳରେ ଛୋଟଛୋଟ ମାଛ ଚିଙ୍ଗୁଡିକୁ ଖାଇ ବଞ୍ଚନ୍ତି । ଅନ୍ୟ କେତେକ ଚିଲିକାର ଉପକୂଳବର୍ତ୍ତୀ ସ୍ଥଳ ଭାଗରେ ବାସ କରନ୍ତି ।

ବିଷାକ୍ତ ସାପ

ଚିତିସାପ, ନାଗ, ଗୋଖର, ଧୂଳିଆ ନାଗ, ଦୁଧିଆନାଗ, ଡମ୍ଫ, ସମୁଦ୍ର ସାପ, ବୋଡାସାପ, ଦଉଡିଆ ବୋଡା ସାପ ଇତ୍ୟାଦି । ଏହି ସାପଗୁଡିକ ଅତ୍ୟନ୍ତ ବିଷାକ୍ତ । ନାଗସାପ ଗୁଡିକ ମଧ୍ୟରେ କେତେକଙ୍କ ଫଣାରେ ଟ ଭଳି ଚିହ୍ନ ତ ଅନ୍ୟ କେତେଙ୍କର ଗୋଲାକାର ଚିହ୍ନଥାଏ । ଚିତି ସାପଗୁଡିକ ଘରଭିତରେ, ଘରର କାନ୍ଥ ମଧ୍ୟରେ ଥିବା ଫାଟଗୁଡିକରେ ରହିଥାନ୍ତି । ଏହି ସାପକାମୁଡିଲେ ପ୍ରାଣୀର ଶିରାରେ ବିଷ ତୁରନ୍ତ ତା'ର ପ୍ରତିକ୍ରିୟା ଆରମ୍ଭ କରି ଦେଇଥାଏ । ସମୁଦ୍ର ସାପଗୁଡିକ ଅଧିକାଂଶ ସମୟରେ ମାଛଧରାଳିଙ୍କ ଜାଲରେ ପଡିଥାନ୍ତି ଏଗୁଡିକ ସାଧରଣତଃ ଚିଲିକାର ନଳବଣ, ରମ୍ଭା, ବରକୁଳ ଇତ୍ୟାଦି ଅଞ୍ଚଳରେ ବହୁଳ ପରିମାଣରେ ଦେଖାଯାଆନ୍ତି । ଏହା ବ୍ୟତୀତ କେତେପ୍ରକାର ବିରଳ, ବିପନ୍ନ ନିଃଶକ୍ତ ପ୍ରାଣୀ ଦେଖାଯାଆନ୍ତି ସେମାନେ ହେଲେ

କ୍ର.ନଂ	ଜୀବଙ୍କନାମ	ସ୍ଥିତି	କ୍ର.ନଂ	ଜୀବଙ୍କନାମ	ସ୍ଥିତି
୧.	ବରକୁଦି ପାଦହୀନ ସରୀସୃପ	ବିରଳ, ବିପନ୍ନ	୯.	ମାଛରଙ୍କା ବାଘ	ବିରଳ
୨.	ଗୋଧି	ନିଃଶକ୍ତ	୧୦.	ବିଲୁଆ	ନିଃଶକ୍ତ
୩.	କଇଁଛ	ବିରଳ, ବିପନ୍ନ	୧୧.	କଟାସ	ନିଃଶକ୍ତ
୪.	ନାଗସାପ	ନିଃଶକ୍ତ	୧୨.	କୋକଶିଆଳୀ	ନିଃଶକ୍ତ
୫.	ବୋଡାସାପ	ନିଃଶକ୍ତ	୧୩.	ଦଦରାହଣା	ନିଃଶକ୍ତ
୬.	ଶିଶୁମାର/ଶିଶୁମଗର/ ଭୁଆଶୁଣୀ	ନିଃଶକ୍ତ	୧୪.	କୁରୁବଳ	ବିପନ୍ନ
୭.	ଡୁଗଙ୍ଗ	ବିରଳ, ବିପନ୍ନ	୧୫.	ଚାମଚ ଥଣ୍ଟିଆ	ବିପନ୍ନ
୮.	କୃଷ୍ଣସାର ମୃଗ	ବିରଳ, ବିପନ୍ନ	୧୬.	କୁରାର	ବିପନ୍ନ
			୧୭.	ବହିରା ବାଜ	ବିପନ୍ନ

Digitized by srujanika@gmail.com

ଜୁ ପ୍ଲାଙ୍କଟନ

ମୌସୁମୀ ପ୍ରବାହ ସମୟରେ ଉତ୍ତର ଓ ବାହାରାଞ୍ଚଳରେ ଖୁବ୍ କମ୍ ଜୁ ପ୍ଲାଙ୍କଟନ ଦେଖାଯାନ୍ତି । କାରଣ ବର୍ଷାଦ୍ୱାରା ବନ୍ୟାଜଳ ଏହାକୁ ବାହାରକୁ ନେଇଯାଇଥାଏ । ଅକ୍ଟୋବର, ନଭେମ୍ବର ମାସରେ ଏହାର ଘନତ୍ୱ ଅଧିକା ହୋଇଥାଏ । (ସାଧାରଣତଃ ବାହାର ନାଳୀ ଯେଉଁଠାରେ ସାମୁଦ୍ରିକ ଜୀବ ଅଧିକା ପ୍ରଭାବ ବିସ୍ତାର କରିଥାଏ ।) କେନ୍ଦ୍ରିୟ ଅଞ୍ଚଳର ଘନତ୍ୱ କମ୍ କିନ୍ତୁ ଜୁ ପ୍ଲାଙ୍କଟନରେ ଜୈବ ବିଭିନ୍ନତା ଅଧିକା । ଗ୍ରୀଷ୍ମଦିନରେ ପ୍ରଚୁର ମାଇସିଟ୍ ଦେଖାଯାନ୍ତି । ଏହାପରେ ପୁଣି ବର୍ଷସାରା କେପେପଡସ୍ ପ୍ରାୟ ୯୫ ଭାଗ ସ୍ଥାନ ଅଧିକାର କରିଥାଏ ।

ବେନିଥିକ୍ ପ୍ରାଣୀସମୁହ

ଚିଲିକାର ସନ୍ତସନ୍ତିଆ କାଦୁଆଞ୍ଚଳ ବହୁପ୍ରକାର ଜୀବଜନ୍ତୁଙ୍କ ଆଶ୍ରୟସ୍ଥଳୀ ରୂପେ ସାହାଯ୍ୟ କରିଥାଏ । ଚିଙ୍ଗୁଡି ବିଭିନ୍ନ ପ୍ରକାର ମାଛ ଓ ପକ୍ଷୀମାନଙ୍କ ପାଇଁ ଏହା ଖାଦ୍ୟ ଯୋଗାଇଥାଏ । ଏହି ବେନିଥିକ୍ ପ୍ରାଣୀମାନଙ୍କର ଚିଲିକା ହ୍ରଦ ତଥା ଅନ୍ୟାନ ଜଳାଭୂମି ଅଞ୍ଚଳର ଖାଦ୍ୟ ଶୃଙ୍ଖଳ ସହ ବିଶେଷ ସମ୍ପର୍କ ଅଛି । ଏମାନେ ବିଭିନ୍ନ ପ୍ରକାରର ଦେଖାଯାନ୍ତି । ହ୍ରଦର ପ୍ରାୟ ସମଗ୍ର ଅଞ୍ଚଳରେ ଦେଖାଯାଇଥାନ୍ତି । ଚିଲିକାର ତଳିଆ ଅଞ୍ଚଳରୁ ପ୍ରାୟ ୧୦୦ ପ୍ରକାର ବେନିଥିକ୍ ପ୍ରାଣୀ ଚିହ୍ନଟ କରାଯାଇଛି ।

ଚିଲିକା ହ୍ରଦରେ ଏହି ପଶୁମାନଙ୍କ ମଧରେ ଫରମାମିନିଫରସ୍ ସଂଖ୍ୟା ଅଧିକ । ପ୍ରାୟ ଏହା ଉତ୍ତରାଞ୍ଚଳ ଓ କେନ୍ଦ୍ରୀୟ ଅଞ୍ଚଳକୁ ୦.୮ ମିଲିୟନ ବିସ୍ତାର କରି ରହିଅଛି । ସାଧାରଣତଃ ଏମାନେ ଲୁଣାଜଳକୁ ଅଧିକ ପସନ୍ଦ କରିଥାନ୍ତି । ଏଗୁଡିକ ଗ୍ରୀଷ୍ମଋତୁରେ ସର୍ବାଧିକ ଦେଖାଯାନ୍ତି । ପ୍ରାଣୀଜଗତ ପାଇଁ ଏହି ଉନ୍ନତତର ସ୍ଥାନ ଚିଲିକା ହ୍ରଦର ପରିବେଶ ସୁରକ୍ଷା ନିମନ୍ତେ ଆମ ସମସ୍ତଙ୍କର ସହଯୋଗ ନିତାନ୍ତ ଆବଶ୍ୟକ ।

****

Digitized by srujanika@gmail.com

ଉଦ୍ଭିଦ ସମ୍ପଦ

ଶରତ ଚନ୍ଦ୍ର ମହାନ୍ତି, ଶିକ୍ଷକ
ବାଲୁଙ୍କେଶ୍ୱର ବିଦ୍ୟାପୀଠ,
କହ୍ନିକୁଦା, ଚିଲିକା

ଉଦ୍ଭିଦ ସମ୍ପଦ କହିଲେ ଛୋଟ ଛୋଟ ଗୁଳ୍ମ, ଲତାଠାରୁ ଆରମ୍ଭକରି ବୃହତକାୟ ବୃକ୍ଷମାନଙ୍କୁ ବୁଝାଏ । ପୃଥିବୀର ଉତ୍ତାପ ନିୟନ୍ତ୍ରଣ ପାଇଁ ଉଦ୍ଭିଦ ଜଗତର ସୃଷ୍ଟି । ଆମ ପରିବେଶ ଉଦ୍ଭିଦ ଓ ପ୍ରାଣୀଜଗତକୁ ନେଇ ଗଠିତ ।

ଚିଲିକା ହ୍ରଦର ଲୁଣିଜଳର ପରବର୍ତ୍ତନ ଯୋଗୁଁ ବିଭିନ୍ନ ଶ୍ରେଣୀର ଅଧିବାସୀ ଏହା ଉପରେ ନିର୍ଭର କରିଥାନ୍ତି । ହ୍ରଦର ଅଧିକାଂଶ ଅଞ୍ଚଳ ଉଦ୍ଭିଦମାନଙ୍କ ଦ୍ୱାରା ପରିପୂର୍ଣ୍ଣ ।ଚିଲିକାରେ ଖାଦ୍ୟ ଶୃଙ୍ଖଳର ଏକ ମୁଖ୍ୟ ଉପାଦାନ ହେଉଛି ଉଦ୍ଭିଦ ସମ୍ପଦ । ଲୁଣି ଜଳରେ ଛୋଟ ଛୋଟ ଗୁଳ୍ମ,ଉଦ୍ଭିଦମାନ ଭଲ ଭାବରେ ବୃଦ୍ଧିପାଇଥାନ୍ତି । ଏହାର କ୍ରମବର୍ଦ୍ଧିଷ୍ଣୁ ପରିବର୍ତ୍ତନ ଲୁଣିଜଳ ଉପରେ ହିଁ ନିର୍ଭର କରିଥାଏ । କିନ୍ତୁ ମୌସୁମୀ ବାୟୁର ପ୍ରଭାବ ଯୋଗୁଁ ମଧୁର ଜଳ ବୃଦ୍ଧି ଘଟି ଏକ ପ୍ରକାର ଶୈବାଳର ବଂଶବୃଦ୍ଧି ଘଟିଥାଏ ଯାହାକି ଉତ୍ତର ଓ ଦକ୍ଷିଣାଂଶକୁ ବିସ୍ତାରି ଯାଇଥାଏ । ଅପରପକ୍ଷରେ ଲୁଣିଜଳର ବୃଦ୍ଧି ହେଲେ ହ୍ରଦରେ ଡାଇଟୋମସ୍ (ଏକ ପ୍ରକାର ଆଲ୍‌ଜି)ର ବୃଦ୍ଧି ଘଟେ । ଚାଏଟୋସେରସ ଆଣ୍ଡ ଆଷ୍ଟେରଓନେଲା ଜାପାନିକା ଏକ ବୃହତ୍ ବ୍ୟାକ୍ଟେରିଆଷ୍ଟମ୍ ନାୟାଲିନମ୍ ଦ୍ୱାରା ଅନୁସରଣ ହୋଇଥାଏ । ବାର୍ଷିକ ଡାଇଟୋମସ ଓ ସାଇନୋବ୍ୟାକ୍ଟେରିଆର ପରିମାଣ ୬୭.୩% ଓ ୨୫.୯%

ଚିଲିକାର ଫାଇଟୋପ୍ଲାଙ୍କଟନ୍

ବିଭାଗ	**ଡାଇଟୋମସ୍**	**ସାଇନୋବ୍ୟାକ୍ଟେରିଆ**	**ଡାଇନୋଫ୍ଲାଗୋଲାଟେସ୍**	**ଗ୍ରିନ୍ ଆଲଜି**
ଉତ୍ତରାଞ୍ଚଳ	୦.୧୩	୯୯.୭୬	୦	୦.୧୧
ମଧ୍ୟାଞ୍ଚଳ	୯୯.୮୩	୦.୦୮	୦.୦୩	୦.୦୧
ଦକ୍ଷିଣାଞ୍ଚଳ	୫୪.୦୦	୪୪.୭୦	୦.୮	୦.୫୦
ବାହ୍ୟନାଳୀଅଞ୍ଚଳ	୯୯.୫୩	୦.୨୫	୦.୧୬	୦.୧୬

ପ୍ରକାର

ଚିଲିକା ହ୍ରଦ କୂଳରେ ବିଭିନ୍ନ ପ୍ରକାର ଉଦ୍ଭିଦ ଦେଖାଯାଆନ୍ତି ଯଥା- ନାରିକେଳ, ଆମ୍ବ, ପଣସ, ତାଳ, ପୋଲାଙ୍ଗ, ଲଙ୍କାଆମ୍ବ, ଝାଉଁ, ପଟାସ, ଆକାସିଆ, ଲିମ୍ବ, ଶାଳ, ଶାଗୁଆନ, ଜାମୁକୋଳି, ତେନ୍ତୁଳି, ସୀତାଫଳ ଓ ବର ଇତ୍ୟାଦି ।

ଚିଲିକା ହ୍ରଦରେ ଏକ ପ୍ରକାର ଶୈବାଳ ଦେଖାଯାଏ । ଯାହାକୁ ବେନେଥିକ୍ ଶୈବାଳ କହନ୍ତି ।ଏହା ଜଳଜ ଉଦ୍ଭିଦ ଅନ୍ତର୍ଗତ । ନାଲି ଶୈବାଳ ପଲିସ୍‌ଫୋନିଆ ଓ ସେରାମିଅମ୍ ସହିତ ୧୮ ପ୍ରକାର ବେନେଥିକ୍ ଶୈବାଳ ଚିହ୍ନଟ

Digitized by srujanika@gmail.com

କରାଯାଇଛି । ସବୁଜ ଶୈବାଳ ଚାଇଟୋମୋରଫା (୪୭.୫%) ବେନେଥିକ୍ ଶୈବାଳକୁ ଆଧିପତ୍ୟ ବିସ୍ତାର କରି ଅଛି । ଫାଇଟୋପ୍ଲାଙ୍କଟନ୍ ଭଳି ବେନେଥିକ୍ ଶୈବାଳ ପରେ ନାଲି ଶୈବାଳ ମଧ୍ୟ ଏହି ହ୍ରଦରେ ଦେଖାଯାଇଥାଏ । ଏହା ସଂଗୃହୀତ ହୋଇ ଅଗର-ଅଗର ଉତ୍ପାଦନ କ୍ଷେତ୍ରକୁ ବିକ୍ରୀ ହୋଇଥାଏ । ଏହି ଅଗର-ଅଗର ସାଧାରଣତଃ ଖାଦ୍ୟରେ ମିଶ୍ରିତ ହୋଇ, ଔଷଧ, କାଗଜରେ, ଚମଡା ଏବଂ ଅନ୍ୟ ଶିଳ୍ପାନୁଷ୍ଠାନମାନଙ୍କରେ ବ୍ୟବହୃତ ହୋଇଥାଏ । ଏହାର ଅଧିକା ବିତରଣ ପାଇଁ ନିଷେଧ ଅଛି ।

ବୋଧହୁଏ ମାର୍କୋଫାଇଟ୍‌ର ବୃଦ୍ଧି ଏବଂ ଚିଲିକାହ୍ରଦର ଗଭୀରତା ହ୍ରାସ ଯୋଗୁଁ ଏହା ନିଷିଦ୍ଧ କରାଯାଇଛି ।

ଜଳଦ ଉଦ୍ଭିଦ

ଚିଲିକା ହ୍ରଦରେ ପ୍ରାୟ ୨୦ ପ୍ରକାର ଉଦ୍ଭିଦ ୧୧୦୦ ବର୍ଗ.କି.ମି. ପର୍ଯ୍ୟନ୍ତ ଥିବାର ଅଟକଳ କରାଯାଇଛି ।

ମୁକ୍ତ ପ୍ରବାହୀ ଉଦ୍ଭିଦ ଇଛୋରନିଆ କ୍ରାସିପସ୍, ପିସ୍ତିଆ ଷ୍ଟ୍ରାଟିଓଟସ୍, ଅଢଲ୍ଲା ପିନ୍ନାଟା ବନ୍ୟା ଜଳ ଦ୍ୱାରା ଆସି ପୂର୍ବାଞ୍ଚଳର ଉତ୍ତରଭାଗରେ ଛୋଟ ଛୋଟ ଖଣ୍ଡ ବିସ୍ତାର କରିଥାନ୍ତି ଓ ଫେବୃୟାରୀ, ମାର୍ଚ୍ଚ ଶେଷ ବେଳକୁ ଲୁଣିଜଳର ବୃଦ୍ଧିଯୋଗୁ ଲୋପ ପାଇଯାଇଥାନ୍ତି । ଅନ୍ୟାନ୍ୟ ଉଦ୍ଭିଦ ଯଥା - ହାଇଡ୍ରିଲା ଭର୍ଟିସିଲାଟା, ଭାଲିସନେରିଆ ସ୍ପିରାଲିସ୍, ସେରାଟେଫିଲମ୍ ଡେମରସମ୍ ଏବଂ ଅନ୍ୟ କେତେ ପ୍ରକାର ଯଥା- ନିଆଫଲ୍, ଉଟ୍ରି, କୁଲାରିଆ, ପଲିଗୋନମ୍, ଇପୋମିଆ, ଜୁସେଇୟୁଆ, ମାରସ୍ରେଲିଆ ଋତୁ ଅନୁସାରେ ଉତ୍ତର ପଶ୍ଚିମାଞ୍ଚଳରେ ନଭେମ୍ବର, ମାର୍ଚ୍ଚ ମାସରେ ଦେଖାଯାନ୍ତି ।

ଅତ୍ୟାବଶ୍ୟକ ଉଦ୍ଭିଦ ଯଥା ସ୍କିରପସ୍ ଲିଟୋରାଲି, ଏଲିଓଚାରିସ୍, ପ୍ଲାଟାଜିନିଆ, ସାଇବରସ୍ ବର୍ଷସାରା ଉତ୍ତର ଓ ଉତ୍ତର ପଶ୍ଚିମାଞ୍ଚଳରେ ଦେଖାଯାଇଥାନ୍ତି । ମୁଖ୍ୟ ଧ୍ୟାନକର୍ଷକ ଜଳଜ ଉଦ୍ଭିଦ ହେଲା ଫାରାମାଇଟସ୍ କରହା ଯାହା ଉତ୍ତର ପଶ୍ଚିମାଞ୍ଚଳରେ ଦେଖାଯାନ୍ତି ।

ପୋଟୋମାଗେଟନ୍ ପେକ୍ଟିନାଟସ୍ ଜଳମଗ୍ନ ଉଦ୍ଭିଦ ଯାହା ଲୋକଭାଷାରେ ଚାରିଦଳ ବୋଲି ପରିଚିତ, ଚିଲିକା ହ୍ରଦରେ ପ୍ରଭାବ ବିସ୍ତାର କରିଅଛି । ୧୯୭୩ ମସିହାରେ ଚାରିଦଳ ୭୮ ଭାଗ ବିସ୍ତାର କରିଥିଲା । ୧୯୩୨ ମସିହାରେ ୨୦ ବର୍ଗ.କି.ମି. ପର୍ଯ୍ୟନ୍ତ ଚାରିଦଳ ଓ ସ୍କିରପସ୍ ବିସ୍ତାର କରିଥିଲା ।ଏହା କ୍ରମଶଃ ବୃଦ୍ଧି ପାଇ ୧୯୭୭ରେ ୬୦ ବର୍ଗକି.ମି., ୧୯୮୦ରେ ୧୦୦ବର୍ଗକି.ମି. , ୧୯୮୫ରେ ୧୮୦ ବର୍ଗ.କି.ମି., ୧୯୯୨ରେ ୧୦୫ବର୍ଗ.କି.ମି ପର୍ଯ୍ୟନ୍ତ ପରିବ୍ୟାପ୍ତ ହୋଇଥିଲା । ଯଦିଓ ଏହି ଦଳ ଚିଲିକାର କ୍ଷତି କରିବାରେ ମୁଖ୍ୟ ଭୂମିକା ଗ୍ରହଣ କରିଥାନ୍ତି, ତଥାପି କେତେକ ଶ୍ରେଣୀର ପ୍ରାଣୀକୁ ଖାଦ୍ୟ ଯୋଗାଇବାରେ ସାହାଯ୍ୟ କରିଥାନ୍ତି ।

ଅନ୍ୟ ଏକ ଉଦ୍ଭିଦ ନାଜାସ୍ ଇଣ୍ଡିକା ଯାହା ୧୯୭୩ ମସିହାରେ ୧୪ ଭାଗ ବିସ୍ତାର କରିଥିଲା,ଲୋକଭାଷାରେ ଚିଙ୍ଗୁଡିଆ ବୋଲି ଜଣାଶୁଣା, ଏହା ଚାରିଦଳ ସହ କେତେକ ଅଞ୍ଚଳ ବିସ୍ତାର କରିଅଛି । ଏସବୁ ଦଳ ପବନଦ୍ୱାରା

Digitized by srujanika@gmail.com

ସମୁଦ୍ରକୁ ପଡି ଥାଏ । ଏହାକୁ ସ୍ଥାନୀୟ ଲୋକେ ସବୁଜ ସାର ରୂପେ ବ୍ୟବହାର କରିଥାନ୍ତି । ଅନ୍ୟ ଏକ ଉଦ୍ଭିଦ ଉଜଳମଗ୍ନ ଚିଲିକାଞ୍ଚଳରେ ଦେଖାଯାନ୍ତି ଯାହା ହାଲୋଫିଲା ଓଭାଟା କମାରି ନାମରେ ପରିଚିତ । ଯେତେବେଳେ ମାର୍କୋଫାଇଟିସ୍ ଉତ୍ତର ଓ ଦକ୍ଷିଣାଞ୍ଚଳର ଅଧିକାଂଶ ଅଞ୍ଚଳ ବିସ୍ତାର କରିଥାଏ ସେତେବେଳେ ବାହାର ନାଳୀ ଗଭୀର ଅଞ୍ଚଳରେ ଏହା ପ୍ରାୟ ଦେଖାଯାନ୍ତି ନାହିଁ ।



ଗୁଳ୍ମ ଆଦି ଉଦ୍ଭିଦ- ନିକଟ ଅତୀତରେ ହୋଇଥିବା ଅନୁସନ୍ଧାନରୁ ୭୦୬ ପ୍ରକାର କୁସୁମିତ ଉଦ୍ଭିଦ ଚିହ୍ନଟ କରାଯାଇଛି । ଚିଲିକାର ତଟଦେଶୀୟ ଅଞ୍ଚଳରେ ଛୋଟ ଛୋଟ ବୁଦା ଗୁଳ୍ମ ଦେଖାଯାଏ । ଆଉ କେତେକ ଉଦ୍ଭିଦ ଯଥା ସାଲ୍ଭାଡୋରା ପରସିକା, କାସିପୋରିଆ ସେୟଲାନିକା, ଡେସିକ୍ ଇଣ୍ଡିକା କନ୍ ଆଦି ଗୁଳ୍ମ ସହିତ ଦେଖାଯାଇଥାନ୍ତି । କାସିପୋରିଆ ସେୟଲାନିକା ଉଦ୍ଭିଦ କେବଳ ଓଡ଼ିଶାର ଚିଲିକା ହ୍ରଦରେ ଦେଖାଯାଉଛି ।

ବରକୁଦ ଦ୍ୱୀପରେ ପ୍ରାୟ ୧୦୦ ପ୍ରକାର କୁସୁମିତ ଉଦ୍ଭିଦ ଦେଖାଯାଇଥାନ୍ତି । ଏହାର ପ୍ରାନ୍ତରେ ମଧ ବହୁ ପ୍ରକାର ସନ୍ତସନ୍ତିଆ ଉଦ୍ଭିଦ ଦେଖାଯାନ୍ତି । ବିଭିନ୍ନ ପ୍ରକାର ଫୁଲ ବର୍ଷର ବିଭିନ୍ନ ସମୟରେ ଦେଖିବାକୁ ମିଳିଥାଏ । ଏହାଦ୍ୱାରା ଦ୍ୱୀପର ରଙ୍ଗ ଫୁଲର ରଙ୍ଗ ସହ ବଦଳିଥାଏ ।

ତୀକ୍ଷଣ ସୂର୍ଯ୍ୟରଶ୍ମୀ, ସମୁଦ୍ର କୂଳିଆ, ଲୁଣା ପବନ, ବାଲୁକାମୟ ଦ୍ୱୀପ ଇତ୍ୟାଦି ବିଭିନ୍ନ ପ୍ରକାର ଉଦ୍ଭିଦ ସୃଷ୍ଟି ଓ ବୃଦ୍ଧିରେ ସାହାଯ୍ୟ କରିଥାନ୍ତି । ପ୍ରାୟ ଅଧିକାଂଶ ଉଦ୍ଭିଦ ଲୁଣିଜଳ ଦ୍ୱାରା ପ୍ରବାହିତ ହୋଇଥାନ୍ତି । ଉପକୂଳରେ କସୁରାଇନା ଉଦ୍ଭିଦ ବହୁଳ ଭାବରେ ଦେଖାଯାଇଥାନ୍ତି ।

ଏହାବ୍ୟତୀତ ଚିଲିକାରେ ଚାରିଦଳ, ଭୁଟା ବା ଫୋପଟା, ତୋରାଣିଆ, କଲିକତି, ଡାଙ୍ଗଲା, ନାଳୀଦଳ, ବିଲାତିଦଳ, ସିଆଁଳ, ପଟୁଦଳ ଆଦି ଦେଖାଯାଇଥାଏ । ଏହି ବିଭିନ୍ନ ପ୍ରକାର ଉଦ୍ଭିଦ ପାଇଁ ଚିଲିକା ହ୍ରଦ ଏକ ଉତ୍କୃଷ୍ଟ କ୍ଷେତ୍ର ରୂପେ ପରିଗଣିତ ।

******

Digitized by srujanika@gmail.com

ପରିବେଶ ପ୍ରଦୁଷଣ ଓ ତାର ପ୍ରତିକାର

ଶ୍ରୀମତୀ ଲକ୍ଷ୍ମୀପ୍ରିୟା ଡାକୁଆ, ଶିକ୍ଷୟିତ୍ରୀ
ଆଲୁପାଟଣା ୟୁ.ଜି.ମ.ଇ.ସ୍କୁଲ,ଆଲୁପାଟଣ. ଚିଲିକା

ପରିବେଶ କହିଲେ ଆମ ଚତୁଃପାର୍ଶ୍ୱରେ ଅବସ୍ଥିତ ସବୁ କିଛି ଜିନିଷର ସମୂହକୁ ବୁଝାଇଥାଏ । କହିବାକୁ ଗଲେ ସାରା ବିଶ୍ୱର ପରିବେଶ ମାତ୍ର ଗୋଟିଏ ସମୂହ । ଏଠାରେ ସବୁକିଛି ପ୍ରତ୍ୟକ୍ଷ ବା ପରୋକ୍ଷ ଭାବରେ ନିଜ ନିଜ ସହିତ ସଂପୃକ୍ତ । ତେଣୁ ଏହାକୁ ଗୋଟିଏ ପରିସଂସ୍ଥା କହନ୍ତି । କିନ୍ତୁ ମଣିଷ ଦୃଷ୍ଟିରୁ ଦେଖିଲେ ଜୀବନ ସହିତ ଜଡିତ ପ୍ରାୟ ସବୁକିଛି କେବଳ ପୃଥିବୀ ଭିତରେ ହିଁ ସୀମିତ ।

ଚିଲିକାର ପରିବେଶ କହିଲେ ଏହାର ଚତୁଃପାର୍ଶ୍ୱରେ ଅବସ୍ଥିତ ଜୀବଜନ୍ତୁ, ଜଳ, ବାୟୁ ଇତ୍ୟାଦିକୁ ବୁଝାଏ ।

ମଣିଷ ଜୀବମଣ୍ଡଳର ସବୁଠାରୁ ସଫଳ ଜୀବ ଭାବରେ ଆଜି ପ୍ରତିଷ୍ଠା ଲାଭ କରିଛି । ଅନ୍ୟସବୁ ଜୀବଙ୍କ ତୁଳନାରେ ତା'ର ସଂଖ୍ୟା ଖୁବ୍ ବେଶୀ । ନିଜର ସୁବିଧା ପାଇଁ ସେ ପରିବେଶକୁ କାମରେ ଲଗାଇଛି । ମଣିଷର ପ୍ରଭାବରେ ପରିବେଶର ଅନେକ ପରିବର୍ତ୍ତନ ହେବାବେଳେ ଅନେକ ସମସ୍ୟା ମଧ ଦେଖା ଦେଇଛି । ଜଙ୍ଗଲ ଭଳି କେତେ ଉପାଦାନର ଭାଗମାପ ଅନେକ କମିଯାଇଛି ତ କେଉଁଠି କେତେ ଜୀବଲୋପ ପାଇଛନ୍ତି । ଚିଲିକା ପରିବେଶ ଆଜି ବିଭିନ୍ନ ଉପାୟରେ ପ୍ରଦୂଷିତ ।

ପ୍ରଦୂଷଣର ପ୍ରକାର

ସାଧାରଣ ଚିଲିକାର ପରିବେଶ ପ୍ରଦୂଷଣ କହିଲେ ଆମେ ଜଳ, ବାୟୁ, ମାଟି ଆଦିର ପ୍ରଦୂଷଣ କଥା ଜାଣିଥାଉ । ମାତ୍ର ସବୁପ୍ରକାରର ପ୍ରଦୁଷଣ ଏକାଧିକ ବାଟରେ ପ୍ରଭାବ ପକାଇ ପାରେ । କେତେକ ସମୟରେ ପ୍ରଦୁଷଣ ପଦାର୍ଥ ଅନୁସାରେ ପ୍ରଦୁଷଣକୁ ଭାଗ କରାଯାଇଥାଏ । ଯଥା- ରାସାୟନିକ, ଅଣୁଜୀବ, ଅଳିଆ, ତାପ, ଶବ୍ଦ ଜନିତ ପ୍ରଦୁଷଣ ଇତ୍ୟାଦି । ସାଧାରଣ ଦୃଷ୍ଟିରୁ ଏହି ପ୍ରଦୁଷଣକୁ ଦୁଇ ଭାଗରେ ବିଭକ୍ତ କରାଯାଇଥାଏ । (୧) ପ୍ରାକୃତିକ ପ୍ରଦୁଷଣ- ଆଗ୍ନେୟଗିରି ତାପ, ଧୂଳି, ଧୂଆଁ ଓ ପାଉଁଶ ଇତ୍ୟାଦି । (୨) ମନୁଷ୍ୟକୃତ ବା କୃତ୍ରିମ ପ୍ରଦୂଷଣ- ଗ୍ରାମ ତଥା ଶିଳ୍ପାଞ୍ଚଳର ଅଳିଆ ଆବର୍ଜନା, ଦୂଷିତ ପାଣି, ତାପଜ ଶକ୍ତି ଇତ୍ୟାଦି ।

(୧) ଜଳପ୍ରଦୂଷଣ

ବ୍ୟବହାର ପାଇଁ ଆମେ ବିଶୁଦ୍ଧ ଜଳ ଆବଶ୍ୟକ କରୁ । ମାତ୍ର ବିଭିନ୍ନ କାରଣବଶତଃ ଜଳ ଦୂଷିତ ହୋଇଥାଏ । ମନୁଷ୍ୟ ସମୁଦ୍ର, ନଦୀ ଓ ହ୍ରଦ ପ୍ରଭୃତି ଗର୍ଭରେ ସମସ୍ତ ମଇଳା, ଆବର୍ଜନା ଓ ଅନ୍ୟାନ୍ୟ ମାରାତ୍ମକ ଦୂଷିତ ପଦାର୍ଥକୁ ନିକ୍ଷେପ କରିବାକୁ କୁଣ୍ଠାବୋଧ କରେ ନାହିଁ । କିନ୍ତୁ ଏହାଦ୍ୱାରା ଦୂଷିତ ଜଳ ସମଗ୍ର ଜୀବଜଗତକୁ ପ୍ରତ୍ୟକ୍ଷ ଭାବରେ କଳୁଷିତ କରୁଥାଏ ।

Digitized by srujanika@gmail.com

(କ) ନାଳନର୍ଦ୍ଦମା ଓ ଜଳ ଉତ୍ସଗୁଡିକର ଅପବ୍ୟବହାର

ଗାଁ, ଗହଳିର ଲୋକ ଜଳ ଉତ୍ସଗୁଡିକକୁ ସିଧାସଳଖ ଭାବେ ପ୍ରଦୂଷିତ କରନ୍ତି। ସେମାନେ ନିଜର ଲୁଗାପଟା ସଫା, ବାସନମଜା, ଗୃହପାଳିତ ପଶୁଙ୍କୁ ଗାଧୋଇବା ସହ କତା, ଲଳିତା ପ୍ରଭୃତିକୁ ପାଣିରେ ପଚାଇ ଜଳ ଉତ୍ସଗୁଡିକୁ ଦୂଷିତ କରନ୍ତି। ଗ୍ରାମାଞ୍ଚଳରେ ନାଳ ନର୍ଦ୍ଦମାର ଜଳ ସିଧାସଳଖ ନଦୀ, ହ୍ରଦ ସମୁଦ୍ର ସଂଗେ ସଂଯୋଗ କରାଇ ଦିଆଯାଏ। ଏହି ମଇଳାରେ ଥିବା ଦ୍ରବୀଭୂତ ଓ ଭାସମାନ ଉଭୟ ଜୈବିକ ଓ ଅଜୈବିକ ଆବର୍ଜନା ନଦୀ ବା ସମୁଦ୍ର ଜଳକୁ ଦୂଷିତ କରିଥାଏ।

(ଖ) ତୈଳ ପ୍ରଦୂଷଣ

ହ୍ରଦ ମଧ୍ୟରେ ଯନ୍ତ୍ର ଚାଳିତ ଡଙ୍ଗା ଓ ଜାହାଜର ବହୁଳ ପ୍ରଚଳନ ହେତୁ ଜଳ ଦୂଷିତ ହୋଇଥାଏ। ଏହାର ପ୍ରଚଳନ ଯୋଗୁ ପକ୍ଷୀ ଓ ମାଛ ବହୁ ସଂଖ୍ୟାରେ ମୃତ୍ୟୁବରଣ କରିବା ସହ ଆକ୍ରାନ୍ତ ମଧ୍ୟ ହୋଇଥାନ୍ତି।

(ଗ) ମୃତ୍ତିକାକ୍ଷୟ

ବର୍ଷା ସମୟରେ ମାଟିରେ ପଡିଥିବା ସମସ୍ତ ଜୈବିକ ଓ ଅଜୈବିକ ଆବର୍ଜନା ଧୋଇ ହୋଇ ପାଣିରେ ମିଶେ। କୃଷି କ୍ଷେତ୍ରରେ ପ୍ରୟୋଗ କରାଯାଇଥିବା ବିଷାକ୍ତ କୀଟନାଶକ ଔଷଧ ଓ ରାସାୟନିକ ସାର କେତେକାଂଶରେ ବର୍ଷାରେ ଧୋଇ ହୋଇ ନିକଟସ୍ଥ ନଦୀ/ଜଳାଶୟରେ ମିଶି ଜଳକୁ ଦୂଷିତ ତଥା ବିଷାକ୍ତ କରିଥାଏ।

ଜଳ ପ୍ରଦୂଷଣର ପ୍ରତିକାର

ଜଳ ସବୁଠାରେ ଓ ସବୁସମୟରେ ଦୂଷିତ ହେଉଛି। ପ୍ରକୃତି ଦୂଷିତ ଜଳରାଶିକୁ ଅନେକାଂଶରେ ବିଶୋଧନ କରିଥାଏ। ପ୍ରଖର ସୂର୍ଯ୍ୟ କିରଣ ଜଳକୁ ବାଷ୍ପରେ ପରିଣତ କରି ଏହି ଜଳୀୟବାଷ୍ପ ପୁନଶ୍ଚ ମେଘ ଓ ତୁଷାର ଆକାରରେ ଭୂ-ପୃଷ୍ଠକୁ ଫେରିଆସେ। ଏହିଜଳ ପ୍ରାୟ ବିଶୋଧିତ ହୋଇ ଯାଇଥାଏ। କିନ୍ତୁ ମାନବକୃତ ପ୍ରଦୂଷଣ ପ୍ରକ୍ରିୟାକୁ ଯଥା ସମ୍ଭବ କମାଇ ପାରିଲେ ଜଳପ୍ରଦୂଷଣକୁ ଏଡାଇ ଦିଆଯାଇ ପାରିବ। ଏସିଡ୍ ଜଳରେ ଚୁନ ପକାଇଲେ ଚୁନର ଅମ୍ଳତ୍ୱ ହ୍ରାସ କରିଥାଏ।

(୨) ବାୟୁ ପ୍ରଦୂଷଣ

ବାୟୁ ପ୍ରଦୂଷଣ ବା ଦୂଷିତ ହେବା ଏକ ଅଭିନବ ଘଟଣା ନୁହେଁ। ଏହା ବହୁ ପ୍ରାଚୀନକାଳରୁ ହୋଇ ଆସୁଛି। ଅଧୁନା ବାୟୁ ପ୍ରଦୂଷଣ ସମଗ୍ର ଜୀବଜଗତ ପ୍ରତି ଏକ ବିପଦପ୍ରଦ ସମସ୍ୟା। ବାୟୁରେ ଥିବା ଗ୍ୟାସଗୁଡିକର ପରିମାଣ ବୃଦ୍ଧି ପାଉଛି। ବିଭିନ୍ନ ଜାଳେଣୀ ପ୍ରକ୍ରିୟାରେ ନିର୍ଗତ ହେଉଥିବା ସଲଫର ଡାଇଅକ୍ସାଇଡ୍ ଓ କାର୍ବନ ମନୋକ୍ସାଇଡ୍ ଦୁଇଟି ମାରାତ୍ମକ ବାଷ୍ପ ବାୟୁକୁ ଦୂଷିତ କରିଥାଏ। ଏଥିସହ ଅନ୍ୟାନ୍ୟ କାରଣ ଯୋଗୁଁ ବାୟୁ ଦୂଷିତ ହୋଇଥାଏ।

Digitized by srujanika@gmail.com

ଗ୍ରାମାଞ୍ଚଳରେ ବାୟୁ ପ୍ରଦୂଷଣ

ଗ୍ରାମାଞ୍ଚଳରେ ଅଳିଆ, ଆବର୍ଜନା ଏଣେତେଣେ ପଡି ପଚିବା ଦ୍ୱାରା, କାଠ, କୋଇଲା ଓ ଅନ୍ୟାନ୍ୟ ଜାଳେଣିରୁ ପ୍ରଚୁର ଧୂଆଁ ବାୟୁମଣ୍ଡଳକୁ ଯିବାଦ୍ୱାରା, ଚାଷଜମିରେ ଉଦ୍ଭିଦ କୀଟ ନାଶକ ଔଷଧ ବ୍ୟବହାର କରିବା ଦ୍ୱାରା ବାୟୁ ଦୂଷିତ ହୋଇଥାଏ। ଏହି ସବୁ କାରଣ ସହ ବିଦ୍ୟୁତ୍ ଉତ୍ପାଦନ କେନ୍ଦ୍ରରେ ବ୍ୟବହୃତ ନିଉକ୍ଲିଅର ଇନ୍ଧନ ଓ ବିଭିନ୍ନ ଗବେଷଣା କାର୍ଯ୍ୟରେ ବ୍ୟବହୃତ ପଦାର୍ଥ ବାୟୁମଣ୍ଡଳକୁ ଦୂଷିତ କରିଥାଏ। ତେଣୁ ଯେଉଁ ଅଞ୍ଚଳରେ ବାୟୁ ପ୍ରଦୂଷିତ ହେବାର ଜଣାପଡେ ସେ ଅଞ୍ଚଳର ବୃକ୍ଷଲତାକୁ ନିରୀକ୍ଷଣ କଲେ ପତ୍ରଗୁଡିକର ସବୁଜରଂଗରେ ଅଧିକ ପରିବର୍ତ୍ତନ ହୋଇଥାଏ। ତେଣୁ ଏହାର ଦୂରୀକରଣ ପାଇଁ ବିଭିନ୍ନ ପ୍ରତିକାର ବ୍ୟବସ୍ଥା ଗ୍ରହଣ କରିବା ଆବଶ୍ୟକ।

ପ୍ରତିକାର

ପରିବେଶକୁ ପ୍ରଦୂଷଣ କରିବାରେ ବାୟୁ ସଂପୂର୍ଣ୍ଣ ରୂପେ ଜଡିତ। ଏହି ବାୟୁ ପ୍ରଦୁଷଣକୁ ରୋକିବା ପାଇଁ ତାର ପ୍ରତିକାର ଅତ୍ୟାନ୍ତ ଅପରିହାର୍ଯ୍ୟ। କେତେଗୁଡିଏ ଯନ୍ତ୍ର ଆବିଷ୍କୃତ ହୋଇଛି ଯାହାକି ନିର୍ଗତ ହେଉଥିବା ବାଷ୍ପନଳୀ ମୁହଁରେ ଲଗାଇଦେଲେ ବିଷାକ୍ତ ବାଷ୍ପ ବାୟୁ ମଣ୍ଡଳକୁ ଯାଇ ପାରିବ ନାହିଁ। ଉଚ୍ଚ ଚିମିନୀ ବ୍ୟବହାର କରି କଳକାରଖାନାରୁ ନିର୍ଗତ କରୁଥିବା ଧୂଆଁ, କାର୍ବନ କଣିକା ଓ ବିଷାକ୍ତ ବାଷ୍ପକୁ ଅପେକ୍ଷାକୃତ ଅଧିକ ଉଚ୍ଚକୁ ଛାଡିଦେଇ ହେବ। ପରିତ୍ୟକ୍ତ ଆବର୍ଜନାକୁ ରାସାୟନିକ ପଦାର୍ଥ ମିଶାଯାଇ ଦୂଷିତ ପରିମାଣ କମାଯାଇପାରିବ। ସୌର ଶକ୍ତିର ବହୁଳ ବ୍ୟବହାର କରାଗଲେ ବାୟୁ ପ୍ରଦୂଷଣ ପ୍ରାୟ କମିଯିବ। ଚିଲିକାର ମଏଁଷା ଗ୍ରାମରେ ସୌର ଶକ୍ତିର ସୁବିଧା କରାଗଲାଣି।

ଅଧିକ ବୃକ୍ଷରୋପଣ ଏବଂ ନୂତନ ଜଙ୍ଗଲ ସୃଷ୍ଟି କରିପାରିଲେ ପ୍ରାକୃତିକ ଉପାୟରେ ବାୟୁ ପ୍ରଦୂଷଣ ଅନେକାଂଶରେ କମିଯାଇପାରିବ। ଶିଳ୍ପାଞ୍ଚଳର ଜନବସତିକୁ ଆଖି ଆଗରେ ରଖି ପ୍ରତ୍ୟେକ ଅଞ୍ଚଳରେ ବାୟୁ ପ୍ରଦୂଷଣ ପରିମାଣ ଏକକକୁ ପ୍ରଦୂଷଣ ନିରାକରଣ ସମିତି ନିର୍ଦ୍ଧାରଣ କରିଥାଏ।

ସ୍ଥଳଭାଗରେ ପ୍ରଦୂଷଣ

ପୃଥିବୀର ସ୍ଥଳଭାଗ ଜଳଭାଗଠାରୁ ଖୁବ୍ କମ୍। କିନ୍ତୁ ମଣିଷ ନିଜର ଘରବସାଇବାଠାରୁ ଆରମ୍ଭକରି ନିତିଦିନିଆ ଜୀବନର ଅଧିକାଂଶ ଚାହିଦା ଭରଣା କରିବା ପାଇଁ ସେ ଏହି ଭୂଭାଗ ଉପରେ ନିର୍ଭର କରେ। କିନ୍ତୁ ନିଜର ଫାଇଦା ଉଠାଇବା ପରେ ସେ ଏହାକୁ ଅପରିଷ୍କାର ଓ ଦୂଷିତ କରେ। ସ୍ଥଳଭାଗରେ ମିଶୁଥିବା ଅଳିଆ ସହଜରେ ଦୂରକୁ ଖେଳିଯାଏ ନାହିଁ। ତେଣୁ ଅଳ୍ପ ଦୂରରେ ଥିବା ମଣିଷ ମଧ ଏ ଦିଗରେ ବିଶେଷ ଦୃଷ୍ଟି ପାତ କରେ ନାହିଁ। କିନ୍ତୁ ଗୋଟିଏ ଜାଗାରେ ଏହି ମଇଳା ଗଦା ହେଉଥିବାରୁ ସ୍ଥାନୀୟ ପରିବେଶ ପାଇଁ ଅଧିକ ବିପଦ ସୃଷ୍ଟିକରେ ଓ ଏହା ଅନେକ ଦିନ ଧରି ଲାଗି ରହେ କାଳକ୍ରମେ ଏହା ପାଣି ଓ ପବନକୁ ମଧ ଦୂଷିତ କରେ। ଅଳିଆ ଆବର୍ଜନାଗୁଡିକ ମଧ୍ୟରୁ କେତେକ ଜୈବବିଘଟନ ଦ୍ୱାରା ମାଟିରେ ମିଶିଯାଏ ତ ଅନ୍ୟ କେତେ ବିଘଟିତ ନ ହୋଇ ସେହି ପରି ମାଟିରେ ପଡିରହେ। ଏହି ଦୃଷ୍ଟିରୁ ଆମେ ଏହି ଆବର୍ଜନାକୁ ୪ ଭାଗରେ ବିଭକ୍ତ କରିଛୁ ଯଥା- ବସତି ଆବର୍ଜନା, କୃଷିଜାତ ଆବର୍ଜନା, ପ୍ରାଣୀଜ ଆବର୍ଜନା ଓ ଶିଳ୍ପଜାତ ଆବର୍ଜନା।

Digitized by srujanika@gmail.com

(କ) ବସତି ଆବର୍ଜନା

ଘରେ ବ୍ୟବହୃତ ଜିନିଷର ଅଦରକାରୀ ଅଂଶ ବା ବ୍ୟବହୃତ ପଦାର୍ଥର ବଳକା ଅଂଶ ଆମେ ପିଙ୍ଗି ଦେଇଥାଉ ସେଥିମଧ୍ୟରୁ କେତେକ ମାଟିରେ ମିଶିଯାଏ ଯଥା- ପତ୍ରକୁଟା, କନା,କାଗଜ, ପରିବାଚୋପା ଇତ୍ୟାଦି । ଆଉ କେତେକ ପଦାର୍ଥ ଯଥା- ପ୍ଲାଷ୍ଟିକ, କାଚ, ଟିଣ, ଘରତିଆରି ବଳକା ଚୁନାଇଟା, ସିମେଣ୍ଟ ଇତ୍ୟାଦି ବିଘଟନ ନହୋଇ ସେହି ଭଳି ରହିଯାଏ ଯାହା ପରିବେଶ ପ୍ରଦୂଷଣ କରେ ।

(ଖ) କୃଷିଜାତ ଆବର୍ଜନା

ଗାଁ ଗହଳିରେ କୃଷି କାର୍ଯ୍ୟରୁ ଯେଉଁସବୁ ଅଳିଆ ଆବର୍ଜନା ବାହାରେ ସେ ସବୁ ପୁନର୍ବାର ଅନ୍ୟ କୌଣସି କାମରେ ଲଗାଯାଇ ପାରେ । ଯାହା ମାଟିରେ ପଡି ସଡି ଖତ ହୁଏ ଓ ମାଟିର ଉର୍ବରତାକୁ ବଢାଏ ।

(ଗ) ପ୍ରାଣୀଜ ଆବର୍ଜନା

ଗୃହପାଳିତ ପଶୁମାନଙ୍କର ବର୍ଜ୍ୟବସ୍ତୁ ଯଥା-ମଳ, ମୂତ୍ର, ମଲାଜୀବଜନ୍ତୁଙ୍କର ଦେହାବଶେଷ ମଣିଷର ମଳ, ଅଣ୍ଡା ଖୋଳପା, ଚମଡା ଶିଳ୍ପର ଗୁଣ୍ଡ ଓ ଟୁକୁଡା, ଚୁଙ୍ଗୁଡି ଓ କଙ୍କଡା ଶିଳ୍ପର ଖୋଳପା ଇତ୍ୟାଦି, ଜିନିଷଗୁଡିକ ମାଟିରେ ପଡିବାଦ୍ୱାରା ପରିବେଶ ଦୂଷିତ ହୋଇଥାଏ ।

ପ୍ରତିକାର- ଏହି ସବୁ ଆବର୍ଜନା ଏବେ ମଣିଷ ପାଇଁ ମୁଣ୍ଡବିନ୍ଧାର କାରଣ ହୋଇଛି । ଏହାଦ୍ୱାରା କେତେ ଶକ୍ତି ଓ ସମ୍ବଳ ନଷ୍ଟ ହୋଇ ଚାଲିଛି । ଏହି ଆବର୍ଜନା ପୁଣି ପରିବେଶକୁ ଦୂଷିତ ଓ ବିଷାକ୍ତ କରୁଛି ତେଣୁ ଏହାର ନିୟନ୍ତ୍ରଣ ଓ ବିନିଯୋଗ ଉଭୟ ଜରୁରୀ ହୋଇ ପଡିଛି ।

ଆବର୍ଜନାର ବିନିଯୋଗ

ଘାସ, ପତ୍ର ଓ ରୋଷେଇଘରର ଅଳିଆ ଆବର୍ଜନାକୁ ଏଣେ ତେଣେ ନପିଙ୍ଗି ସେସବୁକୁ ଏକ ଗାତ ଭିତରେ ସଢାଇଲେ ଏଥିରୁ କମ୍ପୋଷ୍ଟ ଖତ ମିଳେ । ଯେଉଁଥିରେ ଯବକ୍ଷାରଜାନ ଭାଗ କମ୍‌ଥାଏ ଓ ପଟାସ୍ ଓ ଫସ୍‌ଫରସ୍‌ର ପରିମାଣ ମଧ୍ୟ କମ୍‌ଥାଏ । କିନ୍ତୁ ଏହା ମାଟିକୁ ହାଲୁକା କରେ । ଏଥିରେ ଗୋବର ମିଶେଇଲେ ଏହାର ଉର୍ବରତା ଅଧିକ ବଢାଇଥାଏ । ସେହି ଭଳି ଗୋବରକୁ ଜାଳେଣୀ ରୂପେ ବ୍ୟବହାର କରିବା ପାଇଁ ଏଥିରେ ସହଜରେ ସଢି ପାରୁଥିବା ସେଲ୍ୟୁଲୋଜ ଭରା ଜିନିଷ ମିଶାଇ ଜୈବବାଷ୍ପ ତିଆରି କରାଯାଇପାରେ । ଏଥିରେ ଘରର ରନ୍ଧନ କାର୍ଯ୍ୟ ହୋଇପାରେ । କୃଷିଜ ଆବର୍ଜନତାକୁ କମ୍ପୋଷ୍ଟ ବା ଜୈବବାଷ୍ପ ଘରୋଇ ସ୍ତରରେ କରାଯାଇପାରେ । ଏହି ଭଳିଭାବେ ବିଭିନ୍ନ ଆବର୍ଜନାର ସଦୁପଯୋଗ କରିପାରିଲେ ପରିବେଶ ପ୍ରଦୂଷଣ ବିହିତ ପ୍ରତିକାର ହୋଇ ପାରିବ । ତେଣୁ ପରିବେଶ ପ୍ରଦୂଷଣର ପରିମାଣ କମାଇବା ପାଇଁ ଅଧିକ ବୃକ୍ଷରୋପଣ ଓ ନୂତନ ଜଙ୍ଗଲ ସୃଷ୍ଟିପାଇଁ ଜନସାଧାରଣ ସଚେତନ ହେବା ଉଚିତ୍ । ଜଙ୍ଗଲ ନହେଲେ ବି ବଗିଚା ସୃଷ୍ଟି କରିବାକୁ ହେବ । ଅନ୍ତତଃ ପକ୍ଷେ କିଛି ନା କିଛି ଗଛ ଲଗାଇ ପ୍ରତି ମଣିଷ ଖାଦ୍ୟ,ବସ୍ତ୍ର ଓ ବାସଗୃହ ପାଇଁ ପରିବେଶଠାରୁ ନେଉଥିବା ଋଣକୁ କିଛି ପରିମାଣରେ ଭରଣା କରିବାକୁ ହେବ ।

Digitized by srujanika@gmail.com

ଜୈବ ବିଭିନ୍ନତାର ଉତ୍କୃଷ୍ଟ କ୍ଷେତ୍ର ଚିଲିକା

ବାଇଧର ଜେନା, ପ୍ରଧାନଶିକ୍ଷକ

ସାତପଡା ପ୍ରାଥମିକ ବିଦ୍ୟାଳୟ, ସାତପଡା

ନୈସର୍ଗିକ ଶୋଭାର ଭଣ୍ଡାର ଅପାସୋରା ଚିଲିକା କେବଳ ଓଡିଶା କିମ୍ବା ଭାରତର ନୁହେଁ, ସମଗ୍ର ଏସିଆ ମହାଦେଶର ସର୍ବ ବୃହତ ଲବଣାକ୍ତ ହ୍ରଦ। ଏହାର ସମୃଦ୍ଧମୟ ପରିବେଶ, ପୌରାଣିକ ଓ ଐତିହାସିକ ପରିପୁଷ୍ଟତା ପ୍ରତି ମୁହୁର୍ତ୍ତରେ ପର୍ଯ୍ୟଟକମାନଙ୍କୁ ଆକୃଷ୍ଟ କରିଛି ଓ କରୁଛି ମଧ୍ୟ। ବର୍ତ୍ତମାନ ଚିଲିକାର ବୈଭବ ଅଛି ମାତ୍ର ସୌରଭ ନାହିଁ। ଭରପୁର ସମ୍ପଦ ଅଛି, ମାତ୍ର ସାଂପ୍ରଦାୟିକତା ପରିବେଶକୁ କଳୁଷିତ କରୁଛି। ଆଜି ସମସ୍ତେ ଚିଲିକାର ସର୍ବସ୍ୱ ଲୁଟି ନେବାରେ ବ୍ୟସ୍ତ, ଯେପରି ଜୀର୍ଣ୍ଣଶୀର୍ଣ୍ଣ ହାଡକଙ୍କାଳସାର ମାଆର ସ୍ତନ୍ୟରୁ ଅବୋଧ ଶିଶୁଟିଏ କ୍ଷୀର ଶୋଷିଲା ପରି ସମସ୍ତେ ତାର ସ୍ଥିତବସ୍ଥା ଓ ସୁସ୍ଥତାକୁ ନଜର ନଦେଇ ଚିଲିକା ଉପରେ ନିଜର ଅଧିକାର ସାବ୍ୟସ୍ତ କରି ଚାଲିଛନ୍ତି।

ଯେଉଁ ଦିନ ପ୍ରକୃତି ରାଣୀର କୋଳ ମଣ୍ଡନ କରି ଚିଲିକା ମାଆ ଜନ୍ମ ଲାଭ କରିଥିଲା, ସେଦିନ କିଏ ଜାଣିଥିଲା ଏ ଶିଶୁଦିନେ ତା'ର ସୌନ୍ଦର୍ଯ୍ୟ ଓ ସୁସ୍ଥ ପାରିବେଶିକ ଶ୍ରେଷ୍ଠତ୍ୱ ବଜାଇ ରଖିବ ସମଗ୍ର ପୃଥିବୀର ଲୋକ ତନ୍ତ୍ରୀରେ। ସମୟର ସ୍ରୋତରେ ଏହାର ପରିବର୍ତ୍ତନ ହୋଇଥିଲେ ମଧ୍ୟ ଏହା କାଞ୍ଚନ ପରି ସର୍ବଦା ଜାଜ୍ଜ୍ୱଲ୍ୟମାନ। ଚିଲିକା ମାଆ ଗଙ୍ଗା ଯମୁନାର ଅପୂର୍ବ ସମ୍ମିଶ୍ରଣ। ସାଧୁଜନମାନେ ମହାପୁରୁଷଙ୍କ ମହାନ ପଥର ଅନୁଗାମୀ ହୋଇ ଭଗବାନଙ୍କ ସାନ୍ନିଧ ଲାଭ କଲାପରି ଚିଲିକାର ପ୍ରଦର୍ଶିତ ମାର୍ଗରେ ଦୟା, ଭାର୍ଗବୀ, ଲୁଣା, ସାଳିଆ ପ୍ରଭୃତି ଛୋଟବଡ ନଦୀ ସମୂହ ସାଗର ସଂଗମର ସାନ୍ନିଧ ଲାଭ କରି ପରମାତ୍ମାଙ୍କ ସହିତ ଆତ୍ମାର ମିଳନର ଅପୂର୍ବ ଆନନ୍ଦ ଲାଭ କରିପାରିଛନ୍ତି। ଫଳରେ ଚିଲିକା ଜୈବ ପ୍ରକୃତି ବିଚିତ୍ର ରୂପ ଧାରଣ କରିଛି।

ନୀଳାମ୍ବୁ ଚିଲିକାର ୬୪.୩କି.ମି. ଦୈର୍ଘ୍ୟ ଓ ୨୧.୧କି.ମି. ପ୍ରସ୍ଥ ବିଶିଷ୍ଟ ଜଳଭାଗ ମଧ୍ୟରେ ୨୨୫ ପ୍ରକାର ମାଛ ୧୬୭ ପ୍ରକାର ଦେଶୀ ଓ ବିଦେଶୀ ପକ୍ଷୀ, ୮୦୦ ପ୍ରକାର ଜୀବମାନଙ୍କରେ ଲୀଳାଖେଳା ଓ ନାନା ଜାତିର ଉଦ୍ଭିଦମାନଙ୍କର ସମାବେଶ ଚିଲିକା ପରିବେଶକୁ ଜୀବନ୍ତ କରିଛି।



ଚିଲିକାର ସର୍ବବୃହତ ତଥା ପ୍ରକୃତିର ଅନ୍ୟତମ ଆଶ୍ଚର୍ଯ୍ୟ ସ୍ତନ୍ୟପାୟୀ ପ୍ରାଣୀ ଡଲଫିନ୍ ବା ଖେରା ପର୍ଯ୍ୟଟକମାନଙ୍କ ମନକୁ ରସାଣିତ କରେ। ନିଜର ଖେଳ କୌତୁକ ଦ୍ୱାରା ବର୍ତ୍ତମାନ ସେମାନଙ୍କର ସଂଖ୍ୟା ୬୦/୭୦ରୁ ବହୁତ କମି ଗଲାଣି। ବିଭିନ୍ନ ମାଛ ଶିକାର କରି ଖାଇବା, ମୁଣ୍ଡଟେକି ଓ ଲାଞ୍ଜ ପିଟି ଖେଳିବା ବାସ୍ତବରେ ଆନନ୍ଦ ଦାୟକ। ମଗରମୁଖ, ସାତପଡା, ବ୍ରହ୍ମପୁର, ବାହାର ନାଳୀ ଓ କାଳିଜାଇଗଣ୍ଡରେ ଡଲଫିନ୍‌ମାଛ ଦେଖାଯାଆନ୍ତି। ଡଲଫିନ୍ ହିଂସ୍ର ନୁହେଁ କିନ୍ତୁ ମତ୍ସ୍ୟଜୀବୀମାନଙ୍କର ବନ୍ଧୁ।

Digitized by srujanika@gmail.com

ମତ୍ସ୍ୟଜୀବୀମାନଙ୍କ 'କୁ' 'କୁ' ଶବ୍ଦରେ ଏମାନେ ମାଛମାନଙ୍କୁ ତଡି ଜାଲ ମଧ୍ୟରେ ପ୍ରବେଶ କରାଇବାରେ ସାହାଯ୍ୟ କରନ୍ତି। ଜାଲ ମଧ୍ୟରେ ଆବଦ୍ଧ ହୋଇ ଗଲେ ସେମାନେ କାନ୍ଦିବାର ଶବ୍ଦ କରନ୍ତି। କେହି କେହି ଏମାନଙ୍କୁ "ସାଧବ ବୋହୂ" ବୋଲି କହନ୍ତି। ସତେଯେପରି ଏମାନେ ଚିଲିକା ମୁହାଣ ପର୍ଯ୍ୟନ୍ତ ଯାଇ ବିଦେଶ ଯାଇଥିବା ସାଧବପୁଅମାନଙ୍କୁ ଅପେକ୍ଷା କରି କରି ଦୁଃଖରେ ଫେରୁଛନ୍ତି। ଏମାନଙ୍କ କଙ୍କାଳ ଠିକ୍ ମଣିଷର କଙ୍କାଳ ପରି।

ମଗର ମାଛ, ଯାହା ଚିଲିକାର ଅତି ହିଂସ୍ରଜୀବ। ବିଭିନ୍ନ ପ୍ରକାର ମାଛ, ଚିଙ୍ଗୁଡି ଏମାନଙ୍କର ପ୍ରଧାନଖାଦ୍ୟ। ଏମାନଙ୍କ ପାଟିରେ ଦୁଇଧାଡି ତୀକ୍ଷ୍ଣଦାନ୍ତ ଅଛି, ଯାହାଦ୍ୱାରା ଜଳ ମଧ୍ୟରେ ଯେ କୌଣସି ପ୍ରାଣୀର ମାଂସ ଖାଇଯାଆନ୍ତି। ଚିଲିକା, ବାହାରନାଳୀ ଓ ମୁହାଣ ନିକଟରେ ବହୁସଂଖ୍ୟାରେ ଦେଖାଯାଆନ୍ତି। "ମଗର" ଜଳ ଉପରକୁ ଲମ୍ଫ ପ୍ରଦାନ କଲେ ଜୋର୍‌ରେ ପବନ ହୁଏ ବୋଲି କହନ୍ତି ଓ ହେଉଛି ମଧ୍ୟ। ଚିଲିକାର ମୂଲ୍ୟବାନ ମତ୍ସ୍ୟସଂପଦମାନଙ୍କ ମଧ୍ୟରେ ଅମେରୁଦଣ୍ଡୀ ପ୍ରାଣୀ ଚିଙ୍ଗୁଡି ମୁଖ୍ୟ ସ୍ଥାନ ଅଧିକାର କରିଛି। ଆନ୍ତର୍ଜାତିକ ବଜାରରେ ଏହାର ଚାହିଦା ପ୍ରବଳ ଭାବେ ବୃଦ୍ଧି ପାଇବା ଯୋଗୁଁ ଆମ ଓଡିଶାର ଅର୍ଥନୈତିକ ମେରୁଦଣ୍ଡ ସୁଦୃଢ ହୋଇ ପାରିଛି।

ପାନୁ, ମରଡା, କଣ୍ଡାଳ, ବାଗଦା ପ୍ରଭୃତି ବିଭିନ୍ନ ଜାତିର ଚିଙ୍ଗୁଡିମାନଙ୍କର ଉତ୍କୃଷ୍ଟ ବାସସ୍ଥାନ ଚିଲିକା। ଚିଲିକାର ସୃଷ୍ଟି ହେଉଥିବା ପ୍ଲାଙ୍କଟନ୍ ଓ ମୃତ ଜୀବଜନ୍ତୁ ଏମାନଙ୍କର ପ୍ରଧାନ୍ୟ ଖାଦ୍ୟ। ଚିଲିକାରେ ସୃଷ୍ଟି ହେଉଥିବା ଚାରିଦଳ, ପତୁରିଦଳ, ଗିରିଙ୍ଗା ପ୍ରଭୃତି ଦଳରେ ଏହି ପ୍ଲାଙ୍କଟନ ଲାଗି ରହନ୍ତି। ଚିଙ୍ଗୁଡିମାନେ ଏହି ପ୍ଲାଙ୍କଟନକୁ ଖାଦ୍ୟ ରୂପେ ଗ୍ରହଣ କରି ସେହି ସ୍ଥାନମାନଙ୍କରେ ବିଶ୍ରାମ ନିଅନ୍ତି। ସାଧାରଣତଃ ଚାରିଫୁଟ କିମ୍ବା ତା'ଠାରୁ କମ୍ ଜଳର ଉପକୂଳ ସ୍ଥାନ ଏମାନଙ୍କର ବିଶ୍ରାମ ସ୍ଥଳ ଏବଂ ଗଭୀରଜଳ ଓ ବାହାରନାଳୀ ଅଞ୍ଚଳରେ ଏମାନେ ବିଚରଣ କରନ୍ତି। ଚିଲିକା ଲୁଣି ଓ ମଧୁରଜଳର ସମ୍ମିଶ୍ରଣ ହୋଇଥିବାରୁ ଚିଲିକାର ତାପମାତ୍ରା ଠିକ୍ ରହେ ଓ ଲୁଣି ଯୋଗୁଁ ଜଳର ସ୍ୱଚ୍ଛତା ମଧ୍ୟ ରହେ।

ସ୍ୱଚ୍ଛନ୍ଦ ବିହାର ଏମାନଙ୍କର ବଢିବା ଓ ପ୍ରଜନନ ପାଇଁ ସାହାଯ୍ୟ କରେ। ପ୍ରତ୍ୟେକ ପ୍ରକାର ମାଛ ଓ ଚିଙ୍ଗୁଡିମାନଙ୍କର ଡିମ୍ବ ଛାଡିବା ସମୟ ଆସିଲେ ଚିଲିକା ଓ ସମୁଦ୍ରର ସଂଗମ ସ୍ଥଳ ଚିଲିକା ମୁହାଣକୁ ଯାଆନ୍ତି ଏବଂ ସେଠାରେ ଡିମ୍ବ ଛାଡନ୍ତି। ସମୁଦ୍ର ଜୁଆରର ପ୍ରଭାବରେ ଅଣ୍ଡା ଫୁଟି ଛୁଆହୁଏ। ଛୁଆଗୁଡିକ ମଧ୍ୟରୁ କେତେକ ସମୁଦ୍ରମୁଖୀ ହୁଅନ୍ତି ଓ କେତେକ ଚିଲିକା ମଧ୍ୟକୁ ପ୍ରତ୍ୟାବର୍ତ୍ତନ କରନ୍ତି। ପୂର୍ଣ୍ଣମୀ ଓ ଅମାବାସ୍ୟା ସମୟରେ ସମୁଦ୍ରରେ ଅଧିକ ଜୁଆର ଆସିବା ଫଳରେ ମାଛ ଓ ଚିଙ୍ଗୁଡିମାନେ ଚିଲିକାରୁ ବାହାରନାଳୀଦେଇ ମୁହାଣ ପର୍ଯ୍ୟନ୍ତ ଅବାଧ ଯାତାୟତ କରନ୍ତି। ଫଳରେ ଏ ସମୟରେ ଅଧିକ ମାଛ ଚିଙ୍ଗୁଡି ହୁଏ। କିନ୍ତୁ ମାସର ୫ମୀଠାରୁ ନବମୀ ଦଶମୀ ପର୍ଯ୍ୟନ୍ତ ପ୍ରାୟ ବିଶ୍ରାମ ନିଅନ୍ତି। ଶୀତର ଶୀତଳ ଜଳବାୟୁ ଚିଙ୍ଗୁଡିମାନଙ୍କୁ ପ୍ରଜନନରେ ସାହାଯ୍ୟ କରେ ନାହିଁ। ବସନ୍ତର ପ୍ରାରମ୍ଭରେ ପ୍ରାୟ ମାଘ ଫାଲ୍‌ଗୁନ୍‌ର ସାମାନ୍ୟ ଉଷ୍ମ ଜଳବାୟୁରେ ଏମାନଙ୍କର ଅଣ୍ଡାଫୁଟି ପାନୁ ଚିଙ୍ଗୁଡିଟି ବୈଶାଖ ମାସ ବେଳକୁ ବଡ କଣ୍ଡାଳରେ ପରିଣତ ହୁଏ।

ସାଆଳ, ଭେକ୍‌ଟା, କାଉଁଦା, ସୁଙ୍ଗା ପ୍ରଭୃତି ମୀନମାନଙ୍କର ପ୍ରିୟ ଖାଦ୍ର ଚିଙ୍ଗୁଡି ହ୍ରାସ ଫଳରେ ଏମାନଙ୍କର ବଂଶ ରକ୍ଷା ଦିଗରେ ବିରାଟ ପ୍ରଶ୍ନବାଚୀ ସୃଷ୍ଟି କରିଛି। ଉଦ୍ଭିଦ ଓ ପ୍ରାଣୀ ସର୍ବକାଳରେ ପରସ୍ପର ନିର୍ଭରଶୀଳ। ଚିଲିକାର ସବୁଠାରୁ ସ୍ୱାଦିଷ୍ଟମାଛ ଖଇଙ୍ଗା, ଡାଙ୍ଗଳା, କବଳା ଓ ଏହି ଜାତୀୟ ମାଛମାନଙ୍କର ପ୍ରିୟ ଖାଦ୍ୟ ଶିଉଳୀ, ନାଳୀ ଜାତୀୟ ଦଳ ଓ ଗିରିଙ୍ଗା ଜାତୀୟ ଉଭିଦରେ ଲାଗିଥିବା ସିଉଳି। ଏମାନେ ବୋଧେ ମାଂସାସୀ ନୁହଁନ୍ତି। ବର୍ଷାଋତୁ ଶେଷ ଓ

Digitized by srujanika@gmail.com

ଶରତ ପ୍ରାରମ୍ଭରେ ଚିଲିକାରୁ ବାହାର ନାଳୀ ଦେଇ ସମୁଦ୍ର ମୁହାଣକୁ ମଞ୍ଜି ଛାଡିବା ପାଇଁ ଯାଆନ୍ତି। ବହୁତ ସତର୍କତାର ସହିତ ବିଭିନ୍ନ ନିରାପଦ ସ୍ଥାନରେ ରାତ୍ରୀଯାପନ କରି ସଂଗମ ସ୍ଥଳକୁ ଯାତ୍ରା କରନ୍ତି। ଗର୍ଭରେ ଧାରଣ କରିଥିବା ଛୁଆର ସୁରକ୍ଷା ଏମାନଙ୍କର ଲକ୍ଷ୍ୟ। ବ୍ରହ୍ମପୁରସ୍ଥ "ମରେଇଜାଣ" ଏମାନଙ୍କର ଅତି ସୁରକ୍ଷିତ ସ୍ଥାନ। ରାତ୍ରୀର ଅନ୍ଧକାର ଓ କଠୋର ପାଗ ଏମାନଙ୍କୁ ଦଳବଦ୍ଧଭାବେ ରହିବା ପାଇଁ ବାଧକରେ। ପ୍ରଭାତ ପୂର୍ବରୁ ଏମାନେ ସ୍ଥାନ ପରିତ୍ୟାଗ କରନ୍ତି।

ସେବାମାଛ, କଣ୍ଟି, କାଡିଶା ବା କାଟିଂଶା, ନାହାମ, ଇଲିଶି, ସରଗରା ଓ ଚିଲିକାରେ ବସବାସ କରୁଥିବା ସାମୁଦ୍ରିକ କଚ୍ଛପଙ୍କର ବଂଶ ଲୁପ୍ତ ପ୍ରାୟ। ବ୍ରହ୍ମପୁରସ୍ଥ କଇଁଚ ଗହୀରରେ ବାସ କରୁଥିବା କଚ୍ଛପ ପରିବେଶର ଅସନ୍ତୁଳିତ ଅବସ୍ଥା ସେମାନଙ୍କୁ ଅନ୍ୟତ୍ର ସ୍ଥାନାନ୍ତର କରିବା ପାଇଁ ବାଧ କରିଛି।

କବିବର ରାଧାନାଥ ଚିଲିକା କାବ୍ୟରେ ଲେଖିଛନ୍ତି-

"କୋଟି କୋଟି ଜୀବେ ଦେଇତୁ ଆହାର
ନସରଇ ତୋର ଅକ୍ଷୟ ଭଣ୍ଡାର।"

ଆଜି ସେହି ଚିଲିକା ଜୀବଜଗତ କ୍ଷୟହେତୁ ଅନ୍ତଃସାର ଶୂନ୍ୟ ହୋଇ ପଡିଛି। ଚିଙ୍ଗୁଡି ଚାଷପାଇଁ ଉପକୂଳ ଅବରୋଧ ସହିତ ବାହାର ନାଳୀର ସଂକୋଚନ ଓ ପୋତି, ମୁହାଣ ଘୁଞ୍ଚିବା ଫଳରେ ଲବଣାଂଶ ହ୍ରାସ, ଯାଆଁଳ ଧରିବା ଫଳରେ ଚିଙ୍ଗୁଡି ଯାଆଁଳ ସହିତ ଅନ୍ୟ ଯାଆଁଳ ନଷ୍ଟ ଫଳରେ ଚିଲିକାରୁ ମତ୍ସ୍ୟସଂପଦର ଦ୍ରୁତ ହ୍ରାସ ହେଉଛି।

ଗ୍ରୀଷ୍ମଋତୁରେ ଚିଲିକା ଉପକୂଳର କିଛି ଅଂଶ ଶୁଖିଯିବା ଫଳରେ ଗୋ ମହିଷାଦି ଜୀବ ଦଳ ଓ ଘାସ ଖାଆନ୍ତି ଓ ମଳତ୍ୟାଗ ମଧ କରନ୍ତି। ଚିଲିକାରୁ ଦଳଖାଇ ମହିଷମାନେ ପ୍ରଚୁର କ୍ଷୀର ଦିଅନ୍ତି। ଏମାନଙ୍କ ମଳ ଓ ବର୍ଷା ଋତୁରେ ଗାଆଁ ଗହଳିର ମଇଳା ପାଣି ଚିଲିକାରେ ପଡି ଉପକୂଳ ମାଟି ଉତ୍କୃଷ୍ଟ କରେ। ବର୍ଷାଋତୁରେ ଉତ୍ତର ପଶ୍ଚିମଦିଗରୁ ବହିଆସିଥିବା ନଦୀ ଚିଲିକାରେ ପଡିବା ଫଳରେ ତହିଁରେ ପଟୁପଡି ଯଥେଷ୍ଟ ପ୍ଲାଙ୍କଟନ ସୃଷ୍ଟି କରେ। ଜଙ୍ଗଲ କ୍ଷୟଯୋଗୁଁ ଅଧିକ ପଟୁ ଚିଲିକାରେ ପଡି ଚିଲିକା ପୋତି ହେବା ସାଙ୍ଗକୁ ଅଧିକ ଦଳ ସୃଷ୍ଟି କରେ।

ମୁହାଣ ସ୍ଥାନାନ୍ତର ଓ ବାହାର ନାଳୀ ଅବରୋଧ ଓ ସଂକୋଚନ ଫଳରେ ପଟୁ, ଦଳ ଓ ଅନ୍ୟାନ୍ୟ ଆବର୍ଜନା ସମୁଦ୍ର ମଧକୁ ସ୍ଥାନାନ୍ତରୀତ ହୋଇ ନପାରି, ଅଧିକ ପରିମାଣରେ ଜମା ହୋଇ ପଡିବା ଫଳରେ ପାଣି ଦୂଷିତ ହୋଇ ପରିବେଶ ନଷ୍ଟ କରୁଛି। ଅଧିକ ଦଳ ସୃଷ୍ଟିଦ୍ୱାରା ମାଛମାନଙ୍କର ରହିବା ସ୍ଥାନର ସମସ୍ୟା ସୃଷ୍ଟି ହେଉଛି।

ଚିଲିକାରେ ମାଛଧରି ଯେଉଁମାନେ ଜୀବିକା ନିର୍ବାହ କରୁଥିଲେ, ସେମାନେ ମାଛଧରା ସମୟକୁ ସିମୀତ ରଖିଥିଲେ। ଚିଲିକାର ଏକ ନିର୍ଦ୍ଦିଷ୍ଟ ସ୍ଥାନ ଓ ସମୟରେ ମାଛ ଓ ଅନ୍ୟ ସ୍ଥାନରେ ଚିଙ୍ଗୁଡି ଧରୁଥିଲେ। ଅନ୍ୟ ସମୟ ମାଛ ବା ଚିଙ୍ଗୁଡିମାନଙ୍କ ପାଇଁ ମୁକ୍ତାଞ୍ଚଳ ଥିଲା। ପ୍ରାୟ ଦିନ ସମୟରେ ଓ ବର୍ଷର ଏକାଦଶୀ ତିଥିମାନଙ୍କରେ ମାଛଧରା ସଂପୂର୍ଣ୍ଣ ନିଷେଧ ଥିଲା। ଫଳରେ ମାଛମାନେ ନିଜକୁ ନିରାପଦ ମଣି ଗୋଟିଏ ସ୍ଥାନରେ ବାସ କରୁଥିଲେ ଓ ନିର୍ଭୟରେ ବିଚରଣ ମଧ କରିପାରୁଥିଲେ।

Digitized by srujanika@gmail.com

ବର୍ତ୍ତମାନ ଜନସଂଖ୍ୟା ବୃଦ୍ଧି ଓ ପାରମ୍ପରିକ ମାଛଧରା ଉପକରଣ ପରିବର୍ତ୍ତେ ସରୁଜାଲର ପ୍ରଚଳନ ଫଳରେ ମତ୍ସ୍ୟସଂପଦ ଦ୍ରୁତ ହ୍ରାସ ହେବାରେ ଲାଗିଛି । ଚିଲିକା ଉପକୂଳରେ ସମୁଦ୍ର ବେଳା ଭୂମିରେ ବିସ୍ତୀର୍ଣ୍ଣ ଝାଉଁ ଜଙ୍ଗଲ ଦର୍ଶକ ପ୍ରାଣରେ ଯେତିକି ଆନନ୍ଦ ସଂଚାର କରେ, ଝଡ ତୋଫାନ ସମୟରେ ଅଭେଦ୍ୟ ଦୁର୍ଗ ଭଳି ଠିଆ ହୋଇ ଚିଲିକାକୂଳବାସୀଙ୍କୁ ରକ୍ଷା କରେ । ଏହା ମଧ୍ୟରେ ଆନନ୍ଦରେ ଖେଳ କୁଦରେ ମାତିଥିବା ବାଲିହରିଣ କାଁ ଭାଁ ଦେଖାଯାଉଥିଲେ ମଧ୍ୟ ଏମାନଙ୍କ ବଂଶ ନିଶ୍ଚିହ୍ନ କହିଲେ ଚଳେ ।

ନୀଳାମ୍ବୁ ଚିଲିକାର ସବୁଠାରୁ ବଡ ଆକର୍ଷଣ ଦୃଶ୍ୟ ହେଲା ଦେଶୀ ଓ ବିଦେଶାଗତ ପକ୍ଷୀ ସମୂହ । ଦିନେ ଚିଲିକା ହସି ଉଠୁଥିଲା, ସେମାନଙ୍କ ରଂଗବେରଙ୍ଗ ରୂପ ସମ୍ଭାରକୁ ନେଇ । ତାର ବକ୍ଷ ପକ୍ଷୀମାନଙ୍କ କଳରବର ମଧୁର ମୂର୍ଚ୍ଛନାରେ ଫାଟି ପଡୁଥିଲା । ନଳବଣ, ବରୁଣ, ବାହାରସେର, ସିପିନାଶି, ଜାଗିରିକୁଦା, ମାଟି, ରାମଭରତିଆ, ଘୋଡାମରା ଏମାନଙ୍କ ନିର୍ଦ୍ଦିଷ୍ଟ ଚରା ଭୂଇଁଥିଲା । ପ୍ରଚୁର ଖାଦ୍ୟ, ନିର୍ଭୟ ବିଚରଣ, ଚିଲିକାର ଉଷ୍ମ ଜଳବାୟୁ ସୁଦୂର ହିମାଳୟ ସାଇବେରିଆ, କାସ୍ପିୟାନ ସାଗର ପ୍ରଭୃତି ଶୀତଳ ସ୍ଥାନ ଛାଡିବା ପାଇଁ ଆକୃଷ୍ଟ କରିଥିଲା ।

ବର୍ତ୍ତମାନ ନଳବଣର ନଳ, ସିପାଳ ହ୍ରାସ, ଲୋକମାନଙ୍କ ଦ୍ୱାରା ସେମାନଙ୍କର ବିଚରଣ ସ୍ଥଳ ଅବରୋଧ ଖାଦ୍ୟ ସମସ୍ୟା, ନିର୍ଭୟ ବିଚରଣ, ଫାସ ଓ ବନ୍ଧୁକର ଭୟ ସେମାନଙ୍କ ସଂଖ୍ୟା ହ୍ରାସ କରିଛି । ବର୍ତ୍ତମାନ ଗଡଗଡିଆ ବା କାଳିଗଉଡୁଣୀ ପକ୍ଷୀ ଦେଖା ଯାଉ ନାହାଁନ୍ତି । ଚିଲିକା ଉନ୍ନୟନ କର୍ତ୍ତୃପକ୍ଷଙ୍କ ଦ୍ୱାରା ମୁହାଣ ଓ ବାହାର ନାଳୀ ଖନନ, ଓଡିଶା ସରକାରଙ୍କ ଦ୍ୱାରା ପକ୍ଷୀ ଅଭୟାରଣ୍ୟ ଘୋଷଣା, ପଲ୍ଲିଶ୍ରୀ ଅନୁଷ୍ଠାନ ଦ୍ୱାରା ଲୋକ ସଚେତନତା ଅଭିଯାନ ଆରମ୍ଭ, ସରୁଜାଲ ପ୍ରଚଳନ ବନ୍ଦ, ଚିଙ୍ଗୁଡି ଘେରିକୁ ବେଆଇନ ଘୋଷଣା ଫଳରେ ଚିଲିକାରେ ମତ୍ସ୍ୟସଂପଦ ବୃଦ୍ଧି ସାଙ୍ଗକୁ ପକ୍ଷୀ ସମାଗମ ବୃଦ୍ଧି ପାଉଛି । ଫଳରେ ଚିଲିକା ତାର ହୃତ ଗୌରବ ଫେରି ପାଇବାକୁ ଯାଉଛି ।

ପୌରାଣିକ, ଐତିହାସିକ ଓ ଅର୍ଥନୈତିକ କିମ୍ବଦନ୍ତୀରେ ଭରା ଚିଲିକାର ଇତିହାସ ଭବିଷ୍ୟତ ବଂଶଧରଙ୍କ ପାଇଁ କିମ୍ବଦନ୍ତୀ ନହୋଇ ବାସ୍ତବ ହୋଇ ରହିବ ।

Digitized by srujanika@gmail.com

ଚିଲିକା ସଂପଦର ସୁରକ୍ଷା ଓ ସଦୁପଯୋଗ

ପୂର୍ଣ୍ଣ ଚନ୍ଦ୍ର ମିଶ୍ର, ଶିକ୍ଷକ

ଚିଲିକା ମ.ଇ. ସ୍କୁଲ, ନୂଆପଡା

ପ୍ରକୃତିର ସୃଷ୍ଟିକୁ ସ୍ରଷ୍ଟା ବିଚିତ୍ର ଭାବରେ ସୃଷ୍ଟି କରିଛନ୍ତି ଏବଂ ତାହାକୁ ଜୀବନ୍ତ ରଖିବା ହେଉଛି ସବୁଠାରୁ ବୁଦ୍ଧିମାନ ପ୍ରାଣୀ ମାନବର ଏକ ମାତ୍ର କର୍ତ୍ତବ୍ୟ। ବିଶ୍ୱର କଲ୍ୟାଣ ନିମନ୍ତେ ଏହି ପ୍ରାକୃତିକ ସଂପଦକୁ ସୁରକ୍ଷା ଓ ସଦୁପଯୋଗ କରିପାରିବା ହେଉଛି ସମାଜର ମୂଖ୍ୟ କାର୍ଯ୍ୟ।

ଚିଲିକାର ପ୍ରାକୃତିକ ସଂପଦ

ଆମ ଦେଶ ଭାରତବର୍ଷର ଏକ ଅଦ୍ୱିତୀୟ ପ୍ରାକୃତିକ ଲବଣାକ୍ତ ହ୍ରଦ ରୂପେ ଚିଲିକା ହେଉଛି ଅନ୍ୟତମ। ଏହା ପୂର୍ବ ଉପକୂଳରେ ମହାନଦୀର ତ୍ରିକୋଣଭୂମି ନିକଟସ୍ଥ ବଙ୍ଗୋପସାଗର କୂଳରେ ଅବସ୍ଥିତ। ଗବେଷଣାରୁ ଜଣାଯାଏ ୫୦୦୦ ବର୍ଷ ପୂର୍ବେ ବଙ୍ଗୋପସାଗରରେ ସୃଷ୍ଟି ହୋଇଥିବା ଜୁଆର ଭଟ୍ଟା ଦ୍ୱାରା ଏହାର ସୃଷ୍ଟି ହୋଇଛି।

ପ୍ରାକୃତିକ ସଂପଦର ଗନ୍ତାଘର ଚିଲିକା ପ୍ରାଣୀଜଗତ ପାଇଁ ଗୋଟିଏ ଉତ୍କୃଷ୍ଟ ସ୍ଥାନ ବୋଲି ଚିହ୍ନଟ କରାଯାଇଛି। ଚିଲିକାର ପ୍ରାକୃତିକ ସଂପଦ କହିଲେ ମତ୍ସ୍ୟସଂପଦ, ଉଦ୍ଭିଦସଂପଦ, ଜଳ, ମୃତ୍ତିକା, ବାୟୁ, ମାନବ, ପଶୁ, ପକ୍ଷୀ ଏପରିକି ଚିଲିକା ମଧ୍ୟରେ ଥିବା ଭୂ-ଖଣ୍ଡ ଇତ୍ୟାଦିକୁ ବୁଝାଏ। ମନୁଷ୍ୟ ଏକ ବୁଦ୍ଧିମାନ ପ୍ରାଣୀ ହିସାବରେ ନିଜର ବୁଦ୍ଧି, ବଳ, କୌଶଳ ଏବଂ ଜ୍ଞାନ ଖଟାଇ ବିଜ୍ଞାନ ବଳରେ ଆଶାତୀତ ଭାବେ ଉନ୍ନତି କରି ଚନ୍ଦ୍ର ପୃଷ୍ଠରେ ରହିବା ପାଇଁ ଉଦ୍‌ଯୋଗ କରିବା ସମୟରେ ମନରେ ଅଜ୍ଞାନ, ହିଂସା, ଦ୍ୱେଷ ଜାଗ୍ରତ କରି ସମାଜରେ ଅଶେଷ କ୍ଷତି ଘଟାଇଥାଏ, ଯାହା ଦ୍ୱାରା ମାନବ ଶାନ୍ତିରେ ରହିବା କଷ୍ଟ ସାଧ ହୁଏ। ପ୍ରାଚୀନ କଳିଙ୍ଗର ସଂସ୍କୃତି, ନୌବାଣିଜ୍ୟ, ଜଗନ୍ନାଥଧର୍ମ ପାଇକ ବିଦ୍ରୋହର ବହୁ ସ୍ମୃତି ଚିଲିକା ହ୍ରଦ ଓ ତା'ର ପାରିପାର୍ଶ୍ୱିକ ପରିବେଶର ସ୍ୱାକ୍ଷର ବହନ କରିଛି। ଚିଲିକା ମଧ୍ୟସ୍ଥ "କାଳିଜାଈ ପାହାଡ" ପର୍ଯ୍ୟଟକମାନଙ୍କୁ ଆକୃଷ୍ଟ କରିଥାଏ। ଦେବୀ କାଳିଜାଈ ହେଉଛନ୍ତି ମତ୍ସ୍ୟଜୀବୀମାନଙ୍କର ବିପଦ ଆପଦର ସାହା ଓ ଭରସା। ସୋଲେରୀ, ଭାଲେରୀ, ଘଣ୍ଟଶିଳା, ଜଟିଆନାସୀ, ମାମୁଁଭଣଜା, ଦ୍ୱୀପମୁଣ୍ଡିଆ, କାଠକଣ ଶିଖରୀ ପାହାଡ, ଚଢେଇହଗା, ବ୍ରେକଫାଷ୍ଟ ଓ ବେକନ୍ ଆଇଲ୍ୟାଣ୍ଡ, ହନିମୁନ୍ ଆଇଲ୍ୟାଣ୍ଡ ଆଦି ଚିଲିକାର ସୌନ୍ଦର୍ଯ୍ୟକୁ ବୃଦ୍ଧି କରୁଛନ୍ତି। ଚିଲିକା ହେଉଛି ଏସିଆର ସର୍ବ ବୃହତ୍ତମ ଏବଂ ପୃଥିବୀର ଦ୍ୱିତୀୟ ବୃହତ୍ତମ ଲୁଣାଜଳ ହ୍ରଦ।

ମତ୍ସ୍ୟ ସଂପଦ

ଚିଲିକା ହେଉଛି ପର୍ଯ୍ୟାବରଣର ଗୋଟିଏ ଉର୍ବରଶୀଳ ଉତ୍ପାଦନ କ୍ଷେତ୍ର ଓ ମାଛ ଉତ୍ପାଦନର ଉନ୍ନତ କ୍ଷେତ୍ର। ଏଠାରେ ୨୨୫ ପ୍ରକାରର ମାଛ ଓ ୮୦୦ ପ୍ରକାରର ଜୀବ ଦେଖାଯାଆନ୍ତି। ମତ୍ସ୍ୟ ମଧ୍ୟରେ ପାତୁଆ, ଦଣ୍ଡକିରି, କୁଣ୍ଡଳ, ସୁଙ୍ଗା, ବଳଙ୍ଗ, କବଳା, ଟାଳିଗିରି, କାଠପାରେଇ ଚୋପି, ଖଇଙ୍ଗା, ଗାହାଣ, ପଥରମୁଣ୍ଡି, ଭରାଣ୍ଡୁଆ, ସହ ବିଭିନ୍ନ ଜାତିର ଚିଙ୍ଗୁଡିଯଥା-ଶ୍ରୀଧର, ପାନ୍ନୁ, କଣ୍ଡାଳ, କଥେଳିମରଡା, ବାଗଦା, ଗାଣ୍ଡିଆ, ବିଭିନ୍ନ ପ୍ରକାର କଙ୍କଡା

Digitized by srujanika@gmail.com

ଯଥା- ରାଣୀ କଙ୍କଡା, ଗୁଣ୍ଡିଚି, ଚଷା ପାଣ୍ଡରା, ମାଣ୍ଡିଆ, ରେଢା, ପଥୁରି କଙ୍କଡା ଇତ୍ୟାଦି ଏବଂ ଏହା ସହ ବିଭିନ୍ନ ପ୍ରକାର କଇଁଛ ଯଥା- ବାଲିକଇଁଛ, ସମୁଦ୍ର କଇଁଚ। ମତ୍ସ୍ୟ ସମ୍ପଦ ମଧରେ ଡଲଫିନ୍ ଅନ୍ୟ ଏକ ଆକର୍ଷଣୀୟ ବିରଳ ସ୍ତନ୍ୟପାୟୀ ପ୍ରାଣୀ। ତିନ୍ ଏବଂ ସାଲନ୍ତିଙ୍କ ଗବେଷଣା ଅନୁଯାୟୀ ୧୯୯୧ ମସିହାରେ ୬୦ ରୁ ୭୦ ଯାଏଁ ଡଲଫିନ୍ ଚିଲିକାରେ ରହୁଥିଲେ। ମାତ୍ର ବର୍ତ୍ତମାନ ସେମାନଙ୍କ ସଂଖ୍ୟା ହ୍ରାସ ପାଇଯାଇଛି। ପୂର୍ବେ ଡୁଗଙ୍ଗ ଜାତିର ଜଳଜୀବ ଚିଲିକାର ଗଭୀର ଅଞ୍ଚଳରେ ଥିବା କଥା ଲିପିବଦ୍ଧ କରାଯାଇଥିବା ବେଳେ ୧୯୯୨ ମସିହାରେ ଏହା ବିପଦ ସଂକୁଳ ଅବସ୍ଥାରେ ଥିଲା ବୋଲି ଆଇ.ୟୁ.ସି.ଏନ୍‌ର ନାଲି ତାଲିକାଭୁକ୍ତ କରାଯାଇଛି। ବର୍ତ୍ତମାନ ଏହା ପ୍ରାୟ ସଂପୂର୍ଣ୍ଣ ବିଲୁପ୍ତ। ଶାଙ୍କୁଚ ଭଳି ବିରଳ ପ୍ରାଣୀଗୁଡିକ ମଧ ଏହି ହ୍ରଦରେ ଦେଖାଯାଆନ୍ତି। ଏହି ମତ୍ସ୍ୟ ସଂପଦ ଉପରେ ନିର୍ଭରକରି ଦେଢ଼ ଲକ୍ଷରୁ ଅଧିକ ମତ୍ସ୍ୟଜୀବୀ ପ୍ରତ୍ୟକ୍ଷ ବା ପରୋକ୍ଷ ଭାବରେ ଚିଲିକାକୁ ନିଜର କର୍ମକ୍ଷେତ୍ର ରୂପେ ବାଛି ନେଇଛନ୍ତି। ଅସାଧାରଣ ପ୍ରାଣୀଜଗତ ଧାରଣ କ୍ଷମତା ଏବଂ ସାମାଜିକ ଓ ଅର୍ଥନୈତିକ ଗୁରୁତ୍ୱ ଦୃଷ୍ଟିରୁ ଭାରତ ସରକାର ଏହି ହ୍ରଦକୁ ୧୯୮୧ ମସିହାଠାରୁ ରାମସର ସାଇଟ୍ ବୋଲି ଘୋଷଣା କରିଛନ୍ତି। ଏତଦ୍ ବ୍ୟତୀତ ଏହାର ଲୁଣାଜଳରେ ଭୌଗଳିକ ତଥା ଅଗଭୀର ସ୍ଥାନରେ ଖାଦ୍ୟସାର ମିଶ୍ରିତ ଉଷୁମ ବା ଗରମ ଜଳରେ ପ୍ରଭାବ ଯୋଗୁଁ ଜଳଚର ପ୍ରାଣୀମାନଙ୍କ ନିମନ୍ତେ ଏହା ହେଉଛି ଅଦ୍ୱିତୀୟ ପ୍ରଜନନ କ୍ଷେତ୍ର।

ପକ୍ଷୀ ସଂପଦ



ଆମ ଦେଶକୁ ଶୀତଦିନରେ ବିଦେଶରୁ ଯଥା-ସାଇବେରିଆ, କାସ୍ପିୟାନସାଗର, ବୈକାଲହ୍ରଦ, ଆରବସାଗର, ଋଷିଆ, ମଙ୍ଗୋଲିଆ, ହିମାଳୟ ଏବଂ ଲଦାଖ ଅଞ୍ଚଳରୁ ଆସୁଥିବା ଲକ୍ଷ ଲକ୍ଷ ଜଳଜପକ୍ଷୀ ଯଥା- ଇଗଲ, ବାଜପକ୍ଷୀ, ରଙ୍ଗାଗେଣ୍ଡି, ଏରା, ପାଣ୍ଡା, ହଂସ, ଚଟୁଆହଂସ, ହଂସରାଳି, ମାଛରଙ୍କା, ଗେଣ୍ଡାଳିଆ, ଦଦରାହଣା, ଅଳାକୁଆ, ପାଣିକୁଆ, ଚାଟଢେଇ, ଚନ୍ଦନା, ସାହୀବାଜ, ଚାମଜଦାଡ, କୁରାର ଇତ୍ୟାଦି ପକ୍ଷୀମାନଙ୍କର ଚିଲିକା ହେଉଛି ଏକ ବିଶିଷ୍ଟ ଆଶ୍ରୟ ସ୍ଥଳୀ। ଅନେକ ଦୁର୍ଲଭ ଓ ବିରଳ ପକ୍ଷୀ ଯେଉଁମାନଙ୍କୁ ବିପନ୍ନ ପ୍ରାଣୀ ବୋଲି ଆଇ.ୟୁ.ସି.ଏନ୍‌ର ନାଲି ତାଲିକାଭୁକ୍ତ କରାଯାଇଛି। ଏହି ପକ୍ଷୀମାନଙ୍କ ବ୍ୟତୀତ ଚିଲିକାର ସ୍ଥଳ ଭାଗରେ କୁରୁବକ, ବାଜ, ବଣି, ଖପରାଖାଇ, ଚିଲି, କୋଇଲି ଇତ୍ୟାଦି ପକ୍ଷୀ ଦେଖାଯାଆନ୍ତି। ପକ୍ଷୀମାନଙ୍କ ପାଇଁ ନଳବଣ ହେଉଛି ଚିଲିକାର ଏକ ଉତ୍କୃଷ୍ଟ କ୍ଷେତ୍ର। ଏଠାରେ ନଳ ଓ ସେମକ ଘାସ ଦେଖାଯାଏ ଏବଂ ପକ୍ଷୀମାନଙ୍କ ପାଇଁ ଅଧିକ ଖାଦ୍ୟ ମିଳିଥାଏ।୧୯୭୩ ମସିହାରେ ନଳବଣ ଓଡିଶା ସରକାରଙ୍କ ଦ୍ୱାରା ପକ୍ଷୀ ଅଭୟାରଣ୍ୟ ରୂପେ ଘୋଷିତ ହେଲା। ଚିଲିକାର ଅନ୍ୟ ଅଞ୍ଚଳ ଅପେକ୍ଷା କମ୍ ଗଭୀରତା ବିଶିଷ୍ଟ ଓ ନଳଘାସରେ ପୂର୍ଣ୍ଣ ୧୫.୫୩ ବ.କି.ମି. ଅଞ୍ଚଳ ପରିହିତ ଅଞ୍ଚଳକୁ ଅଭୟାରଣ୍ୟ ଘୋଷିତ କରାଯାଇଥିଲା। ୧୫୦ ଜାତିର ପକ୍ଷୀ ଏହି ହ୍ରଦକୁ ସେମାନଙ୍କ ସ୍ୱର୍ଗ ବୋଲି ସ୍ୱୀକାର କରି ସମୟ କାଟିବାକୁ ଆସୁଛନ୍ତି। ନୀଳ ଢେଉର ଦୋଳିରେ ଝୁଲି ଝୁଲି କାକଳୀରେ ମୁଖରିତ କରୁଛନ୍ତି ନୀଳ ଅଗଣାକୁ। ପକ୍ଷୀମାନଙ୍କର ଏହି ଦେଶାନ୍ତର ଗମନ ଓ ପ୍ରତ୍ୟାଗମନ ମୁଖ୍ୟତଃ ଖାଦ୍ୟ ଅନ୍ୱେଷଣ ଓ ପ୍ରଜନନ କ୍ରିୟା ପାଇଁ ଉଦ୍ଦିଷ୍ଟ। ପକ୍ଷୀମାନଙ୍କର ଏହି ଦେଶାନ୍ତର ଯାତ୍ରା ଏକ ସହଜାତ ପ୍ରକୃତି। ଶରତଋତୁର ଶେଷ ଭାଗରେ ଯେତେବେଳେ ଦିନର ଦୈର୍ଘ୍ୟ କମିଆସେ ସେ ସମୟରେ ଏକ ନିର୍ଦ୍ଦିଷ୍ଟ ଦିଗରେ ଉଡିଯିବା ପାଇଁ ପକ୍ଷୀମାନଙ୍କର ଆଗ୍ରହ ଜନ୍ମିଥାଏ। ସେହି ପରି ଗ୍ରୀଷ୍ମ ପ୍ରାରମ୍ଭରେ ଦିବା ଲୋକର

Digitized by srujanika@gmail.com

ସମୟ ସୀମା ବଢିବାକୁ ଲାଗିଲେ ପୁନଶ୍ଚ ସେମାନେ ନିଜର ପୂର୍ବ ବାସସ୍ଥାନକୁ ପ୍ରସ୍ଥାନ କରନ୍ତି। ସେମାନଙ୍କର ଏହି ଆଗମନ ଓ ପ୍ରତ୍ୟାବର୍ତ୍ତନ ଏବେବି ରହସ୍ୟ ମୟ।

ଉଦ୍ଭିଦ ସଂପଦ

ଚିଲିକାରେ ବିଭିନ୍ନ ପ୍ରକାର ଉଦ୍ଭିଦ ଦେଖାଯାଏ। ସେଥିମଧ୍ୟରୁ ୨୨ଜାତିର ଶୈବାଳ, ୭୧୦ ଜାତିର ଗଛ ଦେଖାଯାଇଥାଏ। ସେଥିମଧ୍ୟରୁ ଗୁଆ, ନଡିଆ, ନିମ୍ବ, ପଣସ, ଶାଗୁଆନ, କୃଷ୍ଣଚୂଡ଼ା, ଶିମିଳି, ବଉଳ, ଆକାଶିଆ, ଗମ୍ଭାରୀ, ତାଳ, ବେଲ, ଅଶ୍ୱଥ, ଜାମୁ, ସପଟା, ସୀତାଫଳ ଓ ରାମଫଳ ଇତ୍ୟାଦି ଗଛସହ ବିଭିନ୍ନ ଜାତିର ଫୁଲଗଛ ଦେଖାଯାଏ ଯଥା-କାଶତଣ୍ଡୀ, ବଉଳ, ଗୁଲୁବାସ, ଗଙ୍ଗଶିଉଳି, ମଲ୍ଲୀ, ଚମ୍ପା, ରଜନୀଗନ୍ଧା, ହେନା, ମାଳତି ଇତ୍ୟାଦି।

ଜଳବିଜ୍ଞାନ

ଚିଲିକା ହ୍ରଦର ପର୍ଯ୍ୟାବରଣ ଧାରାକୁ ପରିଚାଳିତ ଓ ନିୟନ୍ତ୍ରଣ କରିବାରେ ଜଳବିଭାଜନ ଶକ୍ତି ହେଉଛି ମୁଖ୍ୟ ଉତ୍ପାଦନ ବା ଉତ୍ସ। ଏହାର ମୋଟ ଜଳ ପରିବାହକ କ୍ଷେତ୍ର ହେଉଛି ୪୩୦୦ବ.କି.ମି. ଏଥିରୁ ୩୨୧୨ ବ.କି.ମି. ବା ଶତକଡା ୭୪ ଭାଗ ପୂର୍ବଘାଟ ପର୍ବତମାଳାର ଅଂଶ ବିଶେଷ। ୧୦୮୮ ବ.କି.ମି. ବା ଶତକଡା ୨୬ଭାଗ ମହାନଦୀ ଅବବାହିକା ଅଞ୍ଚଳର ପରିସର ଭୁକ୍ତ।

ଚିଲିକା ହ୍ରଦର ଜଳରେ ଲବଣାଂଶ ବର୍ଷାଋତୁରେ କମ୍ ଥିବା ବେଳେ ଅନ୍ୟ ଋତୁରେ ଅଧିକ ଥାଏ ଏହା ୭ ରୁ ୩୦ପିପିଟି ଦକ୍ଷିଣାଞ୍ଚଳ ରମ୍ଭା ଅଞ୍ଚଳରେ ଲୁଣାଜଳ ଅଧିକ ଥାଏ। କିନ୍ତୁ ଉତ୍ତରାଞ୍ଚଳ ଭୂଷଣ୍ଡପୁର ଅଞ୍ଚଳରେ ୧.୫ ରୁ ୦ପିପିଟିକୁ ଚାଲି ଆସିଥାଏ। ସାଟେଲାଇଟ୍ ଚିତ୍ରରୁ ଜଣାଯାଏ ଏହି ହ୍ରଦର ଗଭୀରତା ୧୯୨୫ରେ ପ୍ରାୟ ୨.୫ ମିଟର ଥିବା ବେଳେ ଏବେ ତାହା ୧.୫ମିଟରରେ ରହୁଛି।

ସଂପଦର ଅବକ୍ଷୟ ଧାରା

ପ୍ରାକୃତିକ ସଂପଦ ବିଭିନ୍ନ ଉପାୟରେ ଅବକ୍ଷୟ ହେଉଛି। କିନ୍ତୁ ଅବବାହିକା ଅଞ୍ଚଳର ଜଙ୍ଗଲ କ୍ଷୟ, ବନ୍ଧ ନିର୍ମାଣ, ଜଳବାହିକା ପ୍ରତିରୋଧକ କାର୍ଯ୍ୟ ଏବଂ ମାନବ ସମାଜଦ୍ୱାରା ଚାପ ପ୍ରୟୋଗ ତଥା ପ୍ରାକୃତିକ ସ୍ୱଭାବରେ ସଂଯୋଗ କାରଣରୁ ଚିଲିକାର ଅବକ୍ଷୟ ହେଉଛି। ଉକ୍ତ କାରଣଗୁଡିକ ହେଲା:-

ଚିଲିକା ଦ୍ରୁତ ସଂକୋଚନ

ଚିଲିକାର ସ୍ଥିତି ଆଜି ସଂକଟାପନ୍ନ। ପ୍ରାରମ୍ଭରେ ଏହାର କ୍ଷେତ୍ରଫଳ ୨୨୦୦ବ.କି.ମି. ଥିଲା କିନ୍ତୁ ଇତି ମଧ୍ୟରେ ତାହା ହ୍ରାସ ପାଇ ପ୍ରାୟ ୧୧୦୦ବ.କି.ମି.ରେ ପହଁଞ୍ଚିଛି। ପୁନଶ୍ଚ ଗ୍ରୀଷ୍ମଦିନେ ଏହା ୮୦୦ବ.କି.ମି.କୁ ସଂକୁଚିତ ହୁଏ। ଏହା ମଧ୍ୟରେ ଚିଲିକାର ଉପକୂଳ ପ୍ରାୟ ୧୨କି.ମି. ପୋତି ହୋଇ ଯାଇଛି। ୧୯୭୩ ମସିହା ବେଳକୁ ଚିଲିକାର ଉପକୂଳ ପ୍ରାୟ ୨୦ବ.କି.ମି. ବ୍ୟାପ୍ତ ହୋଇଥିବାର ଜଣାଯାଏ। ପରିବେଶ ବିତ୍‌ମାନଙ୍କ ମତରେ ପ୍ରତିବର୍ଷ ଚିଲିକାର କ୍ଷେତ୍ରଫଳ ହାରାହାରି ୧୪କି.ମି. ହ୍ରାସ ପାଇବାରେ ଲାଗିଛି।

Digitized by srujanika@gmail.com

ଅବବାହିକା ଅଞ୍ଚଳର ଅବକ୍ଷୟ

ଜଳ ଓ ବାୟୁଦ୍ୱାରା ଘଟୁଥିବା ଅବବାହିକାର କ୍ଷୟ ସବୁଠାରୁ ଅଧିକ । ଅତ୍ୟଧିକ ଚାରଣ ପାଇଁ ବ୍ୟବହାର, ବେଆଇନ ଗଛକଟା, ଜଙ୍ଗଲକ୍ଷୟ, ଗଡାଣିଆ ଅଞ୍ଚଳରେ କୃଷି, ଥଇଥାନ ନିମନ୍ତେ ବହୁ ଅଞ୍ଚଳରୁ ସବୁଜିମା ହ୍ରାସ ଓ ଚାଷ ଉପଯୋଗୀ ଜମିକୁ ପରିବର୍ତ୍ତନ ହେଉଛି କେତେକ ମୁଖ୍ୟ କାରଣ । ଏସବୁ ପ୍ରକ୍ରିୟା ଦ୍ୱାରା ଆନୁମାନିକ ୦.୩୬୫ ଲକ୍ଷ ଟନ ପଟୁମାଟି ଚିଲିକା ଭିତରକୁ ନଦୀ ଓ ନାଳ ଦ୍ୱାରା ପ୍ରବାହିତ ହେଉଛି । ପଟୁମାଟିର ପ୍ରବେଶ ଫଳରେ ଚିଲିକାର ଆୟତନ ଦ୍ରୁତ ବେଗରେ ହ୍ରାସ ପାଉଛି । ୧୯୭୨-୭୩ ମସିହାରେ ଏହାର ଆୟତନ ଗ୍ରୀଷ୍ମଋତୁରେ ୮୨୦ବ.କି.ମି. ଥିବା ସ୍ଥଳେ ୧୯୮୬ରେ ଏହା ୭୯୦ବ.କି.ମି.କୁ ଖସି ଆସିଥିବାର ଓ.ଆର.ଏସ୍.ଏ.ସି. ଗବେଷଣାରୁ ପ୍ରମାଣିତ ହୋଇଛି । ଏତଦ୍ ବ୍ୟତୀତ ଚିଲିକାରେ ଆସି ମିଶିଥିବା ୫୩ଟି ନଦୀ ଏବଂ ନାଳ ବୋହି ଆଣୁଥିବା ଜଳ ଏବଂ ପଟୁ ଚିଲିକାର ଆୟତନ ହ୍ରାସର ମୁଖ୍ୟ ସମସ୍ୟା ହୋଇ ଉଠିଛି ।

ପ୍ରଦୂଷଣ

ଚିଲିକା ମଧ୍ୟକୁ ଶିଳ୍ପକେନ୍ଦ୍ର ଓ କୃଷି କ୍ଷେତ୍ରର ଆବର୍ଜନା ନିଷ୍କାସନ ଓ ମୋଟର ବୋଟରୁ ହେଉଥିବା ତୈଳଦ୍ୱାରା ଜଳ ପ୍ରଦୂଷଣ ଓ ଦଳର ବୃଦ୍ଧି ଘଟୁଛି ।

ପକ୍ଷୀ ଶିକାର ଓ ପକ୍ଷୀ ସଂଖ୍ୟାର ହ୍ରାସ

ଚିଲିକାରେ ପକ୍ଷୀ ଶିକାର ଆଇନ୍ ଦୃଷ୍ଟିରୁ ନିଷିଦ୍ଧ ହୋଇଥିଲେ ମଧ୍ୟ ପ୍ରତିବର୍ଷ ୧୫.୦୦୦ ରୁ ୨୦,୦୦୦ ପକ୍ଷୀଙ୍କୁ ଅବାଧରେ ଶିକାର ହେଉଥିବାର ଜଣାଯାଇଛି । କେବଳ ପର୍ଯ୍ୟଟକମାନଙ୍କର ଏକ ଭ୍ରମଣସ୍ଥଳୀ ତାହା ନୁହେଁ ଏହା ହେଉଛି ଦେଶ ବିଦେଶର ଅଗଣିତ ପକ୍ଷୀଙ୍କର ଏକ ମନୋରମ ସ୍ଥାନ । ଶୀତଋତୁରେ ନାନାଜାତିର ପକ୍ଷୀମାନଙ୍କର ଆଗମନରେ ଚିଲିକା ହୋଇ ଉଠେ ସୌନ୍ଦର୍ଯ୍ୟ ମୟୀ । ଅତୀତରେ ୩୦ ରୁ ୫୦ ଲକ୍ଷ ପର୍ଯ୍ୟନ୍ତ ପକ୍ଷୀ ଚିଲିକାକୁ ଉଡିଆସୁଥିଲେ । କିନ୍ତୁ ଏବେ ବାର୍ଷିକ ୭ ରୁ ୧୦ ଲକ୍ଷ ମଧ୍ୟରେ ପକ୍ଷୀ ଆସୁଛନ୍ତି । ଏମାନଙ୍କର ଅପୂର୍ବ ସମାବେଶ ଚିଲିକାର ଶୋଭାକୁ ଦ୍ୱିଗୁଣିତ କରିଥାଏ । ଉତ୍ତରାଞ୍ଚଳରେ ମୋଟର ବୋଟ୍‌ର ଚଳାଚଳ, ମାଛଧରା ଡଙ୍ଗା, ଜିରୋନେଟ୍‌ର ସଂଖ୍ୟା ବୃଦ୍ଧି, ଧ୍ୱନି ଓ ଜଳ ପ୍ରଦୂଷଣ, ପଙ୍କ ଓ ପଟୁର ପରିମାଣ ବୃଦ୍ଧି, ନୌତାଲିମ କେନ୍ଦ୍ରର ଅଭ୍ୟାସ, ଅବାଧ ପକ୍ଷୀ ଶିକାର ଏବଂ ପକ୍ଷୀମାନଙ୍କର ବିଶ୍ରାମସ୍ଥଳୀ ନଳବଣର ଅବକ୍ଷୟ ହେଉଛି ପକ୍ଷୀ ସଂଖ୍ୟା ହ୍ରାସର ଅନ୍ୟତମ କାରଣ । ଏଥି ମଧ୍ୟରେ ପକ୍ଷୀ ଶିକାରକୁ ନିଷିଦ୍ଧ କରି ସରକାର ନଳବଣର ପ୍ରାୟ ୧୫.୫ବ.କି.ମି. ଅଞ୍ଚଳକୁ ପକ୍ଷୀ ଅଭୟାରଣ୍ୟ ଭାବେ ଘୋଷଣା କରିଛନ୍ତି ।

ଚିଲିକାର ପରିବେଶ ସୁରକ୍ଷା

କାଳକ୍ରମେ ଚିଲିକାର ପରିବେଶ ଧ୍ୱଂସାଭିମୁଖି ଆଡକୁ ଗତି କରିବାରେ ଲାଗିଛି । ତେଣୁ ଏହାର ସୁରକ୍ଷା କରିବାକୁ ହେଲେ ନିମ୍ନୋକ୍ତ ପଦକ୍ଷେପମାନ ଗ୍ରହଣ କରିବାକୁ ହେବ ।

Digitized by srujanika@gmail.com

(୧) ମଗରମୁଖଠାରୁ ଅରଖକୁଦା ପର୍ଯ୍ୟନ୍ତ ଚିଲିକାର ମୁହାଣ ଖନନ ଏବଂ ଚିଙ୍ଗୁଡିଚାଷ ଦ୍ୱାରା କରାଯାଇଥିବା ବେଆଇନ୍ ଅବରୋଧଗୁଡିକ ଭଙ୍ଗାଯିବା ଆବଶ୍ୟକ।

(୨) ନଦୀମୁହାଣଗୁଡିକର ଖନନ କାର୍ଯ୍ୟ କରିବା।

(୩) ଉପକୂଳ ଅଞ୍ଚଳରେ ବ୍ୟାପକ ବୃକ୍ଷରୋପଣ ଦ୍ୱାରା ସବୁଜ ବଳୟର ସୃଷ୍ଟି। ଯାହା ଦ୍ୱାରା ଉପକୂଳ ଅଞ୍ଚଳକୁ ବାତ୍ୟା ଓ ମୃତ୍ତିକା କ୍ଷୟରୁ ରକ୍ଷା କରାଯାଇ ପାରିବ।

(୪) ବେଆଇନ ଭାବେ ତିଆରି କରାଯାଇଥିବା ଘେରିବନ୍ଧକୁ ଭାଙ୍ଗିଦେବା ଉଚିତ୍।

(୫) ଚିଲିକାରେ ଚିଙ୍ଗୁଡିଚାଷର ନିଷେଧି କରଣ। ୧୯୯୨ରେ ଏକ ରିପୋର୍ଟରେ ଜଣାଇଥିଲା ଯେ, ଚିଲିକାରେ ଇଣ୍ଟେନ୍‌ସିଭ୍ ଏବଂ ସେମି ଇଣ୍ଟେନ୍‌ସିଭ୍ ଚିଙ୍ଗୁଡିଚାଷ କରାଯିବା ଉଚିତ୍ ନୁହେଁ। ଏହି ଚିଙ୍ଗୁଡିଚାଷରୁ ନିର୍ଗତଜଳ ସମୁଦ୍ରରେ ସିଧା ନିଷ୍କାସନର ବ୍ୟବସ୍ଥାକରି ଚାଷ କରାଯିବା ଆବଶ୍ୟକ।

(୬) ଚିଲିକା ମୁହାଁଣ ତଥା ବାହ୍ୟ ନାଳୀରୁ ମାଛ ଜାଆଁଳ ସଂଗ୍ରହର ନିଷେଧି କରଣ - ଯାହା ଦ୍ୱାରା ମାଛ ଜାଆଁଳ ଚିଲିକା ମଧ୍ୟକୁ ପ୍ରବେଶ କରି ଚିଲିକାର ମତ୍ସ୍ୟ ସମ୍ପଦକୁ ବୃଦ୍ଧି କରିପାରିବେ।

(୭) ଚିଲିକାରେ ଯନ୍ତ୍ରଚାଳିତ ନୌକାଚାଳନାକୁ ସୀମିତ କରାଯିବା ଉଚିତ୍।

(୮) ମୃତ୍ତିକାକ୍ଷୟ ରୋକିବା ପାଇଁ ଚିଲିକା ମଧ୍ୟସ୍ଥ ଏବଂ ନିକଟସ୍ଥ ପାହାଡମାନଙ୍କରେ ବୃକ୍ଷରୋପଣ କାର୍ଯ୍ୟକ୍ରମକୁ ବୃଦ୍ଧି କରିବା।

(୯) ହ୍ରଦ କୂଳଠାରୁ ଦଶ କି.ମି. ବ୍ୟାସ ଅଞ୍ଚଳକୁ ବିଶେଷ ଅଞ୍ଚଳ ଭାବରେ ଘୋଷଣା କରାଯାଇ ପାର୍ଶ୍ୱସ୍ଥ ଜନପଦମାନଙ୍କର ଆବର୍ଜନା ହ୍ରଦମଧ୍ୟକୁ ପ୍ରବେଶ ନିଷେଧ କରାଯିବା ଉଚିତ୍।

(୧୦) ପାଲୁର କେନାଲର ପୁର୍ନଖନନ ଏବଂ ଏହାର ଦୁଇ କୂଳରେ ଥିବା ଚିଙ୍ଗୁଡି ଘେରୀଗୁଡିକୁ ଭଙ୍ଗାଯିବା ଆବଶ୍ୟକ। କେନାଲର ଜଳ ପ୍ରବାହକୁ ସବୁ ବାଧା ବନ୍ଧନରୁ ମୁକ୍ତ କରାଯିବା ଉଚିତ୍।

(୧୧) ଚିଲିକା ମଧ୍ୟରେ ଏକ ସାମୁଦ୍ରିକ ଅଭୟାରଣ୍ୟ ସୃଷ୍ଟିକରି ଡଲଫିନ୍‌ମାନଙ୍କୁ ସୁରକ୍ଷା ପ୍ରଦାନ କରିବା ସହ ପ୍ରୟାଗୀ ନିକଟରେ ଋଷିକୂଲ୍ୟା ନଦୀମୁହାଣକୁ ଅଣ୍ଡା ଦେବାକୁ ଆସୁଥିବା ଅଲିଭରିଡଲେ କଇଁଚମାନଙ୍କୁ ମଧ୍ୟ ସୁରକ୍ଷା ପ୍ରଦାନ କରିବା ଆବଶ୍ୟକ। ଏହାସହ ପରିବେଶବିତ୍‌ଙ୍କ ଦ୍ୱାରା ଚିଲିକାର ସମସ୍ତ ବିଭାଗର ସର୍ବେକ୍ଷଣ କରାଯାଇ ବିହିତ ପଦକ୍ଷେପ ନେବା ଆବଶ୍ୟକ।

(୧୨) ପକ୍ଷୀ ଶିକାରକୁ ସଂପୂର୍ଣ୍ଣ ନିଷେଧ କରିବା ଉଚିତ୍।

(୧୩) ଗୋଆସ୍ଥିତ ନ୍ୟାସନାଲ ଇନଷ୍ଟିଚ୍ୟୁଟ ଅଫ ସିନୋଗ୍ରାଫି ଏବଂ ଅନ୍ୟାନ୍ୟ ଅନ୍ତର୍ଜାତିକ ସଂସ୍ଥାମାନଙ୍କଠାରୁ ବୈଷୟିକ ଜ୍ଞାନ କୌଶଳ ଆହରଣ କରି ଚିଲିକା ଏବଂ ସମୁଦ୍ରର ସଂଯୋଗ ପ୍ରଣାଳୀକୁ ଖନନ କରିବା ଆବଶ୍ୟକ।

Digitized by srujanika@gmail.com

ଚିଲିକା ହ୍ରଦର ସୁରକ୍ଷା ନିମିତ୍ତ ସରକାର ବିଭିନ୍ନ ପ୍ରକାର ପଦକ୍ଷେପମାନ ହାତକୁ ନେଇଛନ୍ତି । କେନ୍ଦ୍ରୀୟ ଜଳ ଓ ଶକ୍ତି ଗବେଷଣା ପ୍ରତିଷ୍ଠାନ, ପୁନ୍ନାର ଗାଣିତିକ ଛାଞ୍ଚ ଉପରେ ପର୍ଯ୍ୟବେସିତ ସୁପାରିଶ କ୍ରମେ ହ୍ରଦରେ ୭.୫କି.ମି. ଦୈର୍ଘ୍ୟ ବିଶିଷ୍ଟ ସଂଯୋଗକାରୀ ନାଳ ମଧ୍ୟରୁ ମଗର ମୁଖଠାରେ ଚଳିତବର୍ଷ ୧.୫କି.ମି. ଦୈର୍ଘ୍ୟ, ୧୦୦ମି. ପ୍ରସ୍ଥ ଏବଂ ୨.୫ମି. ଗଭୀରର ଏକ ନାଳୀର ଖନନ କାର୍ଯ୍ୟ ଶେଷ ହୋଇଛି । ଓଡିଶା ସରକାରଙ୍କ ଦ୍ୱାରା ପ୍ରତିଷ୍ଠିତ ଚିଲିକା ଉନ୍ନୟନ କର୍ତ୍ତୃପକ୍ଷ ଅବବାହିକା ଅଞ୍ଚଳରେ ୯୮୦ ହେକ୍ଟର ଜମିରେ ବୃକ୍ଷରୋପାଣ, ୬୨ଟି କଣ୍ଟନାଳୀ ନିୟନ୍ତ୍ରଣ ବ୍ୟବସ୍ଥା, ୧୦ଟି ଜଳ ଅମଳ ପ୍ରକଳ୍ପ, ୫ଟି ଗତିପଥ ପରିବର୍ତ୍ତନ ନଦୀବନ୍ଧ ଯୋଜନା, ୩୪୩ ହେକ୍ଟର ଲଣ୍ଡା ପାହାଡିଆ ଜମିରେ ବୃକ୍ଷରୋପଣ, ୮୭୫୦୦ ଚାରା ବଣ୍ଟନ ସହ ନାଳବନ୍ଧମାନଙ୍କରୁ ମୃତ୍ତିକା କ୍ଷୟ ପ୍ରତିରୋଧ କରିବା ନିମନ୍ତେ ବିପଦପୂର୍ଣ୍ଣ ୬କି.ମି. ଦୀର୍ଘ ନାଳବନ୍ଧରେ ବର୍ଦ୍ଧନଶୀଳ ବୃକ୍ଷ ରୋପଣ କରିଛନ୍ତି ।

ଏଥିସହ ନଳବଣ ଅଞ୍ଚଳରେ ଜଳଜ ପକ୍ଷୀମାନଙ୍କର ପ୍ରାକୃତିକ ବାସପୋଯୋଗୀ ଅଞ୍ଚଳର ବୃଦ୍ଧି ତଥା ଉନ୍ନତି କରିବା ଯୋଜନାଗୁଡିକୁ ହାତକୁ ନେଇ କାର୍ଯ୍ୟକାରୀ କରୁଛନ୍ତି । ଚିଲିକାର ଦଳ ଓ ଅନାବନା ଘାସ ଥିବା ଅଞ୍ଚଳକୁ ରିମୋଟ ସେନସିଂଗ କୌଶଳ ପ୍ରୟୋଗକରି ଓ.ଆର୍.ଏସ୍.ଏ.ସି. ଏବଂ ଏନ୍.ଆର୍.ଏସ୍.ଏ ସଂସ୍ଥାର ସହଯୋଗରେ ଚିହ୍ନଟ କରାଯାଇ ଉପକୂଳରେ ଥିବା ୩ଟି ଦଳ ପ୍ରପୀଡିତ ଗାଁକୁ ଚିହ୍ନଟ କରାଯାଇ ସେହି ଗ୍ରାମର ପ୍ରତ୍ୟେକ ପରିବାର ପାଇଁ ଗୋଟିଏ ଲେଖାଏଁ ଜୈବିକ ଗ୍ୟାସ, ଇନ୍ଧନ ସଂସ୍ଥିତ ଚୁଲା ସ୍ଥାପନ କରିବା ପାଇଁ ଯୋଜନା ପ୍ରଣୟନ କରାଯାଇଛି ।

ଜନସାଧାରଣଙ୍କ ଭୂମିକା

ସ୍ରଷ୍ଟାଙ୍କ ସୃଷ୍ଟିରେ ମାନବ ହେଉଛି ଶ୍ରେଷ୍ଠ । ଧୀରେ ଧୀରେ ବିଜ୍ଞାନବଳରେ ଚନ୍ଦ୍ରପୃଷ୍ଠରେ ଅବତରଣ କରି ନିଜର ବସତି ସ୍ଥାପନ ପାଇଁ ଆଗେଇ ଚାଲିଛି । ସମାଜ ପାଇଁ ଅନେକ ନୂତନ ଜିନିଷର ନିର୍ମାଣ କରିଛି । ବିଜ୍ଞାନର ସଦୁପଯୋଗ ଯୋଗୁଁ ସେ ଉନ୍ନତିର ଶେଷ ସୀମାରେ ପହଁଞ୍ଚିଛି ।

ଚିଲିକା ହ୍ରଦ କେବଳ ଓଡିଶାର ନୁହେଁ ସମଗ୍ର ବିଶ୍ୱର ହେଉଛି ଏକ ଅମୂଲ୍ୟ ପ୍ରାକୃତିକ ସଂପଦ । ଆଜିର ସଭ୍ୟ ମଣିଷ ନିଜର କ୍ଷଣିକ ସ୍ୱାର୍ଥ ପାଇଁ ଚିଲିକା ଓ ତାର ପ୍ରାକୃତିକ ସଂପଦକୁ ଧ୍ୱଂସ କରିଦେବା ପାଇଁ ଯେଉଁ ଭଳି ଅତ୍ୟାଚାର କରିଚାଲିଛି ତାହା ପରିବେଶ ବିତ୍‌ଙ୍କ ମନରେ ଗଭୀର ଉଦ୍‌ବେଗ ସୃଷ୍ଟି କରିଛି । ଚିଲିକାକୁ ଏହି ଆସନ୍ନ ଧ୍ୱଂସ ମୁଖରୁ ରକ୍ଷା କରିବା ସହ ତାର ସୁରକ୍ଷା ଓ ପରିବେଶର ସନ୍ତୁଳନ ପାଇଁ ଜନସାଧାରଣଙ୍କ ଭୂମିକା ଗୁରୁତ୍ୱପୂର୍ଣ୍ଣ ଅଟେ । ତେଣୁ ସେମାନଙ୍କ ମନରେ ଜନଚେତନା ସୃଷ୍ଟି କରିବା ଆବଶ୍ୟକ । ରାଜ୍ୟ ଓ କେନ୍ଦ୍ର ସରକାର ଆନ୍ତର୍ଜାତିକ ସଂସ୍ଥା, ବେସରକାରୀ ସ୍ୱେଚ୍ଛାସେବୀ ସଂଗଠନ ଏବଂ ଚିଲିକା ହ୍ରଦର ଉପକୂଳବର୍ତ୍ତୀ ଅଞ୍ଚଳରେ ବାସ କରୁଥିବା ଉଭୟ ମତ୍ସ୍ୟଜୀବୀ ଓ ଅଣମତ୍ସ୍ୟଜୀବୀଙ୍କର ସହଯୋଗ ଆବଶ୍ୟକ । ବିଳମ୍ବରେ ହେଲେ ମଧ୍ୟ ବର୍ତ୍ତମାନ ଏହା ହେଉଛି ପ୍ରକୃଷ୍ଟ ସମୟ ଜନସାଧାରଣ ଜଳାଭୂମିର ମୂଲ୍ୟ ଓ ଗୁରୁତ୍ୱ ବୁଝି ଜଳ ସଂପଦର ସଦୁପଯୋଗ କରିବା ଉଚିତ୍ । ଯାହାର ସଂରକ୍ଷଣ ଆମ ଭବିଷ୍ୟତ ବଂଶଧରମାନଙ୍କ ପାଇଁ ଏକ ମୂଲ୍ୟବାନ ଉପହାର । ଭାରତୀୟ ସମ୍ବିଧାନର ଧାର ୫୧(କ) ଅନୁଯାୟୀ ପ୍ରତ୍ୟେକ ନାଗରିକ ପ୍ରାକୃତିକ ସୌନ୍ଦର୍ଯ୍ୟରସ୍ଥଳି ଯଥା- ହ୍ରଦ, ଜଙ୍ଗଲ, ବନ୍ୟପ୍ରାଣୀ ଏବଂ ସମୁଦ୍ର ଇତ୍ୟାଦିର ରକ୍ଷଣାବେକ୍ଷଣ କରିବା ଉଚିତ୍ । ତେଣୁ ଜଣେ ଜଣେ ଉତ୍ତମ ନାଗରିକ ହିସାବରେ ଆମେ ସମ୍ବିଧାନକୁ ସମ୍ମାନ ଜଣାଇ ଏହି ସବୁ ପ୍ରାକୃତିକ ସଂପଦର ସୁରକ୍ଷା କରିବା ପାଇଁ ଆଗଭର ହେବା ଆବଶ୍ୟକ ।

Digitized by srujanika@gmail.com

ଐତିହାସିକ ଓ ପର୍ଯ୍ୟଟନ କ୍ଷେତ୍ର ଚିଲିକା

ଶ୍ରୀ କେଳୁଚରଣ ଜେନା (ଶିକ୍ଷକ)
ବାସୁଦେବ ହାଇସ୍କୁଲ,ବାଘମୁଣ୍ଡା, ଚିଲିକା

ଐତିହାସିକ ସୂଚନା

ଚିଲିକା ହ୍ରଦ ଯୁଗ ଯୁଗ ଧରି ଦର୍ଶକ, ଭାବୁକ, କବି ଓ ଭକ୍ତମାନଙ୍କୁ ବିମୋହିତ କରିଆସିଛି। ତା'ର ତରଙ୍ଗାୟିତ ଜଳରାଶି, ତଲେଇ ମେଲା ଡଙ୍ଗା, ରଙ୍ଗବେରଙ୍ଗର ପକ୍ଷୀ ଏବଂ ସର୍ବୋପରି ମା କାଳିଜାଈଙ୍କ ମହିମା ସୁବିଦିତ। ଏଠି କିଏ ଚିଲିକାର ରୂପରେ ବିମୁଗ୍ଧତ କିଏ ପୁଣି ଚିଲିକାର ଇତିହାସ ଖୋଜିବାରେ କିଏ ଚିଲିକାର ପକ୍ଷୀମାନଙ୍କୁ ନେଇ ଗବେଷଣାରତ ତ କିଏ ପୁଣି ଚିଲିକାର ମାଛ ନେଇ ନିଜର ଅର୍ଥନୈତିକ ଅଭିବୃଦ୍ଧିରେ ଜଡ଼ିତ।

ବିଶ୍ୱର ଏହି ମନୋରମ ହ୍ରଦଟି ୧୯.୨୮ ଓ ୧୯.୫୪ ଡିଗ୍ରୀ ଉତ୍ତର ଅକ୍ଷାଂଶ ଏବଂ ୮୫.୦୬ ଓ ୮୫.୩୫ ଡିଗ୍ରୀ ପୂର୍ବ ଦ୍ରାଘିମା ମଧ୍ୟରେ ଅବସ୍ଥିତ। ଚିଲିକାର ଜନ୍ମ ରହସ୍ୟ ନେଇ ଏପର୍ଯ୍ୟନ୍ତ ଐତିହାସିକ ଓ ଗବେଷକମାନେ ନୀରବ। ୬୩୯ ଖ୍ରୀଷ୍ଟାବ୍ଦରେ ଚୀନ ପରିବ୍ରାଜକ ହୁଏନ୍‌ସାଂ ଏହି ଅଞ୍ଚଳକୁ (କୋଙ୍ଗୋଦ ମଣ୍ଡଳ) ପରିଦର୍ଶନରେ ଆସିଥିବା ବେଳେ ଚିଲିକା ସମ୍ପୂର୍ଣ୍ଣଭାବରେ ବଙ୍ଗୋପସାଗରରେ ଥିବା କଥା ତାଙ୍କ ବୀବରଣୀରୁ ଜଣାଯାଏ। ଏହା ମଧ୍ୟ ଓଡିଶା ଜିଲ୍ଲା ଭୌଗୋଳିକ ତଥ୍ୟ ଜ୍ଞାନକୋଷ, ପୁରୀ ଉଲ୍ଲେଖ କରାଯାଇଛି। ଏଥିରୁ ସ୍ପଷ୍ଟ ଯେ ବହୁ ବର୍ଷପରେ ଏକ ବାଲୁକା ବନ୍ଧ ଦ୍ୱାରା ମୂଳ ସମୁଦ୍ରଠାରୁ ବିଚ୍ଛିନ୍ନ ହୋଇ ଚିଲିକା ଏକ ସ୍ୱତନ୍ତ୍ର ହ୍ରଦ ହେଲା। ଗବେଷକଙ୍କ ମତରେ ପାଞ୍ଚ, ଛଅ ହଜାର ବର୍ଷ ତଳେ ଚିଲିକାର ସୃଷ୍ଟି। ସେତେବେଳେ ଏହାର ଜଳଭାଗ ପଶ୍ଚିମରେ ଭାଲେରୀ ପାଦଦେଶଠାରୁ ଉତ୍ତରରେ ସୋଲେରୀ ପାହାଡ ଏବଂ ବାଣପୁରରେ ଥିବା ଘଣ୍ଟଶିଳା ପାହାଡ ପର୍ଯ୍ୟନ୍ତ ପରିବ୍ୟାପ୍ତ ଥିଲା। କାଳିଜାଈ ଓ ଚଢେଇହଗା ପାହାଡ ପରି ସେତେବେଳେ କଳିଯୁଗେଶ୍ୱର ପାହାଡ ଓ ମାମୁଁ ଭଣଜା ପାହାଡ ଜଳ ମଧ୍ୟରେ ପରିଦୃଶ୍ୟମାନ ହେଉଥିଲା।

ଚିଲିକାର ନାମକରଣକୁ ନେଇ ଲୋକମୁଖରୁ ଶୁଣାଯାଏ ଯେ, ଚିଲି ନାମକ ଏକ ଦଳ ଏହି ହ୍ରଦକୁ ଆବିଷ୍କାର କରିଥିବାରୁ ଏହା ଚିଲିକା ଭାବରେ ନାମିତ। ପୁନଶ୍ଚ ଚିଲିକାର ମତ୍ସ୍ୟଜୀବୀମାନେ କହନ୍ତି, ଏହି ହ୍ରଦରେ ଅନେକ ଚିଲପକ୍ଷୀ ବଶବାସ କରୁଥିବାରୁ ଏହାକୁ ଚିଲିକା କୁହାଗଲା। ତେଣୁ ଚିଲ ଇଲାକାରୁ ଚିଲିକାର ନାମ କରଣ କରାଯାଇଛି। ହୁଏନ୍‌ସାଂ ତାଙ୍କ ବିବରଣୀରେ ଉଲ୍ଲେଖ କରିଛନ୍ତି ଯେ, ଉଡ୍ର ଦେଶ ସମୁଦ୍ର କୂଳରେ ଚେ-ରଲି-ତା-ତୋ ନାମକ ଏକ ପ୍ରମୁଖ ବନ୍ଦର ଥିଲା। ତା'ର ରୂପାନ୍ତର ଆଜିର ଚିଲିକା ବୋଲି ଐତିହାସିକଙ୍କ ମତ। ସେହିପରି ଗୁଣ୍ଡିଚା ଚମ୍ପୁରେ ଉଲ୍ଲେଖ କରାଯାଇଛି "ଚିଲ୍ଲିଖ" ହେଉଛି ଶ୍ରେଷ୍ଠ ପଙ୍କ ଏବଂ ଚିଲିକା ହ୍ରଦରେ ଯେଉଁ ପଙ୍କ ମିଳେ ତାହା "ଚିଲିଖ" ପ୍ରାୟ। ତେଣୁ ଚିଲ୍ଲିଖରୁ ହିଁ ଚିଲିକା ହୋଇଛି ବୋଲି ବିଶ୍ୱାସ।

Digitized by srujanika@gmail.com

ଐତିହାସିକ କିୟଦନ୍ତିରେ ଚିଲିକା

ଉତ୍କଳର ସୂର୍ଯ୍ୟବଂଶୀ ଗଜପତି ପୁରୁଷୋତ୍ତମ ଦେବଙ୍କ କାଞ୍ଚି ଅଭିଯାନ କାଳରେ ଗଜପତିଙ୍କୁ କାଞ୍ଚି ଯୁଦ୍ଧରେ ସାହାଯ୍ୟ କରିବାପାଇଁ ସ୍ୱୟଂ ଜଗନ୍ନାଥ ବଳଭଦ୍ର କଳା ଧଳା ଘୋଡା ଚଢି କାଞ୍ଚି ଅଭିଯାନ କରିଥିବା ଘଟଣା ଏକ ବଳିଷ୍ଠ ଐତିହାସିକ କିୟଦନ୍ତୀ । ଏହି ଅଭିଯାନ କାଳରେ ଶ୍ରୀ ଜଗନ୍ନାଥ ଓ ଶ୍ରୀ ବଳଭଦ୍ର ଏହି ପାରିକୁଦର ଏକ ଗାଁର ମାଣିକ ଗୌଡୁଣୀଠାରୁ ଦହିଖାଇ ରତ୍ନମୁଦ୍ରିକା ବନ୍ଧା ଦେଇଯାଇଥିଲେ । ପରେ ସେହି ସ୍ଥାନରେ ଗଜପତି ପୁରୁଷୋତ୍ତମ ଦେବ ଏକ ବଡ ଗ୍ରାମ ବା ପାଟଣା ବସାଇ ଏହାର ନାମ ମାଣିକ ପାଟଣା ରଖାଇଥିଲେ । ଅଦ୍ୟାବଧି ସେହି ମାଣିକ ପାଟଣା ଗ୍ରାମ ଉତ୍କଳର ପ୍ରାଚୀନ ଗୌରବର ବାର୍ତ୍ତା ବହନ କରିଆସୁଅଛି । ଏବେ ମଧ ଏହି ମାଣିକପାଟଣା ଗ୍ରାମ ଏବଂ ତାହାର ଆଖପାଖ ଅଞ୍ଚଳରେ ଉତ୍କୃଷ୍ଟ ଧରଣର ଦହି ବାଉଁଶ ପାତିଆରେ ତିଆରି ବାଉଁଶିଆରେ ମିଳେ । ଏବେ ମଧ ଓଡିଶା ତଥା ଓଡିଶା ବାହାରର ବହୁ ଲୋକମାନେ କେବଳ ଦହିଖାଇବା ପାଇଁ ଏବଂ ନେବାପାଇଁ ମାଣିକପାଟଣା ଆସିଥାଆନ୍ତି । ଚିଲିକା ଅଞ୍ଚଳରେ ପ୍ରସିଦ୍ଧ ଜିନିଷଗୁଡିକ ହେଲା- ଖଟିସାହି ତାମ୍ପଡା, ଅଲଣ୍ଡା କଙ୍କଡା, ତିଛିଣି ଘିଅ ଓ ମଣିକପାଟଣା ଦହି । ମାଣିକପାଟଣାରେ ଅବସ୍ଥିତି ଭାବକୁଣ୍ଡଳେଶ୍ୱର ମନ୍ଦିର ଏକ ତୀର୍ଥସ୍ଥଳି ରୂପେ ବିଖ୍ୟାତ ।

ଏହି ପାରିକୁଦ ବାଟେ ସମୁଦ୍ର କୂଳରେ କୂଳରେ ଜଗନ୍ନାଥ, ବଳଭଦ୍ର ଏବଂ ପୁରୁଷୋତ୍ତମ ଦେବଙ୍କ ସୈନ୍ୟମାନେ କାଞ୍ଚିଯାତ୍ରା କରିଥିଲେ । ଏଥିପାଇଁ ପାରିକୁଦର ମାଟି ଚିର ପବିତ୍ର, ତଥା ଓଡିଆ ଜାତିର ନମସ୍ୟ । ଏହି ପାରିକୁଦର ମାଟି ସ୍ପର୍ଶକୁ ପୂର୍ବେ ଏହି ବାଟରେ ଚାଲିଚାଲି ପୁରୀ ଯାଉଥିବା ଯାତ୍ରୀମାନେ ବଡଦାଣ୍ଡର ଶରଧାବାଲି ସ୍ପର୍ଶ ସଦୃଶମନେ କରୁଥିଲେ । ବାସ୍ତବରେ ଶ୍ରୀ ଜଗନ୍ନାଥଙ୍କ ମାନବଶରୀର ପାଦସ୍ପର୍ଶ ଯୋଗୁଁ ଏ ମାଟି ଚିର ପୂଣ୍ୟପୀଠ ।

ଶ୍ରୀ ଜଗନ୍ନାଥଙ୍କ ଗୁପ୍ତ ବିହାରସ୍ଥଳୀ ପୂଣ୍ୟପୀଠ – ପାରିକୁଦ

ପୃଥିବୀ ଇତିହାସରେ ସପ୍ତମ ଶତାବ୍ଦୀରୁ ସପ୍ତଦଶ ଶତାବ୍ଦୀ ପର୍ଯ୍ୟନ୍ତ ଦୀର୍ଘ ହଜାର ବର୍ଷକାଳ ମଧ୍ୟଯୁଗ ନାମରେ ନାମିତ । ଓଡିଶାର ମଧ୍ୟଯୁଗୀୟ ଶାସନ କାଳରେ ଓଡିଶାର ଗଣଦେବତା ଶ୍ରୀ ଜଗନ୍ନାଥଙ୍କର ଏକ ସଂକ୍ଷିପ୍ତ ଦୁର୍ଗତୀକୁ ଆଲୋଚନା ପ୍ରସଙ୍ଗକୁ ଅଣାଯାଉଛି ।

ବୈଦେଶିକ ଶାସନ କାଳରେ ଶ୍ରୀ ଜଗନ୍ନାଥ ମଧ ବହୁବାର ବିଦେଶୀ ଶାସକମାନଙ୍କ କୋପ ଦୃଷ୍ଟିରେ ପଡିଛନ୍ତି ଏବଂ ତତ୍ ସଙ୍ଗେ ସଙ୍ଗେ ବହୁସ୍ଥାନରେ ଆତ୍ମଗୋପନ କରିଅଛନ୍ତି । ଏହି ପରିପ୍ରେକ୍ଷୀରେ ଚିଲିକା ଶ୍ରୀ ଜଗନ୍ନାଥଙ୍କ ଗୁପ୍ତ ବିହାର ସ୍ଥଳୀରୂପେ ଆଲୋଚନା ପରିସରକୁ ଆସିଅଛି ।

Digitized by srujanika@gmail.com

ଅଷ୍ଟାଦଶ ଶତାବ୍ଦୀରେ ଖୋର୍ଦ୍ଧା ଭୋଇ ବଂଶର ରାଜା ଦ୍ୱିତୀୟ ରାମଚନ୍ଦ୍ରଦେବ ଇସ୍‌ଲାମଧର୍ମରେ ଦୀକ୍ଷିତହୋଇ ହାଫିଜ କାଦର ବେଗ ନାମରେ ପରିଚିତ ହୋଇଥିଲେ। ସେତେବେଳେ ଜଗନ୍ନାଥ ସଂସ୍କୃତିର, ଭାଗ୍ୟ ଓ ଭବିଷ୍ୟତ ପ୍ରତି ସମଗ୍ର ଉତ୍କଳବାସୀ ବିଶେଷ ସଂଦିଗ୍ଧ ହୋଇ ପଡ଼ିବା ସ୍ୱାଭାବିକମଧ ମାତ୍ର ଦ୍ୱିତୀୟ ରାମଚନ୍ଦ୍ର ଦେବ ଯଦିଓ ପରିସ୍ଥିତି ଚାପରେ ଇସ୍‌ଲାମ ମର୍ଧକୁ ଗ୍ରହଣ କରିବାକୁ ବାଧହୋଇ ଥିଲେ,ତଥାପି ଓଡ଼ିଶା ତଥା ଶ୍ରୀ ଜଗନ୍ନାଥଙ୍କର ସ୍ୱାଧିନତା କଟକର ନାୟବ୍ ନାଜିମ୍ ହିନ୍ଦୁ ବିଦ୍ୱେଷୀ ତକିଖାଁର ଆକ୍ରମଣରୁ ଓଡ଼ିଶା ଓ ଜଗନ୍ନାଥଙ୍କୁ ରକ୍ଷା କରିବା ପାଇଁ ନିରବଚ୍ଛିନ୍ନ ସଂଗ୍ରାମ ଚଳାଇଥିଲେ। ଶ୍ରୀ ମନ୍ଦିରରେ ପ୍ରବେଶ କରିବା ତାଙ୍କୁ ନିଷେଧ କରାଯିବାରୁ ତାଙ୍କର ଜଗନ୍ନାଥଙ୍କ ଦର୍ଶନ ଓ ସେବା ପାଇଁ ସିଂହଦ୍ୱାର ଗୁମୁଟିରେ ଶ୍ରୀ ଜଗନ୍ନାଥଙ୍କ ପତିତପାବନ ମୂର୍ତ୍ତି ସ୍ଥାପିତ ହୋଇଥିଲା।

ଓଡ଼ିଶାକୁ ମୋଗଲମାନଙ୍କ ଆକ୍ରମଣ ବେଳେ ଖୋର୍ଦ୍ଧାର ଗଜପତିମାନେ ଭ୍ରାମ୍ୟମାଣ ଯାଯାବର ପରି ଇତସ୍ତତଃ ଆତ୍ମଗୋପନ ଥିଲେ ତନ୍ମଧ୍ୟରୁ ଅଧିକାଂଶ ସମୟ ଶ୍ରୀ ଜଗନ୍ନାଥ ଶ୍ରୀମନ୍ଦିର ପରିତ୍ୟାଗ କରି ନିଜ୍ଜାମ୍ଭ ଚିଲିକାରେ ବିଭିନ୍ନ ଅନାମଧେୟ ଦ୍ୱୀପମାନଙ୍କରେ ଆତ୍ମଗୋପନ କରିଥିଲେ। ଯବନମାନଙ୍କ ଆକ୍ରମଣରୁ ଆତ୍ମରକ୍ଷା କରିବାପାଇଁ ଶ୍ରୀ ଜଗନ୍ନାଥ କେତେବେଳେ ଦୋବନ୍ଧା ବାଟେ ଚାପରେ ବସି ଚିଲିକା ଗର୍ଭକୁ ଓ ଆଉ କେତେବେଳେ ଚୌଦୋଳାରେ ବସି ଗଞ୍ଜାମ ଜିଲ୍ଲାର ବିସ୍ତୀର୍ଣ୍ଣ ଅରଣ୍ୟାନୀମାନଙ୍କୁ ବୁହାହୋଇ ଯାଇଥିଲେ। ସେଥିପାଇଁ ଜଗନ୍ନାଥଙ୍କ ସେବକମାନଙ୍କ ମଧରେ ଦୁଇଗୋଟି ସ୍ୱତନ୍ତ୍ର ବୃତ୍ତି ଭୋଗୀ ନୂତନ ସେବକ ଗୋଷ୍ଠୀ ସୃଷ୍ଟି କରାଯାଇଥିଲା ଯଥା- ଚାପ ଦଳାଇ ଏବଂ ଅରିଖା ସେବକ। ଆବଶ୍ୟକ ସମୟରେ ଶ୍ରୀକ୍ଷେତ୍ରରୁ ଶ୍ରୀ ଜଗନ୍ନାଥଙ୍କୁ ଚିଲିକା ଗର୍ଭକୁ ସ୍ଥାନାନ୍ତରୀତ କରିବା ପାଇଁ ବର୍ଷସାରା ମାଣିକପାଟଣା ଓ ଖାଲକାଟି ପାଟଣା ଏହି ଦୁଇ ମୁହାଣଠାରେ ବୋଇତ ଚାପଧରି ପ୍ରସ୍ତୁତ କରିବା ସେମାନଙ୍କର ଖଟଣି ଥିଲା। ସେମାନେ ଦୋବନ୍ଧାରେ ମୂର୍ତ୍ତିମାନଙ୍କୁ ଧରି ଚାପରେ ଚିଲିକା ଭିତରକୁ ବୋହି ନେଉଥିଲେ। ଏହି ଭଳି ଭାବରେ ଜାହାଙ୍ଗୀରଙ୍କ ସମୟରୁ ଆରମ୍ଭ କରି ଆଉରଙ୍ଗଦେବଙ୍କ ସମୟ ପର୍ଯ୍ୟନ୍ତ ଏପରିକି ତତ୍‌ପରବର୍ତ୍ତୀ ମୋଗଲ ଶାସକ କାଳରେ ମଧ ମୋଗଲ ସେନାପତିମାନଙ୍କ ଆକ୍ରମଣ ଯୋଗୁଁ ଶ୍ରୀଜଗନ୍ନାଥ ବହୁବାର ଚିଲିକାରେ ଆତ୍ମଗୋପନ କରିଛନ୍ତି। ଦ୍ୱିତୀୟ ରାମଚନ୍ଦ୍ର ଦେବ ଓରଫ ହାଫିଦ୍‌କାବର ବେଗ୍‌ଙ୍କ କାଳରେ ଚିଲିକା ଅନ୍ତର୍ଗତଏହି ପାରିକୁଦ ଅଞ୍ଚଳ ମୋଗଲମାନଙ୍କ ଶାସନ ଅଧିନକୁ ଚାଲିଯାଇଥିଲା। ତେଣୁ ମାଲୁଦଠାରେ କଟକର ନାୟବ ନାଜିକ ତଲିଖାଁର ମୋଗଲ ସୈନ୍ୟବାହିନୀ ସହ ଏକ ଫୌଜଦାର ରହୁଥିଲେ। ସୁତରାଂ ଓଡ଼ିଶାର ଗଜପତି ତଥା ଶ୍ରୀ ଜଗନ୍ନାଥଙ୍କ ପ୍ରତି ଖୋର୍ଦ୍ଧାର ଦକ୍ଷିଣ ସୀମାନ୍ତରେ ମାଲୁଦର ଏହି ଫୌଜଦାର ଏକ ଆତଙ୍କ ଥିଲା। ତଥାପି ଚିଲିକାର ଦକ୍ଷିଣ ଅଗ୍ରଭାଗ ନିକଟବର୍ତ୍ତୀ ବର୍ତ୍ତମାନର ନଳନ୍ଦା ଗ୍ରାମ ନିକଟ " ମାଳକୁଦା" ଗ୍ରାମଟି ଦ୍ୱିତୀୟ ରାମଚନ୍ଦ୍ର ଦେବଙ୍କ ସମୟରେ ବହୁ ଅମ୍ଳାନ ସ୍ମୃତି ପରିବହନ କରିଥିଲା। ବର୍ତ୍ତମାନ ମାଳକୁଦା ଗ୍ରାମଟି ସଂପୂର୍ଣ୍ଣ ବିଲୁପ୍ତ। ଚିଲିକାର ଜଳରାଶି ପରିବେଷ୍ଟିତ ଏହି ମାଳକୁଦା କେତକ ବ୍ୟକ୍ତି ବିଶେଷଙ୍କର କୃଷିକ୍ଷେତ୍ର ତଥା ଚିଙ୍ଗୁଡ଼ିଚାଷ କ୍ଷେତ୍ରରେ ପରିଣତ ହୋଇଅଛି। ମାତ୍ର ଅତୀତରେ ଶ୍ରୀ ଜଗନ୍ନାଥ ବହୁବାର ଏହି ମାଳକୁଦା ଗ୍ରାମରେ ଆତ୍ମଗୋପନ କରିଥିଲେ। ସେଥିପାଇଁ ମାଳକୁଦା ଗ୍ରାମରେ ଏକ କ୍ଷୁଦ୍ର ଜଗନ୍ନାଥ ମନ୍ଦିର ନିର୍ମିତ ହୋଇଥିଲା। ଶ୍ରୀଜଗନ୍ନାଥଙ୍କ ଆତ୍ମଗୋପନ ସମୟ ବ୍ୟତୀତ ଅନ୍ୟ ସମୟରେ

Digitized by srujanika@gmail.com

ଏହି ମନ୍ଦିର ଖାଲି ପଡିରହେ । ଶ୍ରୀ ଜଗନ୍ନାଥଙ୍କ କ୍ଷେତ୍ର ସମେତ ଖୋର୍ଦ୍ଧା ରାଜାଙ୍କୁ ମୋଗଲମାନଙ୍କ ଦୃଷ୍ଟିରୁ ନିରାପଦରେ ରଖିବାପାଇଁ ଆକବରଙ୍କ ସେନାପତି ମାନସିଂହ ଖୋର୍ଦ୍ଧାର ସ୍ୱାଧିନତା ସ୍ୱୀକାର କରିବା ସଙ୍ଗେ ସଙ୍ଗେ ଏହାକୁ ଏକ ବନ୍ଧୁରାଷ୍ଟ୍ର ରୂପେ ଘୋଷଣା କରିଥିଲେ । ଦିବ୍ୟସିଂହଦେବଙ୍କ ସାତଅଙ୍କରେ ମୋଗଲମାନଙ୍କ ପୁରୀ ଆକ୍ରମଣବେଳେ ଶ୍ରୀ ଜଗନ୍ନାଥ ଚିଲିକା ଭିତରେ ଆସି ପୂର୍ବୋକ୍ତ ମାଳକୁଦାଠାରେ ଆତ୍ମଗୋପନ କରିଥିଲେ । ଶେଷରେ ରାମଚନ୍ଦ୍ର ଦେବ ଓରଫ ହାଫିଦ କାଦର ବେଗ୍‌ଙ୍କ ସମୟରେ ତକିଖାଁ ଆକ୍ରମଣରୁ ଶ୍ରୀ ଜଗନ୍ନାଥଙ୍କୁ ରକ୍ଷା କରିବା ପାଇଁ ରାମଚନ୍ଦ୍ରଦେବ ଜଗନ୍ନାଥ, ବଳଭଦ୍ର ଓ ସୁଭଦ୍ରାଙ୍କ ମୂର୍ତ୍ତି ଚାପରେ ଆଣି ଏହି ଗୁରୁବାଇଠାରେ ଲୁଚାଇ ରଖିଥିଲେ । ଏଠାରେଏକ ଲୋଟଣି ବରଗଛ ମୂଳେ ଏକ ମଣ୍ଡପ ନିର୍ମାଣ କରାଯାଇଥିଲା । ତତ୍‌ପରେ ନବାବ୍‌ଙ୍କ

ସହକାରୀ ମିର୍ ହବିବ୍‌ଙ୍କ ନିର୍ଦ୍ଦେଶରେ ଜଗନ୍ନାଥଙ୍କୁ ପୁରୀକୁ ଅଣାଗଲା । ଜଗନ୍ନାଥ ୧୪ଥର ଶ୍ରୀକ୍ଷେତ୍ରରୁ ସ୍ଥାନାନ୍ତରିତ ହୋଇ ଶ୍ରୀମନ୍ଦିରରେ ପୁନଃ ସଂସ୍ଥାପିତ ହେବା ଅବସରରେ ୧୨ଥର ଚିଲିକା ହ୍ରଦ ବକ୍ଷରେ ନୌକା ଯାତ୍ରା କରି ଚିଲିକାକୁ ଏକ ନୈସର୍ଗିକ ଭାକ୍ତିକତାର ମାନ୍ୟତା ଦେଇଥିବାର ପ୍ରମାଣ ରହିଛି ।

ପର୍ଯ୍ୟଟନ କେନ୍ଦ୍ର ଚିଲିକା

କାଳିଜାଈ

ଚିଲିକାର ଆରାଧ୍ୟଦେବୀ କାଳିଜାଈଙ୍କ ପୀଠକୁ ନୌବିହାର କରି ପରିଭ୍ରମଣରେ ଯିବା ହେଉଛି ପର୍ଯ୍ୟଟକଙ୍କର ମୂଖ୍ୟ ଉଦ୍ଦେଶ୍ୟ । କାଳିଜାଈ ହେଉଛି ଚିଲିକାର ଅଧିଷ୍ଠିତ ଦେବୀ । ଯିଏ ହେଉଛନ୍ତି ମହାଶକ୍ତି ମୟୀ, ନାବିକମାନଙ୍କର ଆରାଧ୍ୟାଦେବୀ । ଓଡିଶାର ଚିଲିକା ନୌବାଣିଜ୍ୟ ଯୁଗର ସର୍ବ ମଙ୍ଗଳା । କେଉଁ ଆବାହମାନ କାଳରୁ ଆରମ୍ଭ କରି ଆଜିର ଯୁଗ ପର୍ଯ୍ୟନ୍ତ ଚିଲିକା ନୌଯାତ୍ରା ଆରମ୍ଭରେ ଯାତ୍ରୀମାନଙ୍କ ମୁଖରୁ ଆଦ୍ୟବାଣି ସ୍ୱରୂପ ମା'କାଳିଜାଈ ଉଚ୍ଚାରଣ ହୁଏ । କାଳିଜାଈ ଠାକୁରାଣିଙ୍କ କିମ୍ବଦନ୍ତୀକୁ ପାଥେୟ କରି ପଣ୍ଡିତ ଗୋଦାବରୀଶ ମିଶ୍ର "କାଳିଜାଈ" ନାମକ ଏକ ସୁନ୍ଦର କବିତା ରଚନା କରିଛନ୍ତି । ସେହି କବିତାର କାହାଣୀ ଅନୁସାରେ ବାଣପୁର ଅଞ୍ଚଳର ଜାଇ ନାମ୍ନୀ କଳାରଙ୍କର ଝିଅଟି ବାହାହୋଇ ନିଜର ଶ୍ୱଶୁରାଳୟ ପାରିକୁଦକୁ ବାପାଙ୍କ ସହିତ ଯାଉଥିବା

Digitized by srujanika@gmail.com

ବେଳେ ହଠାତ୍ ଝଡବର୍ଷାରେ ଡଙ୍ଗାଟି ଚୁର୍‌ମାର୍ ହୋଇଯାଇଥିଲା ଓ ଡଙ୍ଗାଟି ବୁଡିଗଲା ପରେ ଝଡବର୍ଷା ଥମି ଯାଇଥିଲା । ବର୍ଷା ପରେ ଦେଖିଲାବେଳକୁ ବାପା ଏବଂ ନାବିକ ବଞ୍ଚିଯାଇଥିଲେ କିନ୍ତୁ ତାଙ୍କର କୌଣସି ସନ୍ଧାନ ମିଳିନଥିଲା । ଅନେକ ଦିନପରେ ସେହି ପାହାଡ ଦେଇ ଯାଉଥିବା ନାବିକମାନେ ତାଙ୍କପରି ଝିଅଟିଏ ଅନବରତ କାନ୍ଦୁଥିବାର ଦେଖିଥିଲେ । ଲୋକେ କହିଲେ ଏହା ତାଙ୍କର ଅତୃପ୍ତ ଆତ୍ମା । ସେହି ଦିନଠାରୁ ତାଙ୍କ ନାମ୍ନୀ ସେହି କାଳି ଝିଅଟିଏ କାଳିଜାଇ ନାମରେ ପୂଜା ପାଉଛି ।

ହନିମୁନ୍‌କୁଦ

ରମ୍ଭାଠାରୁ ଅଳ୍ପ ଦୂରରେ ଜଳପଥରେ ଗଲେ ପଡ଼ିବ ହନିମୁନ୍‌କୁଦ । ପୂର୍ବେ ରାଜାରାଜୁଡୀ ସମୟରେ ଏବଂ ଇଂରେଜମାନଙ୍କ ସମୟରେ ଏହି ନିର୍ଜନ ସ୍ଥାନଟିକୁ ମଧୁଚନ୍ଦ୍ରିକା ପାଇଁ ବ୍ୟବହାର କରୁଥିଲେ । ସେହି କୁଦରେ ପ୍ରେମୀଯୁଗଳ ରାତ୍ରିରେ ଅବସ୍ଥାନ ପାଇଁ ଇଂରେଜ ଅଫିସରମାନଙ୍କ ଦ୍ୱାରା ଏକ କୋଠରୀ ନିର୍ମାଣ କରାଯାଇଥିଲା । ଯାହାର ଭଗ୍ନାଂଶ ଏବେବି ପରିଦୃଷ୍ଟ ହୁଏ ।

ବ୍ରେକଫାଷ୍ଟ୍‌କୁଦ

ହନିମୁନ୍ କୁଦ ନିକଟରେ ଏହି ବ୍ରେକ୍‌ଫାଷ୍ଟ୍ କୁଦ ଅବସ୍ଥିତ । ହନିମୁନ୍ ପାଇଁ ଯାଇଥିବା ପ୍ରେମୀ ଯୁଗଳଙ୍କ ଖାଇବା ନିମନ୍ତେ ଏହି କୁଦରେ ବ୍ୟବସ୍ଥା କରାଯାଇଥିଲା । ପ୍ରେମୀଯୁଗଳଙ୍କୁ ନେଇ ଯାଇଥିବା ନାଉରିଆ, ରାନ୍ଧୁଣିଆ ଓ ଅନ୍ୟାନ୍ୟ କର୍ମଚାରୀ ପ୍ରେମୀଦ୍ୱୟଙ୍କୁ ହନିମୁନ୍ କୁଦରେ ଛାଡିଦେଇ ଫେରି ସେମାନେ ଆସୁଥିଲେ ଏହି ବ୍ରେକ୍‌ଫାଷ୍ଟ୍ କୁଦକୁ । ସେଠାରେ ରୋଷେଇର ସମସ୍ତ ବ୍ୟବସ୍ଥା କରାଯାଇଥିଲା ।

ଦ୍ୱୀପ ପାହାଡ

ବାଲୁଗାଁର ଉତ୍ତର ପୂର୍ବ ଦିଗରେ ଏହି ପାହାଡ ଅବସ୍ଥିତ । ଏହି ପାହାଡର ପାଦଦେଶରେ କଳିଯୁଗେଶ୍ୱର ମନ୍ଦିର ଥିବା ଯୋଗୁଁ ଏହି ପାହାଡକୁ କଳିଯୁଗେଶ୍ୱର ପାହାଡ ମଧ କୁହାଯାଇଥାଏ । ଏହି ପାହାଡଟି ପୂର୍ବେ ନାବିକମାନଙ୍କର ବତୀଘର ଥିଲା । ଏହି ସ୍ଥାନକୁ ଚିଲିକା ମଧଦେଇ ଜଳପଥରେ ଏବଂ ଘିଅଗଲା ଗ୍ରାମ ଦେଇ ସ୍ଥଳପଥରେ ଯାତାୟତର ସୁବିଧା ଅଛି ।

ଭାସରେଇ ପାହାଡ

ଏହି ପାହାଡ ଗଂଗାଧରପୁର ରେଳ ଷ୍ଟେସନଠାରୁ ୫ କି.ମି. ପୂର୍ବରେ ଥିବା ନଇରୀ ଗ୍ରାମ ନିକଟରେ ଅବସ୍ଥିତ । ଏହି ଅଞ୍ଚଳ ମା କାଳିଜାଈ ମନ୍ଦିରଠାରୁ ଦୂରରେ ରହୁଥିବାରୁ ଏଠାକାର ମତ୍ସ୍ୟଜୀବୀଗଣ ମା କାଳିଜାଈଙ୍କ ଅନୁରୂପ ମା ଭାସରେଇଙ୍କ ପ୍ରତିମା ରଖି ପୂଜା ଅର୍ଚ୍ଚନା କରୁଥିଲେ । ଏହି ପାହାଡ ନିକଟରେ କାଙ୍କଣକୁଦ ଅବସ୍ଥିତ । ଏହି କୁଦରେ ପ୍ରଚୁର କାଙ୍କଡ ଫଳୁଥିବାରୁ ଏହାର ନାମକରଣ ଏପରି କରାଯାଇଛି । ପୂର୍ବେ

Digitized by srujanika@gmail.com

ଧୀବରମାନେ ଏଠାରୁ ବର୍ଷର ପ୍ରଥମ ଫଳ ତୋଳି, ଡଙ୍ଗାରେ ଭର୍ତ୍ତିକରି ଜଗନ୍ନାଥଙ୍କ ରୋଷେଇଶାଳାକୁ ପଠାଉଥିଲେ ।

ଜଟିଆନାସୀ ପାହାଡ

ଏହି ପାହାଡଟି ଖୋର୍ଦ୍ଧା ଓ ଗଞ୍ଜାମ ଜିଲ୍ଲାର ସୀମାରେ ଅବସ୍ଥିତ ଏବଂ ବାଲୁଗାଁଠାରୁ ଏହାର ଦୂରତ୍ୱ ପ୍ରାୟ ୬କି.ମି. । ଏହି ପାହାଡଟି ଏକ ଜଟ ସଦୃଶ ଲମ୍ବା ହୋଇ ଚିଲିକା ମଧ୍ୟକୁ ପଶି ଯାଇଥିବାରୁ ଏହାର ନାମ କରଣ ଏପରି କରାଯାଇଛି । ଏହି ପାହାଡର ପାଦ ଦେଶରେ ଭାରତୀୟ ନୌତାଲିମ ଶିବିର ସ୍ଥାପନ କରାଯାଇଛି ।

ଚଢେଇ ହଗା ପାହାଡ

ଚିଲିକା ମଧ୍ୟରେ ଭ୍ରମଣ କରୁଥିବା ସମୟରେ ଯେଉଁ ଧବଳ ବର୍ଣ୍ଣର ପାହାଡଟିଏ ସମସ୍ତଙ୍କର ଦୃଷ୍ଟି ଆକର୍ଷଣ କରେ ତାହା ହେଉଛି ଚଢେଇ ହଗା ପାହାଡ । ପକ୍ଷୀମାନେ ଦିନସାରା ଖାଦ୍ୟ ସଂଗ୍ରହ କରି ଅପରାହ୍ନରେ ଏଠାରେ ବିଶ୍ରାମ ନିଅନ୍ତି । ବିଶ୍ରାମ ସମୟରେ ପକ୍ଷୀମାନେ ଏହିଠାରେ ମଳତ୍ୟାଗ ମଧ୍ୟ କରିଥାନ୍ତି । ଚଢେଇମାନେ ଏହି ପାହାଡରେ ଧାରାବାହିକ ମଳତ୍ୟାଗ କରି ତାହାକୁ ଧବଳ ବର୍ଣ୍ଣ କରି ଦେଇଛନ୍ତି ବୋଲି ଜନଶ୍ରୁତି ରହିଛି ।

ବାଲୁଙ୍କେଶ୍ୱର ଦେବ

ପରଳାରେ ଅବସ୍ଥିତ ଏହି ଶିବ ମନ୍ଦିରଟି । ଏହା ଏକ ତୀର୍ଥସ୍ଥାନ ।

ପୀରବାବା



ଭଗବାନପୁରରେ ଅବସ୍ଥିତ ଓଡିଶାର ଐତିହ୍ୟଏହି ମସଜିଦ୍ । ହିନ୍ଦୁ ମୁସଲମାନ ଜାତି, ଧର୍ମ ଭୁଲି ଭାବବିହ୍ୱୋଳ ହୋଇ ଏକାଠି ପୂଜା ଅର୍ଚ୍ଚନା କରିଥାନ୍ତି ।

ଚିଲିକା ଏବଂ ଏହାର ନିକଟବର୍ତ୍ତି ଅଞ୍ଚଳରେ ଅବସ୍ଥିତ ଅନ୍ୟାନ୍ୟ ମନ୍ଦିର ଏବଂ ତିର୍ଥସ୍ଥଳି ନାମ ନିମ୍ନରେ ଦିଆଗଲା ।

Digitized by srujanika@gmail.com

ଚିଲିକା ଏବଂ ଏହାର ନିକଟବର୍ତ୍ତୀ ଅଞ୍ଚଳରେ ଅବସ୍ଥିତ ତୀର୍ଥସ୍ଥଳୀ ଓ ପର୍ଯ୍ୟଟନ କେନ୍ଦ୍ରର ନାମ

କ୍ର. ନଂ	ସ୍ଥାନର ନାମ	ଅବସ୍ଥିତ ଗ୍ରାମର ନାମ	ତୀର୍ଥସ୍ଥଳୀ	ପର୍ଯ୍ୟଟନ କେନ୍ଦ୍ର
୧.	ବାଲି ହରଚଣ୍ଡି	ପଲଙ୍କ	ତୀର୍ଥସ୍ଥଳୀ	ପର୍ଯ୍ୟଟନ କେନ୍ଦ୍ର
୨.	ଅଲାରନାଥ	ବ୍ରହ୍ମଗିରି	ତୀର୍ଥସ୍ଥଳୀ	----
୩.	ଯୁଧିଷ୍ଠିର ଦେବ	ସୁନା ମୁହିଁ	ତୀର୍ଥସ୍ଥଳୀ	----
୪.	ଭୀମେଶ୍ୱର	ଚାପମାଣିକ	ତୀର୍ଥସ୍ଥଳୀ	ପର୍ଯ୍ୟଟନ କେନ୍ଦ୍ର
୫.	ନକୁଳେଶ୍ୱର	ସୁନାମୁହିଁ	ତୀର୍ଥସ୍ଥଳୀ	----
୬.	ଅର୍ଜୁନେଶ୍ୱର	କାଳିକା ବାଡି	ତୀର୍ଥସ୍ଥଳୀ	ପର୍ଯ୍ୟଟନ କେନ୍ଦ୍ର
୭.	ସହଦେବଶ୍ୱର	ଅରଖକୁଦା	ତୀର୍ଥସ୍ଥଳୀ	ପର୍ଯ୍ୟଟନ କେନ୍ଦ୍ର
୮.	ପୀରବାବା	ଭଗବାନପୁର	ତୀର୍ଥସ୍ଥଳୀ	----
୯.	ଭାବକୁଣ୍ଡଳେଶ୍ୱର	ମାଣିକ ପାଟଣା	ତୀର୍ଥସ୍ଥଳୀ	----
୧୦.	ମାଣିକା (ବୃନ୍ଦାବତୀ)	ମାଣିକ ପାଟଣା	ତୀର୍ଥସ୍ଥଳୀ	ପର୍ଯ୍ୟଟନ କେନ୍ଦ୍ର
୧୧.	ନୀଳକଣ୍ଠେଶ୍ୱର	ଗବକୁଣ୍ଡ	ତୀର୍ଥସ୍ଥଳୀ	----
୧୨.	ସୋମନାଥଦେବ	ବାଘମୁଣ୍ଡା, ନୂଆଗାଁ	ତୀର୍ଥସ୍ଥଳୀ	----
୧୩.	ନୀଳମାଧବ	ନୂଆଗାଁ	ତୀର୍ଥସ୍ଥଳୀ	----
୧୪.	ସାତପଡା	ସାତପଡା	-------	ପର୍ଯ୍ୟଟନ କେନ୍ଦ୍ର
୧୫.	ଚଉବର	ଆଳୁପାଟଣା	ତୀର୍ଥସ୍ଥଳୀ	----
୧୬.	ଦୁଆରଗୁଣୀ	ଗମ୍ଭାରୀ	ତୀର୍ଥସ୍ଥଳୀ	----
୧୭.	ହରିଶ୍ୱରଦେବ	ପଣସପଦା	ତୀର୍ଥସ୍ଥଳୀ	----
୧୮.	ଗୁରୁବାଇ ଠାକୁରାଣୀ	ଚଣ୍ଡିଖୋଳ	ତୀର୍ଥସ୍ଥଳୀ	----
୧୯.	ସର୍ବେଶ୍ୱର ଦେବ	ମଏଁଷା	ତୀର୍ଥସ୍ଥଳୀ	----
୨୦.	ରଘୁନାଥ ଦେବ	ବରହମପୁର	ତୀର୍ଥସ୍ଥଳୀ	----
୨୧.	ନବଗ୍ରହ	ବରହମପୁର	ତୀର୍ଥସ୍ଥଳୀ	----
୨୨.	ବନଦୁର୍ଗା	ବରହମପୁର	ତୀର୍ଥସ୍ଥଳୀ	----
୨୩.	ନୂଆମୁହାଣ	ସିପକୁଦା	----	ପର୍ଯ୍ୟଟନ କେନ୍ଦ୍ର
୨୪.	ରାଜହଂସ	ବରହମପୁର	----	ପର୍ଯ୍ୟଟନ କେନ୍ଦ୍ର
୨୫.	ବରୁଣେଇ	ଖଟିସାହି	ତୀର୍ଥସ୍ଥଳୀ	----
୨୬.	ଗାଦିବ୍ରହ୍ମ	ଖଟିସାହି	ତୀର୍ଥସ୍ଥଳୀ	----
୨୭.	ମା' ଚର୍ଚ୍ଚିକା	ଗୁରୁବାଇ	ତୀର୍ଥସ୍ଥଳୀ	----
୨୮.	ଜଗନ୍ନାଥ ଦେବ	ଗୁରୁବାଇ	ତୀର୍ଥସ୍ଥଳୀ	----
୨୯.	ଭୁବନେଶ୍ୱରୀ	ଭବାନୀପୁର	ତୀର୍ଥସ୍ଥଳୀ	----
୩୦.	ବାଲୁଙ୍କେଶ୍ୱର ଦେବ	ପରଳା	ତୀର୍ଥସ୍ଥଳୀ	----
୩୧.	ହରଚଣ୍ଡି	ନୂଆପଡା	ତୀର୍ଥସ୍ଥଳୀ	----

Digitized by srujanika@gmail.com

୩୨.	ଘୁଣ୍ଡେଶ୍ୱରଦେବ	ନୂଆପଡା	ତୀର୍ଥସ୍ଥଳୀ	----
୩୩.	ମହାବୀର	କୁରୁପାଳ	ତୀର୍ଥସ୍ଥଳୀ	----
୩୪.	ଚଣ୍ଡିଠାକୁରାଣୀ	ମର୍କରାଜପୁର	ତୀର୍ଥସ୍ଥଳୀ	----
୩୫.	ଝାଡେଶ୍ୱରଦେବ	ବଡଝାଡ	ତୀର୍ଥସ୍ଥଳୀ	----
୩୬.	ବାଲୁଙ୍କେଶ୍ୱରଦେବ	ଗୋଲପୁର	ତୀର୍ଥସ୍ଥଳୀ	----
୩୭.	ରାଧାକାନ୍ତଦେବ	ଜହ୍ଲିକୁଦା	ତୀର୍ଥସ୍ଥଳୀ	----
୩୮.	ମୋହନଗୋସାମୀ	ଜହ୍ଲିକୁଦା	ତୀର୍ଥସ୍ଥଳୀ	----
୩୯.	ମରିଚେଇ	ଜହ୍ଲିକୁଦା	ତୀର୍ଥସ୍ଥଳୀ	----
୪୦.	ମା ଡୋମଣେଇ	ଝାରକଟା	ତୀର୍ଥସ୍ଥଳୀ	----
୪୧.	ବଟେଶ୍ୱର ଦେବ	ଗୋ ମଣ୍ଡିଆ	ତୀର୍ଥସ୍ଥଳୀ	----
୪୨.	ମା ସଞ୍ଜିବନୀ	ଗୋ ମଣ୍ଡିଆ	ତୀର୍ଥସ୍ଥଳୀ	----
୪୩.	ରଘୁନାଥଦେବ	କମଲାସିଂ	ତୀର୍ଥସ୍ଥଳୀ	----
୪୪.	କମଳେଶ୍ୱରଦେବ	ଦେଉଳପଡା	ତୀର୍ଥସ୍ଥଳୀ	----
୪୫.	ଗୋପୀନାଥଦେବ	ବାଲିଜଗନ୍ନାଥପୁର	ତୀର୍ଥସ୍ଥଳୀ	----
୪୬.	ପଣ୍ଡଶ୍ୱରୀ	ତିତିପ	ତୀର୍ଥସ୍ଥଳୀ	----
୪୭.	ତ୍ରିଲୋଚନଶ୍ୱର	ତିଛିଣି	ତୀର୍ଥସ୍ଥଳୀ	----
୪୮.	ନୀଳକଣ୍ଠେଶ୍ୱରେ	କୃଷ୍ଣପ୍ରସାଦଗଡ	ତୀର୍ଥସ୍ଥଳୀ	----
୪୯.	ଗାଦିଶ୍ୱରେ	କୃଷ୍ଣପ୍ରସାଦଗଡ	ତୀର୍ଥସ୍ଥଳୀ	----
୫୦.	ଦଧିବାବନ ଦେବ	କୃଷ୍ଣପ୍ରସାଦଗଡ	ତୀର୍ଥସ୍ଥଳୀ	----
୫୧.	ରାଜାଙ୍କ ନବର	କୃଷ୍ଣପ୍ରସାଦଗଡ	----	ପର୍ଯ୍ୟଟନ କେନ୍ଦ୍ର
୫୨.	କାଳିଜାଇ	କାଳିଜାଇ	ତୀର୍ଥସ୍ଥଳୀ	ପର୍ଯ୍ୟଟନ କେନ୍ଦ୍ର
୫୩.	କନକେଶ୍ୱର	ସିଆଳ	ତୀର୍ଥସ୍ଥଳୀ	ପର୍ଯ୍ୟଟନ କେନ୍ଦ୍ର
୫୪.	ବଟେଶ୍ୱର ଦେବ	ମୋରଡା	ତୀର୍ଥସ୍ଥଳୀ	ପର୍ଯ୍ୟଟନ କେନ୍ଦ୍ର
୫୫.	ଆଖଣ୍ଡଳେଶ୍ୱର	ଗୋପାଳପୁର	ତୀର୍ଥସ୍ଥଳୀ	----
୫୬.	ଜଗତେଶ୍ୱର	ନବା	ତୀର୍ଥସ୍ଥଳୀ	----
୫୭.	କୁଞ୍ଜେଶ୍ୱର	ବଳୁକୋଟ	ତୀର୍ଥସ୍ଥଳୀ	----
୫୮.	ଉଗ୍ରତାରା	ଭୁଷଣ୍ଡପୁର	ତୀର୍ଥସ୍ଥଳୀ	----
୫୯.	କେଦାରଶ୍ୱର	ଜରିପଡ଼ା	ତୀର୍ଥସ୍ଥଳୀ	----
୬୦.	ଭଗବତୀ	ବାଣପୁର	ତୀର୍ଥସ୍ଥଳୀ	ପର୍ଯ୍ୟଟନ କେନ୍ଦ୍ର
୬୧.	ବୋଇତିଆ ଦୁର୍ଗ	ଚଣ୍ଡେଶ୍ୱର	ତୀର୍ଥସ୍ଥଳୀ	----
୬୨.	ଉମାମହେଶ୍ୱର ଦେବ	ବାଲୁଗାଁ	ତୀର୍ଥସ୍ଥଳୀ	----
୬୩.	ନାରାୟଣୀ	ଭାଲେରୀ ପାହାଡ଼	ତୀର୍ଥସ୍ଥଳୀ	ପର୍ଯ୍ୟଟନ କେନ୍ଦ୍ର
୬୪.	ନାଭାଲକେନ୍ଦ୍ର	ବାଲୁଗାଁ	[redacted]	ପର୍ଯ୍ୟଟନ କେନ୍ଦ୍ର
୬୫.	ନିର୍ମଳଝର	ଖଲିକୋଟ	ତୀର୍ଥସ୍ଥଳୀ	ପର୍ଯ୍ୟଟନ କେନ୍ଦ୍ର

Digitized by srujanika@gmail.com

Childrens are helping their fathers in fishing inside the Chilika Lagoon

Favourable indicators of wetlands developed in the Northen sector of Chilika Lagoon

Co-operation :
RCJ, JAPAN
& CDA, BHUBANESWAR

Support :
JFGE, JAPAN

Printed by:
PALLISHREE
BHUBANESWAR

Digitized by srujanika@gmail.com